

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୮ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 December 2025

Vol.No. 36 ■ No.341 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ପ୍ରଧାନମନ୍ତ୍ରୀ ଏବଂ ଆରଏସଏସକୁ ପ୍ରଶଂସା କଲେ ଦିଗବିଜୟ





ନୂଆଦିଲ୍ଲୀ,୨୭/୧୨ : ବରିଷ୍ଠ କଂଗ୍ରେସ ନେତା ଏବଂ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଫଟୋ ସେୟାର କରିଛନ୍ତି ଯାହା ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରାୟତଃ ନିଜର ସ୍ପଷ୍ଟ ମନ୍ତବ୍ୟ ପାଇଁ ଶିରୋନାମା ପାଲଟିଥିବା ଦିଗବିଜୟ ସିଂହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏକ ପୁରୁଣା ଫଟୋ ସେୟାର କରିଛନ୍ତି। ଫଟୋରେ ପ୍ରଧାନମନ୍ତ୍ରୀ ମୋଦୀ ଲାଲକୃଷ୍ଣ ଆଡୱାଣୀଙ୍କ ପାଦ ପାଖରେ ଭୂମିରେ ବସିଥିବାର ଦେଖାଯାଉଛି। ଦିଗବିଜୟ ସିଂହ ଫଟୋର କ୍ୟାପସନରେ ଲେଖିଛନ୍ତି, 'ଜଣେ ଆରଏସଏସ ତୃଣମୂଳ ସ୍ୱେଚ୍ଛାସେବକ ଏବଂ ଜଣେ ବିଜେପି ତୃଣମୂଳ କର୍ମୀ ଭୂମିରେ ବସି ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ହୋଇଥିଲେ... ଏହା ସଂଗଠନର ଶକ୍ତି।' ବରିଷ୍ଠ କଂଗ୍ରେସ ନେତା ଦିଗବିଜୟ ସିଂହ ୧୯୯୦ ଦଶକର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ କଳା ଧଳା ଫଟୋ ସେୟାର କରି ବିଜେପି ଏବଂ ଏହାର ଆଦର୍ଶଗତ ପିତା ଆରଏସଏସ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ)ର ପ୍ରଶଂସା କରିଛନ୍ତି। ଏହା ଉଲ୍ଲେଖନୀୟ ଯେ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂହ Quoraରେ ଏକ ସ୍କ୍ରିନସଟ୍ ପୋଷ୍ଟ କରିଛନ୍ତି ଯେଉଁଥିରେ ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀ ଗୁଜୁରାଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାର ଦେଖାଯାଇଛି। ସ୍କ୍ରିନସଟ୍‌ରେ ଜଣେ ଯୁବ ପ୍ରଧାନମନ୍ତ୍ରୀ ମୋଦି ଆଡଭାନୀଙ୍କ ପାଖରେ ଭୂମିରେ ବସିଥିବାର ଦେଖାଯାଇଛି। ଫଟୋଗ୍ରାଫଗୁଡ଼ିକ ବିଷୟରେ ଦିଗବିଜୟ ସିଂହ କହିଛନ୍ତି ଯେ, ସେ ନେତାଙ୍କ ପାଦତଳେ ବସି ଜଣେ ସରଳ ସ୍ୱେଚ୍ଛାସେବକ କିପରି ମୁଖ୍ୟମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ସେ ବିଷୟରେ କହିଥିଲେ। ସେ ଆରଏସଏସ ଏବଂ ବିଜେପିକୁ ପ୍ରଶଂସା କରି, ଉଲ୍ଲେଖ କରିଛନ୍ତି, ତୃଣମୂଳ ସ୍ତରର କର୍ମୀମାନେ, ଯେଉଁମାନେ ଥରେ ଭୂମିରେ ବସିଥିଲେ, ସେମାନେ କିପରି ଆରଏସଏସ-ବିଜେପି ଢାଞ୍ଚାରେ ଉଠି ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ସୋସିଆଲ ମିଡିଆ 'X'ରେ ଫଟୋ ସେୟାର କରି ସେ ଲେଖିଛନ୍ତି, 'ମୁଁ ଏହି ଫଟୋକୁ Quoraରେ ପାଇଲି। ଏହା ବହୁତ ପ୍ରଭାବଶାଳୀ।

◆◆ପୃଷ୍ଠା ୭

## ବାଲେଶ୍ୱର ଭାସ୍କରଗଞ୍ଜ ହୋଟେଲ୍‌ରେ ହତ୍ୟାକାଣ୍ଡ : ସାଙ୍ଗ ଅଟକ, ମହିଳା ଫେରାର

ବାଲେଶ୍ୱର, ୨୭/୧୨ (ନି.ପ୍ର): ହୋଟେଲ ଭିତରେ ଯୁବକଙ୍କୁ ହତ୍ୟା । ବାଲେଶ୍ୱର ଭସ୍କରଗଞ୍ଜ ଛକ ତଥା ନୂଆସାହି ଯିବା ରାସ୍ତାରେ ଥିବା ଏକ ହୋଟେଲ୍‌ରେ ଘଟିଛି ହତ୍ୟାକାଣ୍ଡ। ପୁଲିସ ଏ ମାମଲାରେ ମୃତକଙ୍କ ସାଙ୍ଗକୁ ଅଟକ ରଖିଥିବା ବେଳେ ମାମଲାରେ ଜଣେ ମହିଳା ଫେରାର ଅଛନ୍ତି।..ଡିସେମ୍ବର ୨୫ ରାତି ପ୍ରାୟ ୯ଟା । ଦୁଇଜଣ ପୁରୁଷ ଓ ଜଣେ ମହିଳା ହୋଟେଲକୁ ଆସି ଟ୍ରିପଲ ବେଡରୁମ ନେଇଥିଲେ। ପରୀକ୍ଷା ଦେବାକୁ ଆସିଥିବା କହି ରୁମ୍ ନମ୍ବର ୫୦୨ରେ ରହିଥିଲେ। ଗତକାଲି ଅପରାହ୍ନ ପ୍ରାୟ ୩ଟାରେ ହୋଟେଲ୍ କର୍ମଚାରୀ କବାଟ ଅଧାଖୋଲା ଥିବା ଦେଖିଥିଲେ । ରୁମ୍ ଭିତରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପରିବାର ଲୋକେ ଆସିବା ପରେ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ହୋଟେଲ୍ ରୁମ୍ ଖୋଲାଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ମୃତକ ବେତନଟୀ ଅଞ୍ଚଳର ଆକାଶ ମହାନ୍ତ ବୋଲି ଜଣାପଡ଼ିଛି । ଆକାଶ ୧୪ବର୍ଷ ପୂର୍ବେ ବାହା ହେଇଛନ୍ତି । ସେ ହୋମଗାର୍ଡ ପରୀକ୍ଷା ଆଡମିଟ୍ କାର୍ଡ ନେବାକୁ ବାଇକ୍‌ରେ ସାଙ୍ଗ ରାମ ସହ

◆◆ପୃଷ୍ଠା ୭

## ୩ ଦିନିଆ ଓଡ଼ିଶା ଗସ୍ତରେ ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର



ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଗସ୍ତର ପ୍ରଥମ ଦିନ ସେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ପରେ ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର କୋଣାର୍କ ଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି କମିସନର ଜ୍ଞାନେଶ କୁମାର ଓଡ଼ିଶାର ପ୍ରସିଦ୍ଧ ଐତିହ୍ୟ ଓ ସଂସ୍କୃତିକ କ୍ଷେତ୍ର ରଘୁରାଜପୁର, ଧଉଳି, ଖଣ୍ଡଗିରି, ଉଦୟଗିରି ଏବଂ ମୁକ୍ତେଶ୍ୱର ମନ୍ଦିର ପରିଦର୍ଶନ କରିବେ। ଏହି ଗସ୍ତ ମାଧ୍ୟମରେ ସେ ଓଡ଼ିଶାର ଐତିହ୍ୟ, କଳା ଓ ପରମ୍ପରାକୁ ନିକଟରୁ ଜାଣିବାର ସୁଯୋଗ ପାଇବେ।

◆◆ପୃଷ୍ଠା ୭


## ଫରେଷ୍ଟର ନିରଂଜନ ଶତପଥୀ ଗିରଫ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଫରେଷ୍ଟର ନିରଂଜନ ଶତପଥୀ ଗିରଫ । ଓଡ଼ିଶା ଭିଜିଲାନ୍ସ କୋରାପୁଟ ବନ ଡିଭିଜନ ଅନ୍ତର୍ଗତ ସେମିଲିଗୁଡା ବନାଂଚଳରେ ପଦସ୍ଥ ବନରକ୍ଷୀ (ଫରେଷ୍ଟର) ଶ୍ରୀ ନିରଞ୍ଜନ ଶତପଥୀଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା (ଡିଏ) ମାମଲାରେ ଗିରଫ କରିଛି। ତାଙ୍କୁ ଆଜି ବିଶେଷ ନ୍ୟାୟାଧୀଶ, ଭିଜିଲାନ୍ସ, ଭୁବନେଶ୍ୱର ଅଦାଲତରେ ହାଜର କରାଯିବ। ଏହି ସୂଚନା ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ହୋଇଥିବା ଏକ ପ୍ରେସ ବିଜ୍ଞପ୍ତିରେ ଦିଆଯାଇଛି।

ଭିଜିଲାନ୍ସ ଅଧିକାରୀମାନଙ୍କ ଦ୍ୱାରା ଅଭିଯୁକ୍ତ ସହ ସମ୍ପୃକ୍ତ ବିଭିନ୍ନ ଠିକଣାରେ କରାଯାଇଥିବା ତଲାସୀ ସମୟରେ, ଶ୍ରୀ ଶତପଥୀଙ୍କ ପାଖରେ ତାଙ୍କର ଜଣାଶୁଣା ଆୟ ସ୍ରୋତଠାରୁ ଅନେକ ଗୁଣା ଅଧିକ ସମ୍ପତ୍ତି ଥିବା ଅଭିଯୋଗ ଆସିଛି, ଯାହା ସମ୍ପର୍କରେ ସେ ସନ୍ତୋଷଜନକ ସ୍ପଷ୍ଟିକରଣ ଦେଇପାରିନଥିଲେ।

ଭିଜିଲାନ୍ସ ସୂତ୍ର ଅନୁସାରେ, ଜବତ ସମ୍ପତ୍ତି ମଧ୍ୟରେ ଭୁବନେଶ୍ୱରରେ ଦୁଇଟି ବହୁମହଲା ଆଲିସାନ ଭବନ, କୋରାପୁଟରେ ଗୋଟିଏ ବହୁମହଲା ଭବନ, ସାତଟି ଉଚ୍ଚ ମୂଲ୍ୟର ଭୂଖଣ୍ଡ, ପ୍ରାୟ ଗୋଟିଏ କିଲୋଗ୍ରାମ ସୁନା, ୬୬.୪୨ ଲକ୍ଷ ଟଙ୍କାର ଜମା ରାଶି, ୯.୨୮ ଲକ୍ଷ ଟଙ୍କା ନଗଦ, ଗୋଟିଏ ଚାରିଚକିଆ ଯାନ ସହିତ ଅନ୍ୟାନ୍ୟ ସାମଗ୍ରୀ ସାମିଲ ଅଛି।

## ପୁଲିସ ଇନଫର୍ମର ଦର୍ଶାଇ ଆତ୍ମସମର୍ପଣ କରିଥିବା ନକ୍ସଲକୁ ହତ୍ୟା



ମାଲକାନଗିରି, ୨୭/୧୨ (ନି.ପ୍ର): ଛତିଶଗଡର ବିଜାପୁର ଜିଲ୍ଲାରେ ପୁଣି ନକ୍ସଲ ହିଂସା ଦେଖିବାକୁ ମିଳିଛି। ଏହି ଅଞ୍ଚଳ ମାଲକାନଗିରି ସୀମାନ୍ତରେ ଥିବାବେଳେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ବଢ଼ିବାରେ ଲାଗିଛି। ଗୋଟିଏ ପଟେ ପୁଲିସର ଅପରେସନ ଜୋରଦାର ହେଉଥିବା ବେଳେ ଅନ୍ୟପଟେ ନକ୍ସଲ ନିଜର ଉପସ୍ଥିତ ଜାହିର କରିବା ପାଇଁ ହତ୍ୟା କରି ଚାଲିଛନ୍ତି। ଜିଲ୍ଲାର ପାମେଡ ଥାନା ଅନ୍ତର୍ଗତ ଏରାପାଲୀ ଗ୍ରାମରେ ଗତକାଲି ରାତିରେ ସଶସ୍ତ୍ର ନକ୍ସଲ ପଶିଥିଲେ। ଗାଁରେ ପଶି ଗ୍ରାମର ଆତ୍ମସମର୍ପଣ କରିଥିବା ନକ୍ସଲ ପୁନେମ ବୁଦରା(୨୮)କୁ ଖୋଜିଥିଲେ। ଘରେ ଶୋଇଥିବା ଅବସ୍ଥାରେ ପୁନେମକୁ ଘରୁ ଟାଣି ଆଣି ପୁଲିସ ଇନଫର୍ମର ଦର୍ଶାଇଥିଲେ। ତୁମେ ପୁଲିସ ସହ ମିଶି ସଂଗଠନକୁ ଧ୍ୱଂସ କରିବାକୁ ଚାହିଁଛ ବୋଲି ଅଭିଯୋଗ କରିଥିଲେ। ସେଠାରେ ହିଁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଯାହାଫଳରେ ଘଟଣାସ୍ଥଳରେ ହିଁ ପୁନେମର ମୃତ୍ୟୁ ହୋଇଯାଇଥିଲା।

◆◆ପୃଷ୍ଠା ୭

## ଦିଲ୍ଲୀ ମୁଣ୍ଡରେ ଏବେ ପ୍ରଦୂଷଣର କଳଙ୍କ : ଅନେକ ମୁଣ୍ଡ ନେଲାଣି ସିରିଜ୍ ଦୁର୍ଘଟଣା

ନୂଆଦିଲ୍ଲୀ,୨୭/୧୨ : ଶୀତଦିନେ କୁହୁଡ଼ି ଓ ସ୍ମଗ୍ ସମସ୍ୟା ଯୋଗୁ ଦିଲ୍ଲୀର ସ୍ଥିତି ଦେଶକୁ ଚିନ୍ତିତ କରିଥିବା ବେଳେ, ଓଡ଼ିଶାରେ ବି ବିଗୁଡୁଛି ପାଗର ମିଜାଜ୍ । ଜାଡ଼ରେ ଥରୁଛି ମାଳ ଅଞ୍ଚଳ । କନ୍ଧମାଳ ଓ କୋରାପୁଟ ପାଲଟିଛି ରାଜ୍ୟର ଶୀତ ରାଜଧାନୀ । ଏପଟେ ଆଭ୍ୟନ୍ତରଣୀ ଓ ଉପକୂଳରେ ବି କଲବଲ କରୁଛି ଘନ କୁହୁଡ଼ି । ତେବେ ନୂଆବର୍ଷ ପୂର୍ବରୁ ଶୀତ ଓ କୁହୁଡ଼ି ସ୍ଥିତିରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ସବୁକିଛି ଛିନଛତ୍ର, ସବୁକିଛି ନିଆଁରେ ସ୍ୱାହା । ମଝି ରାତିରେ ୨ଟି ଜୀବନ ନେଇଛି କୁହୁଡ଼ି ଜନିତ ଭୟଙ୍କର ଦୁର୍ଘଟଣା । ସୁନ୍ଦରଗଡ଼ ଜିଲ୍ଲା କେବଲାଙ୍ଗ ଚୁନାଘାଟିରେ ଟ୍ରକ୍ ଓ ହାଇୱା ମୁହାଁମୁହିଁ ଧକ୍କା ହୋଇ ସମ୍ପୂର୍ଣ୍ଣ ଜଳିଯାଇଛି । କୁହୁଡ଼ିରେ ମୁହଁକୁ ମୁହଁ ଦିଶୁନଥିବା ବେଳେ, ଏଭଳି ଅଘଟଣ ରାଜ୍ୟରେ ଦିନକୁ ଦିନ ବଢ଼ିବାରେ ଲାଗିଛି । ଗତ ୨୪ ଘଣ୍ଟାରେ ଢେଙ୍କାନାଳରେ ସବୁଠୁ ଘନ ଥିଲା କୁହୁଡ଼ି । ମାତ୍ର ୧୦୦ ମିଟର ଦୂରରୁ ବି କିଛି ଦିଶୁନଥିଲା। ସେପଟେ ନୂଆବର୍ଷ ଆଗରୁ ଜାଡ଼ ଓ କୁହୁଡ଼ିରୁ ତ୍ରାହି ମିଳିବନି ବୋଲି ଚେତାଇ ଦେଇଛି ପାଣିପାଗ ବିଭାଗ । ଆଗକୁ ଆହୁରି ୫ ଦିନ ରାଜ୍ୟକୁ କବଳିତ କରିବ କୁହୁଡ଼ି । ୩୧ ଡିସେମ୍ବର ଯାଏଁ ରାଜ୍ୟକୁ ଘେରିବ ଘନ କୁହୁଡ଼ି । ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ ଓ ନୟାଗଡ଼ରେ ଆସନ୍ତାକାଲି ଘନ କୁହୁଡ଼ି ସମ୍ଭାବନା ରହିଛି । ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ରହିବ । ରାଜ୍ୟରେ ନୂଆବର୍ଷ ଯାଏଁ ଜାରି ରହିବ ପ୍ରବଳ ଶୀତ । ଗାଁ ଗଣ୍ଡାରେ ଥରାଇବ ଜାଡ଼ । ଆଗାମୀ ୩ ଦିନ ଯାଏଁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ସୁଧୁରିବା ସମ୍ଭାବନା କମ୍ । କନ୍ଧମାଳ ଓ କୋରାପୁଟ ଆଦି ଜିଲ୍ଲାରେ ୬ରୁ ୭ ଡିଗ୍ରି ସେଲସିୟସକୁ ଖସିବ ପାରଦ । ଉତ୍ତର ପଶ୍ଚିମ ଭାରତରେ ଥଣ୍ଡା ରହୁଥିବାରୁ, ଓଡ଼ିଶାରେ ବି ରାତି ତାପମାତ୍ରା କମୁଛି ବୋଲି କହିଛନ୍ତି ବିଶେଷଜ୍ଞ । ୨୯ରୁ ୩୦ ତାରିଖ ଯାଏଁ ଶୀତ ଜାରି ରହିବ ଓ ୩୧ରୁ ପାଗ ସାମାନ୍ୟ ବଦଳିବ । ପୁଣି ୫ ତାରିଖ ପରେ ଶୀତ ବଢ଼ିବା ନେଇ ଅନୁମାନ କରାଯାଉଛି । ଏବେ ଚରମରେ ଚାଲିଛି ପିକ୍‌ନିକ୍ ଋତୁ । ଦିନସାରା ବଣଭୋଜିରେ ମଉଜ ମସ୍ତି ପରେ, ସନ୍ଧ୍ୟାରେ କିମ୍ବା ରାତିରେ ଘରକୁ ଫେରୁଛନ୍ତି ଲୋକେ। ତେଣୁ କୁହୁଡ଼ି ଯେପରି କାଳ ନସାଜେ ସେଥିପ୍ରତି ସମସ୍ତେ ସତର୍କ ରହିବା ଜରୁରୀ ହୋଇପଡ଼ିଛି।

## ପ୍ରଦୂଷଣ ପ୍ରମାଣ ପତ୍ର ଥିବା ଗାଡ଼ିରେ ଲାଗିବ ଗ୍ରୀନ୍ ଷ୍ଟିକର: ପରିବହନ ମନ୍ତ୍ରୀ




ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଗାଡ଼ି ମାଲିକଙ୍କୁ ବର୍ଦ୍ଧିତ ଫାଇନରୁ ମିଳିପାରେ ବଡ଼ ଆଶ୍ୱସ୍ତି... କମିପାରେ ଜରିମାନା ପରିମାଣ... ବକେୟା ଚାଲାଣ ପୈଠ ଟେନସନରୁ ମିଳିପାରେ ମୁକ୍ତି... ଆଜି ଏଭଳି କିଛି ଇସାରା ଦେଇଛି ପରିବହନ ବିଭାଗ। ଆଭାସ ଦେଇଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ। ତେଣୁ କେବଳ ଅନଲାଇନ୍ ନୁହେଁ, ଅଫଲାଇନରେ ବି ପୈଠ କରିହେବ ଇ-ଚାଲାଣ। ଗାଡ଼ି ମାଲିକଙ୍କ ସୁବିଧାକୁ ଦେଖି ନଗଦ ଅର୍ଥ ଗ୍ରହଣ ପାଇଁ ରାଜ୍ୟର ସବୁ ଜଞ୍ଜଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ ତଥା ଝଞ୍ଜଇ ନିର୍ଦ୍ଦେଶ ଦେଇଛି । ଏଥିପାଇଁ ଜଞ୍ଜଙ୍କ ଅଫିସରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ। କାରଣ ଅନଲାଇନରେ ଇ-ଚାଲାଣ ଭରୁଥିଲେ କେତେବେଳେ ଙ୍ଗଞ୍ଚରେ ସମସ୍ୟା ତ ଆଉ କେଉଁଠି ଇଣ୍ଟରନେଟ୍ ବ୍ୟବସ୍ଥା ନଥିବାରୁ ଅସୁବିଧା ହେଉଛି। ତେଣୁ ଅଫଲାଇନରେ ବି ଇ-ଚାଲାଣ ଭରିପାରିବେ ବୋଲି ଝଞ୍ଜଇ କହିଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି ପରିବହନ ମନ୍ତ୍ରୀ। ଆସନ୍ତା ଫେବ୍ରୁଆରୀ ପହିଲାରୁ ଯାନବାହନ ଗୁଡ଼ିକରେ ଗ୍ରୀନ୍ ଷ୍ଟିକର ଲଗାଯିବ।ମୋଟର ଭେଇକିଲ ଆକ୍ଟ ଅନୁସାରେ ପ୍ରମାଣପତ୍ର ଠିକଠାକ ଥିବା ଗାଡ଼ିକୁ ଗ୍ରୀନ୍ ଷ୍ଟିକର ଦିଆଯିବ। ସେହିପରି ୨୦୧୯ରୁ ବଢ଼ିଥିବା ଜରିମାନା ପରିମାଣକୁ କୋହଳ ପାଇଁ ତର୍ଜମା କରାଯିବ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି। ନୂଆ ହେଉ କି ପୁରୁଣା। ଟେଷ୍ଟିଂ ସେଣ୍ଟର ପକ୍ଷରୁ ସବୁ ଗାଡିକୁ ଦିଆଯାଉଥିବା ଚଟଉ ସାର୍ଟିଫିକେଟ ବ୍ୟବସ୍ଥାର ମଧ୍ୟ ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ। ତେବେ ଗାଡ଼ି ମାଲିକଙ୍କୁ କେମିତି ଦିଆଯିବ ଗ୍ରୀନ୍ ଷ୍ଟିକର୍ ? ଗ୍ରୀନ୍ ଷ୍ଟିକରର କ'ଣ ରହିବ ରୂପରେଖ ? ସମସ୍ତ କାଗଜପତ୍ର ଠିକ୍ ଥାଇ ବି ଯଦି କେହି ଗ୍ରୀନ୍ ଷ୍ଟିକର୍ ଲଗାଇନାହାଁନ୍ତି, ତାଙ୍କୁ ବି ଟାଙ୍କିରେ ତେଲ ମନା ସହ କଟିବ କି ଚାଲାଣ ? ଗ୍ରୀନ୍ ଷ୍ଟିକର ବ୍ୟବସ୍ଥାକୁ ନେଇ ଏବେ ଏଭଳି ନାନା ଆଶଙ୍କା। ତେବେ ପରିବହନ ମନ୍ତ୍ରୀ କହିଛନ୍ତି, ଗଠ ଆକ୍ଟ ଅନୁଯାୟୀ, ଯାନବାହନର ସବୁପ୍ରକାର ପ୍ରମାଣପତ୍ର ସହ ଚଟଉଡ ରହିବା ଦରକାର। ଜରିମାନା ଆଦାୟ ମୂଳ ଲକ୍ଷ୍ୟ ନୁହଁ। ସେପଟେ ପଲ୍ୟୁସନ୍ ଓ ବକେୟା ଚାଲାଣ ପୈଠ ପାଇଁ ଲମ୍ୱାଧାଡ଼ିର ଯନ୍ତ୍ରଣା। ଯାହାକୁ ନେଇ ଆଜି ରାଜଧାନୀରେ ଗର୍ଜିଛି ନବ ନିର୍ମାଣ ଛାତ୍ର ସଂଗଠନ। ଜନସାଧାରଣଙ୍କୁ ଲୁଟ୍ ଅଭିଯୋଗ ସହ ଅଭିନବ ଢଙ୍ଗରେ ମନ୍ତ୍ରୀଙ୍କୁ ଭେଟିବାକୁ

◆◆ପୃଷ୍ଠା ୭

## କଶ୍ମୀର ଘାଟିରେ ୩୦-୩୫ ଆତଙ୍କବାଦୀ ସକ୍ରିୟ: ସେନାର ସର୍ଚ୍ଚ ଅପରେସନ ଆରମ୍ଭ



ନୂଆଦିଲ୍ଲୀ,୨୭/୧୨ : ଜମ୍ମୁ-କାଶ୍ମୀରର ଡୋଡା ଏବଂ କିସ୍ତୱାର ଅଞ୍ଚଳରେ ୩୦-୩୫ ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୁଇନ୍ଦା ଏଜେନ୍ସିମାନେ ସତର୍କ କରାଇଛନ୍ତି । ଏହାପରେ ଭାରତୀୟ ସେନା ଓ ପୁଲିସ ସତର୍କ ହୋଇଉଠିଛନ୍ତି ଓ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି । କଠିନ ପାଗ ସତ୍ତ୍ୱେ, ଭାରତୀୟ ସେନା ଏହି ବରଫାବୃତ ଅଞ୍ଚଳରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଏକ କମ୍ବିଂ ଅପରେସନ ଆରମ୍ଭ କରିଛି। ଗୁଇନ୍ଦା ସଂସ୍ଥାଗୁଡ଼ିକ ଏହି ଅଞ୍ଚଳଗୁଡ଼ିକରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସେନା ସହିତ ସୂଚନା ବାଣ୍ଟିଛନ୍ତି। ଭାରତୀୟ ସେନା ସୂତ୍ର ଅନୁସାରେ, ଶୀତ ଋତୁରେ ସାଧାରଣତଃ ଆତଙ୍କବାଦୀ ଘଟଣା କମ୍ ଦେଖାଯାଏ, କିନ୍ତୁ ଏଥର ସେନା ତା'ର ରଣନୀତି ପରିବର୍ତ୍ତନ କରିଛି ଏବଂ ଶୀତ ଋତୁରେ ମଧ୍ୟ ତା'ର ଅଭିଯାନକୁ ତୀବ୍ର କରିଛି। ଏଥିପାଇଁ, ସେନା, ଜମ୍ମୁ-କାଶ୍ମୀର ପୋଲିସ ଏବଂ ସିଆରପିଏଫର ସହାୟତା ଲୋଡ଼ାଯାଇଛି ।ଗୁଇନ୍ଦା ସୂଚନା ଅନୁଯାୟୀ, ଆତଙ୍କବାଦୀମାନେ ଡୋଡା ଏବଂ କିସ୍ତୱାରର ଉଚ୍ଚତା ବିଶିଷ୍ଟ ଅଞ୍ଚଳରେ ଆଶ୍ରୟ ନେଇଛନ୍ତି । ଫଳସ୍ୱରୂପ, ଭାରତୀୟ ସେନାର ରାଷ୍ଟ୍ରୀୟ ରାଇଫଲ୍ସ (ଜଜ)ର ୟୁନିଟଗୁଡ଼ିକୁ ଆତଙ୍କବାଦ ବିରୋଧୀ କାର୍ଯ୍ୟ ପାଇଁ ଏହି ଉଚ୍ଚତା ବିଶିଷ୍ଟ ଏବଂ ଅତ୍ୟନ୍ତ ବିପଜ୍ଜନକ ଅଞ୍ଚଳରେ ନିୟୋଜିତ କରାଯାଇଛି। ଏହି ୟୁନିଟଗୁଡ଼ିକ ଡ୍ରୋନ ଏବଂ ଥର୍ମାଲ୍ ଇମେଜିଂ ଉପକରଣ ସହିତ ସଜ୍ଜିତ।

# ସମ୍ବଲପୁର ନୀଲଡୁଙ୍ଗୁରିରେ ପୁଷ୍ପ ଅବଶେଷ କଳାକୃତି ଦ୍ୱାରା ନାରୀ ସଶକ୍ତିକରଣ ଶିବିର

ସମ୍ବଲପୁର,୨୭/୧୨ (ନି.ପ୍ର): ସମ୍ବଲପୁରର ନିଲଡୁଙ୍ଗୁରୀ ଠାରେ 'ପୁଷ୍ପ ଅବଶେଷରୁ କଳାକୃତି, ଅଗରବତୀ ଓ ରଙ୍ଗ ପ୍ରସ୍ତୁତି ଦ୍ୱାରା ନାରୀ ସଶକ୍ତିକରଣ ପ୍ରଶିକ୍ଷଣ ଶିବିର' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଆମର ମା' ଭଉଣୀମାନଙ୍କୁ ସ୍ୱାବଲମ୍ବୀ କରିବାର ଏକ ସଶକ୍ତ ମାଧ୍ୟମ ବୋଲି ଏହାକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଉଦ୍ୟାନ କୃଷି ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏଚଟିଆଇ) ପରିସରରେ ସିଏସଆଇଆର-ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ, ଲକ୍ଷ୍ନୌ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି 'ହ୍ୟାଣ୍ଡସ୍-ଅନ୍-ଟ୍ରେନିଂ' ପ୍ରଶିକ୍ଷଣ ଶିବିରକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ- ପୁଷ୍ପକୃଷି ମିଶନ ଅଧୀନରେ ଏଠାରେ ଆମର ମାଆ ଭଉଣୀମାନେ ଅବଶେଷ ଫୁଲରୁ ନିମନ୍ତ୍ରଣ ପତ୍ର, ଅନ୍ୟାନ୍ୟ କଳାକୃତି ସାମଗ୍ରୀ ତିଆରି କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମର ମାତୃଶକ୍ତିଙ୍କୁ 'ଲକ୍ଷପତି ଦିଦି' ଭାବରେ ଦେଖିବାର କଳ୍ପନା କରିଛନ୍ତି । ଆଜିର ବ୍ୟବସ୍ଥା ଦ୍ୱାରା ଗ୍ରାମାଚଂଳର ମହିଳାମାନେ ନୂତନ ଜ୍ଞାନକୌଶଳ ମାଧ୍ୟମରେ ଉଦ୍ୟୋଗୀ ହେବେ । ସ୍ଥାନୀୟ ସମ୍ବଳର ସଦୁପଯୋଗ ହେବା ସହ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ । ଏହି ପ୍ରଶଂସନୀୟ ପ୍ରୟାସ ପାଇଁ ଶ୍ରୀ ପ୍ରଧାନ ସିଏସଆଇଆର ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, ଆମ ସମ୍ବଲପୁରର ଯୁଜୁମୁରା ଅଂଚଳ ପରିଶ୍ରମୀ ଚାଷୀମାନଙ୍କର ଅଂଚଳ । ଏହି ମାଟିର ଚାଷୀ ଭାଇମାନେ ଡାଲି, ବାଦାମ, ଛତୁ, ବିଭିନ୍ନ ଫଳ ଏବଂ ପନିପରିବା ଚାଷରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି । କିନ୍ତୁ, ଏହି ଦକ୍ଷତାକୁ ଏକ ବଡ଼ ବ୍ୟବସାୟିକ ରୂପ ଦେବା ପାଇଁ ଆମକୁ କିଛି ଦୃଢ଼ ପଦକ୍ଷେପ ନେବାକୁ ହେବ । ଆମକୁ ପ୍ରତିଟି ପଂଚାୟତ ସ୍ତରରେ ଏକ 'କୃଷିଭିତିକ ମାଷ୍ଟରପ୍ଲାନ୍' ପ୍ରସ୍ତୁତ କରିବାକୁ ପଡ଼ିବ । ମୁଁ ଜିଲ୍ଲା ପ୍ରଶାସନକୁ ଏହି ଦାୟିତ୍ୱ ଦେଉଛି ଯେ, ଯୁଜୁମୁରା ଅଂଚଳରେ ଜଳସେଚନ ପ୍ରକଳ୍ପଗୁଡ଼ିକୁ କିପରି ତ୍ୱରାନ୍ୱିତ କରାଯିବ, ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଜଳସେଚନର ସୁବିଧା ହେଲେ ଚାଷୀମାନେ ବର୍ଷସାରା ଫସଲ ଅମଳ କରିପାରିବେ ।

ଆଜିର ସମୟରେ କେବଳ ପାରମ୍ପରିକ ଚାଷ କଲେ ହେବ ନାହିଁ, ବରଂ କୃଷିଭିତିକ ଅର୍ଥନୀତିକୁ ଏକ 'କମର୍ସିଆଲ ମଡେଲ' ବା ବ୍ୟବସାୟିକ ରୂପ ଦେବାକୁ ପଡ଼ିବ । ଲୋକଙ୍କ ଆର୍ଥିକ ସମ୍ପନ୍ନତା ପାଇଁ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ଆମର ମୂଳ ଲକ୍ଷ୍ୟ । ଫୁଲ ଚାଷ ହେଉ ବା ପନିପରିବା ଚାଷ, ଏହାର ଦୁଇଟି ମୂଳ ସର୍ତ ହେଲା ଠିକ୍ ପ୍ରଶିକ୍ଷଣ ଏବଂ ଉପଯୁକ୍ତ ବଜାର ବ୍ୟବସ୍ଥା । ଅର୍ଥାତ୍ ଚାଷୀ ନିଜ ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ପାଇବା ଆବଶ୍ୟକ । ଯୁଜୁମୁରାରେ ଉତ୍ପାଦିତ ସାମଗ୍ରୀଗୁଡ଼ିକର ଏକ 'ଲୋକାଲ୍ ବ୍ରାଣ୍ଡ' ତିଆରି ହେଉ । ଯଦି ଆମର ପ୍ୟାକେଜିଂ ଏବଂ ବ୍ରାଣ୍ଡିଂ ବିଶ୍ୱସ୍ତରୀୟ ହେବ, ତେବେ ଆମ ସାମଗ୍ରୀର ଚାହିଦା ବଢ଼ିବ । ଆଜି ଆମ ରାଜ୍ୟର ପନିପରିବା ବିଦେଶ ବଜାରକୁ ରପ୍ତାନି ହେଉଛି । ଆମ ଯୁଜୁମୁରା ଏବଂ ସମ୍ବଲପୁରର ଚାଷୀଙ୍କ ହାତତିଆରି ସାମଗ୍ରୀ ମଧ୍ୟ ବିଦେଶ ବଜାରରେ ପହଂଚାଇବା ପାଇଁ ପ୍ରୟାସ ହେବା ଉଚିତ୍ । ଆଜିର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସେହି ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ସେ ମତପ୍ରକାଶ କରିଥିଲେ ।

# ଆସନ୍ତା ଫେବୃଆରୀ ୩ ରୁ ୧୨ ତାରିଖ ପର୍ଯ୍ୟନ୍ତ 'ରାଉରକେଲା ପୁସ୍ତକ ମହୋତ୍ସବ'ର ଆୟୋଜନ

ରାଉରକେଲା,୨୭/୧୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏବଂ ଭଞ୍ଜ ସାଂସ୍କୃତିକ ନ୍ୟାସର ମିଳିତ ସହଯୋଗରେ 'ରାଉରକେଲା ପୁସ୍ତକ ମହୋତ୍ସବ' ଆସନ୍ତା ଫେବୃଆରୀ ୩ ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଉରକେଲା ସ୍ଥିତ ଭଞ୍ଜ ସାଂସ୍କୃତିକ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ହେବାକୁ ଯାଉଛି ।



ଏହି ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଡିସେମ୍ବର ୨୪ ତାରିଖରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଭଞ୍ଜ ସାଂସ୍କୃତିକ ନ୍ୟାସର ସଦସ୍ୟ ଏବଂ ଆରଏସପିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ସମଗ୍ର ଅଞ୍ଚଳର ପୁସ୍ତକ ପ୍ରେମୀଙ୍କ ପାଇଁ ଏକ ଐତିହାସିକ କାର୍ଯ୍ୟକ୍ରମ ଭାବରେ ପରିକଳ୍ପିତ, ଏହି ପୁସ୍ତକ ମହୋତ୍ସବ ଏକ ବୃହତ ସ୍ତରରେ ଆୟୋଜିତ ହେବ । ଏହି ପୁସ୍ତକ ମେଳାରେ ପରିଦର୍ଶକମାନେ ବିଭିନ୍ନ ପ୍ରକାରର ଏବଂ ସମସ୍ତ ବୟସର ପାଠକଙ୍କ ପାଇଁ ଉପଯୁକ୍ତ ଶୀର୍ଷକ ପ୍ରଦର୍ଶନ କରୁଥିବା ପ୍ରମୁଖ ଜାତୀୟ ସ୍ତରୀୟ ପ୍ରକାଶକମାନଙ୍କ ସହିତ ସାହିତ୍ୟର ଏକ ସାରସ୍ୱତ ଚୟନ ଆଶା କରିପାରିବେ । ପୁସ୍ତକ ମେଳା ବ୍ୟତୀତ, ଏହି ମହୋତ୍ସବ ବୌଦ୍ଧିକ ଏବଂ ସାଂସ୍କୃତିକ ଆଦାନପ୍ରଦାନର ଏକ ମୁଖ୍ୟ କେନ୍ଦ୍ର ହେବ ବୋଲି ଲକ୍ଷ୍ୟ ରହିଛି । ଏହି ମହୋତ୍ସବରେ ସାହିତ୍ୟିକ ଆଲୋଚନା, କବିତା ପାଠୋତ୍ସବ ଅଧିବେଶନ, ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯିବ ଯାହାଦ୍ୱାରା ସାହିତ୍ୟ ଏବଂ ସଂସ୍କୃତି ମିଳିତ ଭାବରେ ବିକଶିତ ହେବ । ଅଧିକ ବିବରଣୀ ଏବଂ ସ୍ଥାନ ବୁକିଂ ପାଇଁ ଆଗ୍ରହୀ ବ୍ୟକ୍ତିମାନେ ନିମ୍ନରେ ଯୋଗାଯୋଗ କରିପାରିବେ: ୮୮୯୫୫୦୦୯୧୨/ ୭୯୭୮୮୫୬୯୮୧ କିମ୍ବା rourkelapustakmahotsav@gmail.com ରେ ମେଲ୍ କରିପାରିବେ ।

## ଆଉ ଚାରି ଜିଲ୍ଲାରେ ଚାଷୀଙ୍କୁ ଟୋକନ ପ୍ରଦାନ

ଭୁବନେଶ୍ୱର,୨୭/୧୨ (ନି.ପ୍ର): ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନକିଣା ଜାରି ରହିଥିବାବେଳେ ଆଉ ଚାରୋଟି ଜିଲ୍ଲାରେ ଚାଷୀମାନଙ୍କ ପାଇଁ ଆଗୁଆ ଟୋକନ ପ୍ରଦାନ କରାଯାଇଛି । ବାଲେଶ୍ୱର, ନୟାଗଡ଼, ଗଜପତି ଓ କନ୍ଧମାଳ ଜିଲ୍ଲାର ଚାଷୀମାନଙ୍କ ପାଇଁ ଆଗୁଆ ଟୋକନ ପ୍ରଦାନ କରାଯାଇଛି । ବାଲେଶ୍ୱର ଓ ନୟାଗଡ଼ ଜିଲ୍ଲାରେ ଆସନ୍ତା ୨୯ ତାରିଖରେ ଧାନସଂଗ୍ରହ ଆରମ୍ଭ ହେଉଥିବାବେଳେ ଗଜପତିରେ ଆସନ୍ତା ୩୦ ତାରିଖରେ ଏବଂ କନ୍ଧମାଳରେ ୩୧ ତାରିଖରେ ଧାନସଂଗ୍ରହ ଆରମ୍ଭ କରାଯିବ । ବାଲେଶ୍ୱର ଜିଲ୍ଲାରେ ୬୫ ହଜାର ୨୭୩ ଜଣ, ନୟାଗଡ଼ ଜିଲ୍ଲାରେ ୨୮ ହଜାର ୭୨୩, ଗଜପତିରେ ୧୦ ହଜାର ୧୧୨ ଜଣ ଏବଂ କନ୍ଧମାଳ ଜିଲ୍ଲାରେ ୩୧୭୬ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ଏହି ସବୁ ଜିଲ୍ଲାର ମଣ୍ଡି ଗୁଡିକରେ ଅସ୍ଥାୟୀ ଆଶ୍ରୟସ୍ଥଳୀ, ପାନୀୟ ଜଳ, ଶୌଚାଳୟ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ମଣ୍ଡିରେ ସିସିଟିଭି ଲଗାଯିବା ସହ ମଣ୍ଡି ମନିଟରିଂ ଅଧିକାରୀ ଓ ସୁପରଭାଇଜିଂ ଅଧିକାରୀମାନେ ଉପସ୍ଥିତ ରହି ଧାନସଂଗ୍ରହ ପ୍ରକ୍ରିୟାର ତଦାରଖ କରିବେ ।

# ୬ ବର୍ଷିୟା ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୨୨ ବର୍ଷ ସଶ୍ରମ କାରାଦଣ୍ଡ, ୪୦ ହଜାର ଟଙ୍କା ଜୋରିମାନା

ଜୟପୁର,୨୭/୧୨ (ନି.ପ୍ର): ୬ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲାରେ ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟର ରାୟ । ଘଟଣାର ମାତ୍ର ୧୬୫ ଦିନରେ ମାମଲାର ତ୍ୱରିତ ବିଚାର କରି ଦୋଷୀକୁ ୨୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ।

ସୂଚନା ଅନୁଯାୟୀ, ୨୦୨୫ ମସିହାରେ ବନ୍ଧୁଗାଁ ଥାନା ଅଂଚଳରେ ଘଟିଥିବା ୬ ବର୍ଷିୟା ଶିଶୁକନ୍ୟା ଦୁଷ୍କର୍ମ ମାମଲାର ବିଚାର କରି ୧୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୪୪ ଗୋଟି ଦସ୍ତାବିଜକୁ ଭିତି କରି ଆଜି ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟର ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୁଶ୍ରୀ ପ୍ରଜ୍ଞା ନଳିନୀ ମିଶ୍ର ବନ୍ଧୁ ଗାଁ ଥାନା ଅଂଚଳର ଓ୍ୱେଙ୍କା ପୀଡ଼ିକା(୩୦)କୁ ପୋକ୍ସ ଆଇନର ଧାରା ୪(୨) ଅନୁଯାୟୀ ୨୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାରଟଙ୍କା ଜୋରିମାନା ଏବଂ ଧାରା ୬ ଅନୁଯାୟୀ ୨୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଟଙ୍କା ଅନାଦେୟ ଦୋଷୀକୁ ୧୨ ମାସ ଅଧିକା କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି ମାନ୍ୟବର ଅଦାଲତ । ଆଦାୟ ଜୋରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ମାମଲାର ବିବରଣୀରୁ ପ୍ରକାଶ ଯେ, ୬.୭.୨୦୨୫ ରବିବାର ଦିନ ପୀଡିତା ଶିଶୁକନ୍ୟାକୁ ତା' ବାପା ଜମି ପାଖରେ ଥିବା ସମ୍ପର୍କୀୟ ଘରେ ଛାଡି ଜମିକୁ ଯାଇଥିଲେ । ସନ୍ଧ୍ୟାରେ ଜମିରୁ ଫେରି ଝିଅକୁଧରି ଘରକୁ ଫେରିଥିଲେ । ତା' ପରଦିନ ସକାଳେ ପୀଡିତା ଶିଶୁକନ୍ୟା ଓ୍ୱେଙ୍କା ନିଜ କୁଡ଼ିଆକୁ ଡାକି ନେଇ ଦୁଷ୍କର୍ମ କରିଥିବା କଥା ବାପା ମାଙ୍କୁ କହିଥିଲା । ଝିଅଠାରୁ ଘଟଣା ବିଷୟରେ ଜାଣିବା ପରେ ଶିଶୁକନ୍ୟାର ପିତାମାତା ଓ୍ୱେଙ୍କା ଘରକୁ ଯାଇ ତାକୁ ପାଟି ତୁଣ୍ଡ କରିଥିଲେ ଏବଂ ବନ୍ଧୁଗାଁ ଥାନାରେ ବାପା ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ବନ୍ଧୁଗାଁ ଥାନାର ଅଧିକାରୀ ତଦନ୍ତ ଆରମ୍ଭ କରିଥିଲେ ଏବଂ ମୋକଦ୍ଦମା ରେଡ ଫ୍ଲାଗ ପରିସରଭୁକ୍ତ ହେବା ପରେ ଓ୍ୱେଙ୍କା ପୀଡିକାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ଏବଂ କୋର୍ଟରେ ସାତ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରିଥିଲେ । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ଼କ୍ଟର ଗାୟତ୍ରୀ ଦେବୀ ମାମଲାର ପରିଚାଳନା କରିଥିଲେ ।

# ଚାଷୀଙ୍କ ଧାନ କ୍ରୟ ଦାବିରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କଲା ବିଜେଡି

ଜୟପୁର,୨୭/୧୨ (ନି.ପ୍ର): ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ବିଜେଡି ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରିଛି । ଗତ ୨୩ ତାରିଖରେ ସମସ୍ତ ମଣ୍ଡିରେ ୭୨ ଘଂଟା ଭିତରେ ଆର୍ଥାତ ୨୫ ତାରିଖ ଭିତରେ ଧାନ କ୍ରୟ ନକଲେ ବିଜେଡି ଧାରଣା ଦେବାକୁ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଚେତାବନୀ ଦେଇଥିଲେ। ଆଜି ସୁଦ୍ଧା ସମସ୍ତ ମଣ୍ଡିରେ ଧାନ କ୍ରୟ ସ୍ୱାଭାବିକ ହୋଇନଥିବା ସହ କଟନି ଛଟନି ଚାଲିବାରୁ ଆଜି ବିଜେଡି ଧାରଣା ଦେଇଛି । ସମସ୍ତ ମଣ୍ଡିରେ ଧାନ କ୍ରୟ ଆରମ୍ଭ କରିବା, କଟନ ଛଟନି ବନ୍ଦ କରିବା, ସମସ୍ତ ଚାଷିଙ୍କୁ ଟୋକେନ ଦେବା ସହ ବେଆଇନ ଭାବେ ଧାନ ଗଛିତ କରିଥିବା ମିଲ ମାନଙ୍କ ଉପରେ ଚଢଉ କରିବା ଦାବିରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଆହ୍ୱାନରେ ଚାଷି ମାନେ ଏକତ୍ରିତ ହୋଇ ଧାରଣା ଦେଇଥିଲେ । ଏହାପରେ କାର୍ଯ୍ୟାଳୟ ଭିତରେ ଧସେଇ ପସି ଜିଲା ମୁଖ୍ୟ ଯୋଗାଣ ଅଧିକାରି ମାନସ ମହାପାତ୍ରଙ୍କୁ ଭେଟି ଚେତାବନୀ ଦେଇଛନ୍ତି। ଆସନ୍ତା ୧ ତାରିଖ ସୁଦ୍ଧା ସମସ୍ତ ମଣ୍ଡିରୁ ଧାନ କ୍ରୟ କରାନଗଲେ ପୁଣି ବିଜେଡି ତରଫରୁ ରାସ୍ତା ଆବରୋଧ କରିବା ସହ ସମସ୍ତ ମଣ୍ଡିରେ ଧାରଣା ବିକ୍ଷୋଭ କରିବ । କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି । ଗତ୧୧ ତାରିଖରେ ମଣ୍ଡି ଉଦଘାଟିତ ହୋଇଛି । ପ୍ରଶାସନ ଓ ମିଲର ମଧ୍ୟରେ ସଲାସୁତରା ନୀତିରେ ଚାଲିଛି । ଧାନ କ୍ରୟ କରାଯାଉ ନାହିଁ ଯେଉଁ ମଣ୍ଡିରେ କ୍ରୟ କରାଯାଉଛି କ୍ୱିଂଟାଲ ପିଛା ୪ରୁ ୫ କେଜି କଟନି ଛଟନି କରାଯାଉଥିବା ବିଜେଡି ଅଭିଯୋଗ କରିଛି ।

ଏନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରି ସୂଚନା ଦେଇଛନ୍ତି ଯେ, କୋରାପୁଟ ଜିଲାରେ ମଣ୍ଡି ଆରମ୍ଭ ହୋଇ ସାରିଲାଣି । ବର୍ତମାନ ସୁଦ୍ଧା ୫ ହଜାର କ୍ୱିଣ୍ଟାଲ ଧାନ ଉଠି ସାରିଲାଣି । ଯେଉଁ ବାରରେ ମଣ୍ଡି ଅଛି ସେହି ବାରରେ ଧାନ କ୍ରୟ ସୁରୁଖୁରୁରେ ଚାଲିଛି । ବୋରିଗୁମ୍ମା, କୋଟପାଡ, ବୈପାରିଗୁଡା, ଜୟପୁରେ ଧାନ ମଣ୍ଡି ସୁରୁଖୁରୁରେ ଚାଲିଛି । ଦଲାଲ ମାନେ ଧାନକ୍ରୟ କରୁଥିବା ଅଭିଯୋଗ ସମ୍ପୂର୍ଣ ମିଥ୍ୟା । ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଆହ୍ୱାନରେ ଅନୁଷ୍ଠିତ ଧାରଣାରେ କାର୍ଯ୍ୟକାରି ସଭାପତି ଦୁର୍ଗା ମିଶ୍ର, ବରିଷ୍ଠ ବିଜେଡି ନେତା ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ନାଗୁ ଦୋରାଙ୍କ ସହ ଚାଷି ମାନେ ଉପସ୍ଥିତ ଥିଲେ।

# ଦଳିତ ବ୍ୟଙ୍ଗ କବି ଗଦାଧର ନିଆଲ ସମ୍ବର୍ଦ୍ଧିତ

ବଲାଙ୍ଗିର,୨୭/୧୨ (ନି.ପ୍ର): ବଲାଙ୍ଗିର ସହର ଗେଟସରୋବରପଡା ସ୍ଥିତ ବି.ଆର.ଆମ୍ବେଦକର କ୍ଲବ ପରିସରରେ କୁତମୁଣ୍ଡାର ମୁହୁରି କଳା ପରିଷଦ ଓ ବି.ଆର.ଆମ୍ବେଦକର କ୍ଲବଙ୍କ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ଏକ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ଦଳିତ ବ୍ୟଙ୍ଗ କବି ଗଦାଧର ନିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସୂଚନାଯୋଗ୍ୟ ଯେ, ଦିଲ୍ଲୀର ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ହୋଇଥିବା ୪୧ତମ ରାଷ୍ଟ୍ରୀୟ ଅଧିବେଶନରେ ସାହିତ୍ୟ ପ୍ରତି ଶ୍ରୀ ନିଆଲଙ୍କ ଅବଦାନ ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅଧିବେଶନରେ ଦେଶ ତଥା ବିଦେଶର ଅନେକ ପ୍ରତିଭାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଅଧିବେଶନରେ ଓଡିଶା ରାଜ୍ୟ ସଭାପତି ନିଆଲ ସିଂ ମଧ୍ୟ ଯୋଗ ଦେଇଥିଲେ । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସୀତାରାମ କୁମ୍ଭାର ସଭାପତିତ୍ୱ କରିଥିବା ବେଳେ କୁନା ବାଗ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବରେ ଶିକ୍ଷାବିଦ୍ ନେପାଳ ଚନ୍ଦ୍ର ବାଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାସୁଦେବ ମୁଗ୍ରୀ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବିଜୟ ବାରିକ ଓ ବିପ୍ର ଚରଣ ଜୟପୁରିଆ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୁହୁରି କଳା ପରିଷଦ ତରଫରୁ ଶ୍ରୀ ନିଆଲଙ୍କୁ ଦଳିତ ସ୍ୱର ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଥିଲେ । କଳା ପରିଷଦର ମୁଖ୍ୟ ସଂପାଦକ ଭୋଳାରାମ କୁମ୍ଭାର (ହିମାଂଶୁ) ଓ ଉପ-ସଭାପତି ମୁରଲି ସିକା ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ତରଣୀ ଦୀପ, ସୂର୍ଯ୍ୟ ସୁନା, ସରୋଜ ମେଶ୍ରା, ମଙ୍ଗଲୁ ତାଣ୍ଡି, ସିମେଇ ଦୀପ ଓ ଜଗନ୍ନାଥ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିବାବେଳେ ଅର୍ଜୁନ ମୁଗ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁବର୍ଣ୍ଣ ଭାରତୀ ପରିବାର ପକ୍ଷରୁ ସେବା ସମ୍ମାନ ସମାରୋହ

ସୁବର୍ଣ୍ଣପୁର,୨୭/୧୨ (ନି.ପ୍ର): ସୁବର୍ଣ୍ଣ ଭାରତୀ ପରିବାର ସୁବର୍ଣ୍ଣପୁର ପକ୍ଷରୁ ଆୟୋଜିତ 'ସେବା ସମ୍ମାନ ସମାରୋହ ୨୦୨୪, ୨୦୨୫ ଓ ୨୦୨୬' ପାଇଁ ବିଭିନ୍ନ କ୍ଷେତ୍ରରେ ସେବା ଓ ସମାଜର ହିତ ପାଇଁ କାର୍ଯ୍ୟ କରି ଆସୁଥିବା ୬୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଆଜିର ଏହି ଉତ୍ସବରେ ଏସପି ନାରାୟଣ ନାଏକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ଉପ ଜିଲ୍ଲାପାଳ ସୌମ୍ୟା ରୂପା ରଥ, ଆରଏସଏସ ର ସହ ପ୍ରାନ୍ତ ପ୍ରଚାରକ ସୁରେନ୍ଦ୍ର ପଣ୍ଡା, କବି ଆର୍ତତ୍ରାଣ ବାବୁ, ପ୍ରଧାପକ ଉମାକାନ୍ତ ନାଗ ଯୋଗ ଦେଇ ସୁବର୍ଣ୍ଣ ଭାରତୀ ପରିବାରର ସମ୍ମାନ ସମରୋହ ଅୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ କ୍ଷ ଅନୁଷ୍ଠାନ ପକ୍ଷରୁ ସୁବର୍ଣ୍ଣପୁର ଏସପି ନାରାୟଣ ନାଏକଙ୍କୁ ଏବଂ ଭାରତ ବିକାଶ ପରିଷଦର ସୁନନ୍ଦା ସାହୁ ଓ ଉଦ୍ଘୋଷକ ଲକ୍ଷ୍ମୀ ନାରାୟଣ ସାହୁଙ୍କୁ 'ମୁତ୍ୟାଲୁ ଆତ୍ମା ସ୍ମୃତି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶ୍ରୀ ଗୋପାଳ ଜୀ ବିଭୁ କୃପା ସମ୍ମାନରେ ସୋନପୁର ଉପ ଜିଲ୍ଲାପାଳ ଡଃ. ସୌମ୍ୟା ରୂପା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁବର୍ଣ୍ଣ ଗୌରବ ମରଣୋତର ସମ୍ମାନରେ ସ୍ୱର୍ଗତ ମୋହନ ମେହେର, ବି. ସୁଦାମ ପାତ୍ର ଓ ବାଣୀ ସେଟି ଶ୍ରୀ ହରି ପାତ୍ରଙ୍କ ସମ୍ମାନ ତାଙ୍କ ପରିବାରଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ସମ୍ବାଦଶ୍ରୀ ସମ୍ମାନରେ ସ୍ୱାଧୀନ ମେହେର, ନେତୃତ୍ୱ ଶ୍ରୀ ସମ୍ମାନରେ ମନୋରଞ୍ଜନ ତ୍ରୀପାଠୀ, ଶିକ୍ଷା ଶ୍ରୀ ସମ୍ମାନରେ ଦେବେନ୍ଦ୍ର ପଧାନ, ଗତି କୃଷ୍ଣ ମିଶ୍ର ଓ ସନ୍ତୋଷ ପୁଝାରୀ, ଧର୍ମ କଲ୍ୟାଣୀ ସମ୍ମାନରେ ନନ୍ଦିନୀ ଶତପଥି, ଯୋଗ ଶ୍ରୀ ସମ୍ମାନରେ ନ୍ୟୁନ ଚନ୍ଦ୍ର ପୁଝାରୀ, ସୁରେଶ ଚନ୍ଦ୍ର ବେହେରା, ସୁବର୍ଣ୍ଣ ଶ୍ରୀ ସମ୍ମାନରେ ପୌଲସ୍ତି ମେହେର, ସତ୍ୟ ନାରାୟଣ ସାହୁ ଓ ଜୟ ନାରାୟଣ ସା, ନାରୀ ଶକ୍ତି ସମ୍ମାନରେ ମଞ୍ଜୁଳା ମିଶ୍ର, ଏଡଭାଂଚର ବାଇକ୍ ରାଇଡର୍ ସମ୍ମାନରେ ମିଥୁନ ସାହୁ, ସଂସ୍କୃତି ସୁରକ୍ଷା ସମ୍ମାନରେ ବୈକୁଣ୍ଠ ଶତପଥୀ, ଘନଶ୍ୟାମ ଭ୍ୟାସ ଓ ପ୍ରସାଦୁ ପ୍ରଧାନ, ଆୟୁଶ୍ରୀ ସମ୍ମାନରେ ରଞ୍ଜନ କୁମାର ମିଶ୍ର, ସୁବର୍ଣ୍ଣ ଶ୍ରିମୟୀ ସମ୍ମାନରେ କେ. ବର୍ଷା, ଯୁବ ନେତୃତ୍ୱ ସମ୍ମାନରେ ପୀୟୂଷ କୁମାର ପଣ୍ଡା, ସଙ୍ଗୀତ ଶ୍ରୀ ସମ୍ମାନରେ କୃଷ୍ଣ ଚନ୍ଦ୍ର ସିନ୍ଧରିଆ, ଗୀତିକାର ସମ୍ମାନରେ ଯୁଧିଷ୍ଠିର ବାରିକ, ସଦ ଭାବନା ସମ୍ମାନ ରେ ଏଡଭୋକେଟ ନରଦେବ ଭୋଇ, ନାଟ୍ୟଶ୍ରୀ ସମ୍ମାନରେ ଗିରିଜା ଶଙ୍କର ସାହୁ, ସୁରକ୍ଷା ସମ୍ମାନରେ ଏକ୍ସ ଆର୍ମି ସଂଘ କର୍ମକର୍ତାଙ୍କୁ ଓ ଦେବ ଦମ୍ପତି ସମ୍ମାନରେ ଭଗବତୀ ରାୟଗୁରୁ, ପ୍ରତାପ କେଶରୀ ରାୟ ଗୁରୁ, ବୃନ୍ଦାବନ ରଥ ଜୟନ୍ତୀ ରଥ ଓ ଗୁଣନିଧି ପାତ୍ର ପ୍ରେମ ଶିଳା ପାତ୍ରଙ୍କ ସମେତ ସୋନପୁର ସହର ସମାଜର ୫୦ରୁ ଉର୍ଦ୍ଧ୍ୱ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଏହି ସେବା ସମ୍ମାନ ସମାରୋହରେ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଦୟାନନ୍ଦ ପବ୍ଲିକ ସ୍କୁଲ ଓ ସୁବର୍ଣ୍ଣ ଭାରତୀ ପରିବାରର ସମସ୍ତ ସଦସ୍ୟ, ଟିଚର, କର୍ମଚାରୀ ଓ ଭାରତ ବିକାଶ ପରିଷଦର ସଭାପତି ଦୂର୍ଯୋଧନ ସାହୁ, ସଦସ୍ୟା ସୁନନ୍ଦା ସାହୁ, କବିତା ପଧାନ, ସୁଭାଷିନୀ ଷଡ଼ଙ୍ଗୀ ପ୍ରମୁଖ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶ୍ରୀମତୀ ସୁନନ୍ଦା ସାହୁ ଓ ଲକ୍ଷ୍ମୀ ନାରାୟଣ ସାହୁ ସଭା ସଂଯୋଜନା କରିଥିବା ବେଳେ ଦୁର୍ଯୋଧନ ସାହୁ, କବିତା ପଧାନ ଓ ସୁଭାଷିନୀ ଷଡ଼ଙ୍ଗୀ ଅତିଥି ସ୍ୱାଗତ କରିଥିଲେ । ସୁବର୍ଣ୍ଣ ଭାରତୀ ପରିବାର ପ୍ରମୁଖ ଶିବ ପ୍ରସାଦ ପାତ୍ରଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା ।

# କୋଟିଏ ଟଙ୍କାର ଅତ୍ୟାଧୁନିକ ବସ୍‌କୁ ଜାଳିଦେଲେ ଦୁର୍ବୃତ୍ତ: ଅଧଘଂଟା କାଳ ଫାଣ୍ଡି କବାଟ ବାଡେଇବା ପରେ ବି ପୁଲିସ ଶୁଣିଲାନି

ରାଉରକେଲା,୨୭/୧୨ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲାରେ ପୁଣି ଅଭାବନୀୟ ଘଟଣା, ପୁଲିସ ରାତିରେ ପେଟ୍ରୋଲିଂ ନକରି ଶୋଇ ରହୁଛି ବୋଲି ଯାହା ନିକଟରେ ରଘୁନାଥପାଲ୍ଲୀ ବିଜେପି ବିଧାୟକ ଦୁର୍ଗା ତନ୍ତୀ ରାତିସାରା ବୁଲି ଥାନା ଗୁଡିକର ଅବସ୍ଥାକୁ ନେଇ ଯେଉଁ ଭିଡିଓ ଭାଇରାଲ କରିଥିଲେ ସେଥିରେ କିଛି ପରିବର୍ତନ ହୋଇନାହିଁ ବୋଲି ଗତକାଲି ରାତିର ଘଟଣାରୁ ପୁଣି ଥରେ ପ୍ରମାଣିତ ହୋଇଛି ଯେ ରାଉରକେଲା ପୁଲିସି ରାତିରେ ଶୋଉଛି ଓ ପେଟ୍ରୋଲିଂ ହେଉନାହିଁ। ଫଳରେ କୋଟିଏ ଟଙ୍କାର ବସକୁ ନିଆଁ ଲଗାଇ ଜାଳିଦେବାରେ ସଫଳ ହୋଇଛନ୍ତି ଦୁର୍ବୃତ। ବାଲିଯୋଡି ଅଁଚଳରେ ରହୁଥିବା ଜଣେ ବସ ମାଲିକ ମଲ୍ଲିକ ବାବୁ ଯାହାଙ୍କର ୬ ଖଣ୍ଡ ବସ ରହିଛି ତାଙ୍କର ନୂଆ କରି ଆସିଥିବା ଦୁଇଟି ଅତ୍ୟାଧୁନିକ ବସ ମଧ୍ୟରୁ ଗୋଟିକୁ ପୂରା ଜାଳିଦେବା ସହ ଆଉ ଗୋଟିକୁ ଭଂଗାରୁଜା କରାଯାଇ ଅଧାପୋଡା ଅବସ୍ଥାରେ ଛାଡିଦେଇଛନ୍ତି। ଏହି ଖବର ରାତି ୨ଟାରେ ବସ ମାଲିକ ପାଇବା ପରେ ଜଲଦୀ ଫାଣ୍ଡିକୁ ଯାଇ କବାଟ ବାଡେଇ ପୁଲିସକୁ ଡାକିଥିଲେ ବି ନିଘୋଡ ନିଦ୍ରାରେ ଶୋଇଥିବା ପୁଲିସ ଅଧାଘଂଟା କାଳ ଉଠିନଥିଲା ବୋଲି ମାଲିକ ଅଭିଯୋଗ କରିଛନ୍ତି। ଏନେଇ ବସ ମାଲିକ ଶ୍ରୀ ମଲ୍ଲିକ ଟାଙ୍ଗରପାଲ୍ଲୀ ଥାନାରେ ଏତଲା ଦେଇଛନ୍ତି । ଖବରରୁ ଜଣାପଡିଛି ଯେ, ଏହି ବସ ମାଲିକଙ୍କର ନାମି ବସ ସଂସ୍ଥାରେ ୬ଟି ବସ ଥିଲା, ନିକଟରେ ପାଇଖାନା ସୁବିଧା ସହ ଅନ୍ୟାନ୍ୟ ସୁବିଧାକୁ ନେଇ ୨ଟି ଅତ୍ୟାଧୁନିକ ବସ ଆଣି ନିଜେ ରହୁଥିବା ବାଲି ଯୋଡି ଅଁଚଳରେ ଏକ ମନ୍ଦିର ନିକଟରେ ରଖିଥିଲେ। ଗତକାଲି ବସରେ ଲାଗିଥିବା ପାଇଖାନାର ସମସ୍ତ ପରୀକ୍ଷା ନିରୀକ୍ଷା କଂପାନୀ ପକ୍ଷରୁ କରାଜିବା ପରେ ରାତିରେ ବସ ଦୁଇଟି ବାଲିଯୋଡି ଅଁଚଳରେ ଠିଆ ହୋଇଥିଲା। ତେବେ ରାତି ପ୍ରାୟ ୨ଟାରେ ବସ ଟି ନିଆଁରେ ଜଳୁଥିବା ଖବର ମାଲିକ କାହାଠାରୁ ପାଇ ଫାଣ୍ଡିକୁ ଦଉଡିଥିଲେ, ହେଲେ ପୁଲିସ ଶୋଇଥିଲା ଉଠିଲାନି, ଫଳରେ କୌଣସି ସୁଫଳ ପାଇନଥିଲେ ବସ ମାଲିକ ମଲ୍ଲିକ ବାବୁ। ବସଟି ସମ୍ପୂର୍ଣ ଜଳି ଯାଇଥିଲା। ଅନ୍ୟ ବସଟିର କାଚ ଭଂଗା ଯାଇଥିବା ବେଳେ ଭିତରେ ଅନେକ ଜରି ପୁରାଯାଇଥିଲା ଯେଉଁଥିରେ ବସଟିକୁ ଜଳାଯାଇଥାନ୍ତା ବୋଲି ଅନୁମାନ କରାଜାଉଛି, ତେବେ ପ୍ରାୟ ୨ଘଂଟା କାଳ ଏହି ଅପରେସନ କରୁଥିବା ଅପରାଧୀ ମାନେ ଧରାପଡିଜିବା ଭୟରେ ଫେରାର୍ ହୋଇଯାଇଥିବା ଖବର ମିଳିଛି । ବର୍ତମାନ ଏହି ଖବର ପ୍ରଚାରିତ ହେବା ପରେ ରାତିରେ ପୁଲିସର ଆଦୌ ପେଟ୍ରୋଲିଂ ହେଉନଥିବାରୁ ସହରରେ ଚୋରି ବଢିବା ସହ ଅପରାଧୀ ମାନେ ସହରକୁ ନିଜ କବ୍‌ଜାକୁ ନେଇ ଏଭଳି ଅଭାବନୀୟ ଘଟଣା ଘଟାଇବାକୁ ଡରୁନାହାନ୍ତି ବୋଲି ସାଧାରଣରେ ଆଲୋଚନା ଚାଲିଛି । ବାରମ୍ବାର ଏଭଳି ଅଭିଯୋଗ ହୋଇଚାଲିଥିଲେ ବି ପୁଲିସ ମୁଖିଆ ମାନେ ସଚେତନ ହେଉନାହାଁନ୍ତି। ଫଳରେ ରାଜ୍ୟ ଓ ରାଜ୍ୟ ବାହାର ଅପରାଧୀ ମାନେ ସକ୍ରୀୟ ହୋଇପଡିଛନ୍ତି ।

# ବିଜେଡି ଅଭିଯୋଗକୁ କଡ଼ା କାଉଂଟର ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର,୨୭/୧୨ (ନି.ପ୍ର): ବିଜୁ ଜନତା ଦଳ (ବିଜେଡି) ଓ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର କଡ଼ା ଆକ୍ରମଣ କରିଛନ୍ତି । ବିଜେଡି ଭାଙ୍ଗିବାକୁ ବିଜେପି ଚେଷ୍ଟା କରୁଛି ବୋଲି ନବୀନଙ୍କ ଅଭିଯୋଗକୁ ଖଣ୍ଡନ କରି, ପୂଜାରୀ କହିଛନ୍ତି ଯେ ନବୀନ ସବୁବେଳେ ନିଜ ଦଳର ନେତାଙ୍କୁ ମାରିଛନ୍ତି । ସୁରେଶ ପୂଜାରୀ କହିଛନ୍ତି, ବିଜେପି ଜନସେବା ଓ ଶାସନକାର୍ଯ୍ୟରେ ବ୍ୟସ୍ତ ଅଛି, ବିଜେଡିକୁ ଭାଙ୍ଗିବାକୁ କୌଣସି ପ୍ରୟାସ କରୁନାହିଁ । ବରଂ ମେଂଟ ଶାସନ ସମୟରେ ବିଜେଡି ବିଜେପିକୁ ଭାଙ୍ଗିବା ପାଇଁ ଚେଷ୍ଟା କରିଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ଆଇନଶୃଙ୍ଖଳା ପ୍ରସଙ୍ଗରେ ବିଜେଡି ନେତୃତ୍ୱ ଉପରେ ଆକ୍ରମଣ କରି ପୂଜାରୀ କହିଛନ୍ତି ଯେ ଯଦି ନବୀନବାବୁ ଆଇନଶୃଙ୍ଖଳା ନେଇ ଗମ୍ଭୀର, ତେବେ ବିଧାନସଭାରେ ମୁଲତବି ପ୍ରସ୍ତାବ ଆଣନ୍ତୁ । ସରକାର ଆଲୋଚନା ପାଇଁ ସବୁବେଳେ ପ୍ରସ୍ତୁତ ଅଛି ।

# ବିଭାବନା କୋଶଲୀ ଫର୍ଦ୍ଦର ଭାବର୍ ଭେଟ୍

ବଲାଙ୍ଗିର,୨୭/୧୨ (ନି.ପ୍ର): ସ୍ଥାନୀୟ ତହଁକ୍ ଶାଲ୍ ଠାରେ ବିଭାବନା ପତ୍ରିକା କୋଶଲୀ ଫର୍ଦ୍ଦ ର ତହଁକ୍ କୁଟୁମ୍ ସହଯୋଗରେ ଭାବର୍ ଭେଟ୍ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭାବନା ପତ୍ରିକାର ସମ୍ପାଦକ ଇଂ ମାନସ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ସୁଶାନ୍ତ ବାଗ, ମଧୁସୂଦନ ଦାସ, ନେପାଲ ବାଗ୍, ଗୋପୀନାଥ ଦଣ୍ଡସେନା, ଗୋପାଲ ମେହେର, ଦିଲିପ ପୁରୋହିତ ପ୍ରମୁଖ ମଂଚାସୀନ ଥିଲେ ।ତହଁକ୍ ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ତହଁକ୍ ସମ୍ପାଦକ ରାଜେଶ ଦଣ୍ଡସେନା ସଭା ପରିଚାଳନା କରିଥିଲେ ।ମୁଖ୍ୟ ପ୍ରଭାରି ଶ୍ରିୟାକାନ୍ତ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ଏକ କୋଶଲୀ କବିତା ପାଠ ଏବଂ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଡକ୍ଟର ଧର୍ମେନ୍ଦ୍ର ପ୍ରଧାନ, ରଘୁନାଥ ନନ୍ଦ, ଶୁଭସ୍ମିତା ମାହାଣା, ଅଭିଜିତ ଫରିକାର, ମନୀଷା ନନ୍ଦ, ଧରିତ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ମିଳନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୮ ନଭେମ୍ବର ୨୦୨୫
email :
rabibarachayan2015@gmail.com





# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଲୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୨୦ ଯଶ ଏବଂ ତାଙ୍କର ଚଉବନ ବନ୍ଧୁ



ବୁଦ୍ଧ ସେହି ପଞ୍ଚସଖାଙ୍କୁ ଉପଦେଶ ଦେଲେ ଯଦ୍ଦ୍ୱାରା ସେମାନେ ଶାଶ୍ୱତ ସୁଖ ପାଇପାରିବେ। ସେହି ପାଞ୍ଚଜଣଙ୍କ ମଧ୍ୟରୁ ସବୁଠାରୁ ବୁଦ୍ଧିମାନ କୋଣ୍ଡନ୍ନା ତାଙ୍କ (ବୁଦ୍ଧଙ୍କ) କଥା ବହୁତ ଧ୍ୟାନପୂର୍ବକ ଶୁଣିଲେ ଏବଂ ବୁଦ୍ଧଙ୍କ ସଂପୂର୍ଣ୍ଣ ଶିକ୍ଷା ବୁଝିପାରିଲେ। ସେମାନେ ସମସ୍ତେ କିଛି ସମୟ ସେଠାରେ ରହିଲେ।

ବୁଦ୍ଧ ଯେତେବେଳେ ବାରଣାସୀସ୍ଥ ଇସିପାଟନାର ହରିଣ ଉଦ୍ୟାନରେ ରହୁଥିଲେ, ସେତେବେଳେ ପାଖ ଅଞ୍ଚଳର ଯଶ ନାମକ ଜଣେ ଧନୀ ଯୁବକ ତାଙ୍କୁ ଭେଟିବାକୁ ଆସିଥିଲେ। ଯେତେବେଳେ ଏହି ଯୁବକ ବୁଦ୍ଧଙ୍କ ଶିକ୍ଷା ଏବଂ ତା'ର ପରିଣାମ ବିଷୟରେ ଶୁଣିଲେ; ସେ ଏତେ ପ୍ରସନ୍ନ ହୋଇଗଲେ ଯେ ଅଧିକ ଶୁଣିବା ଏବଂ ଶିଖିବା ନିମନ୍ତେ ଭିକ୍ଷୁ (ସନ୍ନ୍ୟାସୀ) ହୋଇଗଲେ।

କିନ୍ତୁ ସେହିଦିନ ସନ୍ଧ୍ୟା ସମୟରେ ଜଣେ ବୃଦ୍ଧ ବ୍ୟକ୍ତି ବୁଦ୍ଧ ରହିଥିବା ସ୍ଥାନକୁ ଆସିଲେ ଏବଂ ତାଙ୍କୁ କହିଲେ ଯେ ତାଙ୍କ ପୁଅ ସେଦିନ ସକାଳେ ବୁଦ୍ଧଙ୍କୁ ଭେଟିବାକୁ ଯାଉଥିବା କହି ଘରୁ ବାହାରି ଯାଇଥିଲା। କିନ୍ତୁ ସେ ଆଉ ଘରକୁ ଫେରିନାହିଁ ଏବଂ ତା'ର ମାଆ କାନ୍ଦୁଛି। ସେ ଭାବୁଥିଲେ ଯେ ତାକୁ ରାସ୍ତାରେ ଡକାୟତମାନେ ନିଶ୍ଚିତ ହତ୍ୟା କରିଥିବେ। ତା'ପରେ ବୁଦ୍ଧ ସେହି ବ୍ୟକ୍ତିଙ୍କୁ କହିଲେ ଯେ ତାଙ୍କ ପୁଅ ଭିକ୍ଷୁ ହୋଇଯାଇଛନ୍ତି ଏବଂ ଏହି ନୂତନ ଭିକ୍ଷୁଙ୍କ ପିତାଙ୍କୁ ବୁଦ୍ଧ ତାଙ୍କ ଶିକ୍ଷା ବୁଝାଇବାକୁ ଲାଗିଲେ। ସେ ଏତେ ସୁନ୍ଦର ଭାବରେ ବୁଝାଇଥିଲେ ଯେ ତାହା ଶେଷହେବା ମାତ୍ରେ ପିତା ମଧ୍ୟ ତାଙ୍କର ଅନୁଗାମୀ ହେବାକୁ ଅନୁରୋଧ କଲେ। ବୁଦ୍ଧ ତାଙ୍କୁ ତାଙ୍କର ଅନୁଗାମୀ କରିଦେଲେ।

ଯଶଙ୍କ ପିତା ଜଣେ କୋଟିପତି ଥିଲେ। ସେ ବୁଦ୍ଧ ଏବଂ ଅନ୍ୟ ଛଅ ଜଣ ଭିକ୍ଷୁଙ୍କୁ ତାଙ୍କ ଘରେ ମଧ୍ୟାହ୍ନ ଭୋଜନ କରିବାକୁ ନିମନ୍ତ୍ରଣ କରିଥିଲେ। ବୁଦ୍ଧ ନିମନ୍ତ୍ରଣ ଗ୍ରହଣ କରି ତାଙ୍କ ଘରକୁ ଗଲେ। ମଧ୍ୟାହ୍ନ ଭୋଜନ ପରେ ବୁଦ୍ଧ ଯଶଙ୍କ ମାତା ଏବଂ ଯଶଙ୍କ ପୂର୍ବତନ ପତ୍ନୀଙ୍କୁ ଉପଦେଶ ଦେଲେ।

ଯଶଙ୍କର ଚଉବନ ଜଣ ବନ୍ଧୁଥିଲେ। ସେମାନେ ମଧ୍ୟ ବୁଦ୍ଧଙ୍କୁ ଦର୍ଶନ କରିବା ପାଇଁ ଉପସ୍ଥିତ ଥିଲେ ଏବଂ ସେମାନେ ଯଶଙ୍କୁ ଜଣେ ସନ୍ନ୍ୟାସୀ ରୂପରେ ଦେଖିଲେ। ସେମାନେ ଯେତେବେଳେ ବୁଦ୍ଧଙ୍କୁ ଉପଦେଶବାଣୀ ଶୁଣିଲେ, ସେମାନେ ବୁଦ୍ଧଙ୍କୁ କହିଲେ ଯେ ଯଶଙ୍କ ପରି ସେମାନେ ମଧ୍ୟ ସନ୍ନ୍ୟାସୀ ହେବାକୁ ଚାହାନ୍ତି। ବୁଦ୍ଧ ରାଜି ହେଲେ ଏବଂ ସେମାନଙ୍କୁ ସନ୍ନ୍ୟାସୀ କଲେ। ଏହିପରି ଭାବରେ ଅଳ୍ପ ସମୟ ମଧ୍ୟରେ ଷାଠିଏ ଜଣ ସନ୍ନ୍ୟାସୀ ହୋଇଗଲେ। (କ୍ରମଶଃ) (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମନଗହନର କଥା...



କବିତା ହେଉଛି କବିତା। ଯାହାକୁ ବୁଝିହୁଏ ସିନା କିନ୍ତୁ ବୁଝେଇ ହୁଏନି। କବିତା ରଚନା ପାଇଁ ଯେମିତି କୌଣସି ଧରାବନ୍ଧା ନିୟମ ନଥାଏ, ସେମିତି ଯେକୌଣସି ଗତାନୁଗତିକ ସଂଜ୍ଞାରେ ଏହାର ପରିବ୍ୟାପ୍ତିକୁ ପ୍ରକାଶ କରିବା ଅସମ୍ଭବ। ସାହିତ୍ୟର ସବୁଠାରୁ ଉତ୍କୃଷ୍ଟ ସୃଜନଶୀଳ କଳାଧର୍ମକୁ ବିଚାର କରି ଏହାର ଆବେଗିକ ସିଦ୍ଧାନ୍ତକୁ କେବଳ ପ୍ରକାଶ କରାଯାଇପାରେ। କବି ତ ଏକ ସୃଜନଶୀଳ କବିତାର ଅଧିକାରୀ ମାତ୍ର ଏବଂ ତାର ସୃଜନଶୀଳତା ହିଁ ହେଉଛି କବିତା। କବିତାକୁ ସଂଜ୍ଞାୟିତ କରିବାକୁ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅନେକ ଉଦ୍ୟମ ହୋଇଛି ଏବଂ ନିର୍ଦ୍ଦିଷ୍ଟ ସଂଜ୍ଞାଟିଏ ନିରୂପଣ କରିବା ଦିଗରେ ସମସ୍ତ ଆନ୍ତରିକ ପ୍ରୟାସ ସତ୍ତ୍ୱେ କବିତା ଅଦ୍ୟାବଧି ଖୋଜି ପାଇନି ସଫଳ ସଂଜ୍ଞାଟିଏ। ସାହିତ୍ୟ ଦର୍ପଣରେ ବିଶ୍ୱନାଥ କବିରାଜ କହନ୍ତି "ବାକ୍ୟଂ ରସାତ୍ମକଂ କାବ୍ୟମ୍" ଅର୍ଥାତ୍ ରସାତ୍ମକ ବାକ୍ୟକୁ ସେ କାବ୍ୟ ଭାବେ ଗ୍ରହଣ କରିଛନ୍ତି। କିନ୍ତୁ 'ରସ ଗଙ୍ଗାଧର'ରେ ପଣ୍ଡିତ ଜଗନ୍ନାଥ କହନ୍ତି, 'ରମଣୀୟାର୍ଥ ପ୍ରତି ପାଦକଃ ଶବ୍ଦଃ କାବ୍ୟମ୍' ଅର୍ଥାତ୍ ତାଙ୍କ ମତରେ କାବ୍ୟ ହେଉଛି କେତେକ ରମଣୀୟ ଶବ୍ଦମାନଙ୍କର ସମାହାର ମାତ୍ର। ତେବେ ଏମିତି ଅନେକ ମତ ଓ ଚିନ୍ତନ ମଧ୍ୟରେ କବିତାର ସାର୍ବଜନୀନ ସଂଜ୍ଞାଟିଏ ନିରୂପଣ ହୋଇନପାରିବା କେବଳ ଏକ ବିଫଳତା ନୁହେଁ ବରଂ ଏହାର ପରିବ୍ୟାପ୍ତ ସ୍ୱରୂପକୁ ହିଁ ସୂଚିତ କରିଥାଏ। ମହାନ କବିତା ତାକୁ ହିଁ କୁହାଯାଇପରେ ଯହିଁରେ ଶବ୍ଦ ନୀରବତାରେ ବି କଥା କହିଥାଏ।

ଏକଥା ଅବଶ୍ୟ ଅନସ୍ୱୀକାର୍ଯ୍ୟ ଯେ କବିତା ତା ଇଚ୍ଛାରେ ଆସେ ଆଉ ସେ ଇଚ୍ଛା ଶବ୍ଦ ହୋଇ ଚିରଦିନ ବଂଚି ରହିପାରେ। ତେଣୁ ଏମିତି ଏକ ଅଲୌକିକ ଅନୁଭବ ଅନ୍ତତଃ ସମସ୍ତଙ୍କ ଭାଗ୍ୟରେ ଯୁଟେନାହିଁ। ଆଉ ଯିଏ ସେହି ସୋପାନରେ ପହଞ୍ଚିଯାଏ, ସେ କବି ହୋଇଯାଏ। ସତରେ କବିତା କେଉଁଠି ଥାଏ ତ ପୁଣି କେଉଁଠି ନଥାଏ। ସବୁ ନଥିବା ଭିତରେ କବିତା ଥାଏ ଓ ସବୁ ଥିବା ଭିତରେ କବିତା ନଥାଇପାରେ। ତେଣୁ କବିତା ସବୁ ଜାଗତିକ ସୌନ୍ଦର୍ଯ୍ୟ ଓ ବସ୍ତୁଚେତନା ଠାରୁ ଉର୍ଦ୍ଧ୍ୱରେ ବୋଲି ବିଚାର କରିବାକୁ ହେବ।


**- ପ୍ରୀତିଲତା ପଣ୍ଡା**

♥ ଭଦ୍ରକ
(ମୋ) ୯୦୪୦୫୮୮୬୬୦

## କବିତା.....


### ବାଟ

ମୂଳ ଅସମୀୟା :
**ଅନୁପମା ବସୁମତାରୀ**



ଅନୁବାଦ :
**ଶୈଳବାଳା ମହାପାତ୍ର**





ଅଚିହ୍ନା ଥିଲା ବାଟ
ଚାଲିବା ପାଇଁ ସାଙ୍ଗ କରିଥିଲି
ତମକୁ

ନୂଆ କରି ଚାଲି ଶିଖୁଥିବା
ଶିଶୁଟିଏ ପରି

ଚାଲୁଥିଲି ମୁଁ ତମରି ନିର୍ଦ୍ଦେଶରେ
'ସେପଟେ ନୁହଁ ଏପଟେ'
ତମେ କହୁଥିଲ ଏମିତି

ଫେରିଲା ବେଳକୁ ବହୁଥିଲା
ଫଗୁଣର ଧୂସର ପବନ

ସେଇ ବାଟେ ଚାଲିବା ପାଇଁ
ଆଉ କେବେବି ଯାଏନି ମୁଁ
ତମେ ଯଦି ଯାଅ କେବେ
ଭେଟିବ -

ବାଟର ଧୂଳିରେ ମିଶି ରହିଥିବା
ମୋର ଟୋପା ଟୋପା ଲୁହ !!

♥ ପୁରୀ
(ମୋ) ୭୦୦୮୫୮୬୫୦୧

### ମିଥ୍ୟା ସୂର୍ଯ୍ୟ

**ସ୍ୱାଗତିନୀ ମହାପାତ୍ର**



ମୁଁ ଦେଖୁଛି...
ଫାଟିଯାଇଥିବା ଆଇନାରେ
ମୋ ଚେହେରା।
ସତ୍ୟର ହଜାରେ ଖଣ୍ଡ,
ପ୍ରତିଟି ଖଣ୍ଡରେ ନିଜ ଅସ୍ତିତ୍ୱର
ଅନ୍ୟ ପ୍ରକାର ରୂପ।
ବିଶ୍ୱାସ ଏକ ପୁରୁଣା ମୁଦ୍ରା,
ଚଳଣି ନାହିଁ ଏ ଡିଜିଟାଲ୍ ବଜାରରେ।

ତୁମର ଦୁଃଖ କିଛି ନୁହେଁ,
କେବଳ ଏକ ପିକ୍ସେଲ୍ ତ୍ରୁଟି,
ପୂର୍ବ-ନିର୍ଦ୍ଧାରିତ କାହାଣୀ।
ଇତିହାସ ହଜିଛି
ଏକ ମାନଚିତ୍ରର ଖଣ୍ଡ ପରି।

ପ୍ରତିଶ୍ରୁତି ଏକ ଅସ୍ପଷ୍ଟ ଧୂଆଁ,
ଯିଏ ହଜିଯାଏ ଏଡିଟିଂ ଟେବୁଲ୍‌ରେ।

ପ୍ରତିଦିନ ସୂର୍ଯ୍ୟ ଉଠେ,
କିନ୍ତୁ ଏହା ଏକ କୃତ୍ରିମ ଆଲୋକ,
ପରଦା ଉପରେ ଏକ ପ୍ରତୀକ।
ଏହି ବେଦରଦୀ ସୂର୍ଯ୍ୟ ତାପ ଦିଏ,
କିନ୍ତୁ ଆଶା ଦିଏନାହିଁ।
ଆଲୋକ ଦିଏ, କିନ୍ତୁ ସତ୍ୟ ଦିଏନାହିଁ।
ତୁମର ପ୍ରଶ୍ନ: 'କୁହ ତ କାହାକୁ କହିବି ?'
ଏ ପ୍ରଶ୍ନଟି ମଧ
ଏକ କପି-ପେଷ୍ଟ୍ କ୍ଲିକ୍‌ବେଇଟ୍।
ଶୁଣିବାକୁ କେହି ନାହାଁନ୍ତି,
କେବଳ ଅଛନ୍ତି ଅନେକଗୁଡ଼ିଏ ଇକୋ।

ସାଥୀ ଶବ୍ଦକୁ ଏକ ଅସମ୍ପୂର୍ଣ୍ଣ ବ୍ରାକେଟ୍ ଭିତରେ
ରଖିଦିଅ।
ଦୁଃଖକୁ କୁହ: ତୁ ଏକ ଡାଟା ଫାଇଲ୍,

ଯାହା କେବଳ ନିଜେ ନିଜକୁ
ଡିଲିଟ୍ କରିପାରିବ।
ଆଉ ଏ ଖଣ୍ଡ ଖଣ୍ଡ ଅନୁଭୂତି ହିଁ ଏ ଯୁଗର
ଏକମାତ୍ର ସମ୍ପୂର୍ଣ୍ଣ କବିତା।
ସତ୍ୟର ଅନୁସନ୍ଧାନ ଏକ ପୁରୁଣା ଫିଲ୍ମ,
ଯାହାର ଶେଷ ପୃଷ୍ଠା
କେବେ ଆସିବ ନାହିଁ।

♥ ନୂଆଗାଁ, ବାଲିକୁଦା
ଜଗତସିଂହପୁର

### ଭୋଗ

**ପୁସ୍ତମ ଯୁଆଡି**



ଶତ୍ରୁମାନେ ଦିନରାତି ପହରା ଦେଉଛନ୍ତି
ଶିବିରରେ
ଘେରିଛି ଗୋଟେ ଅଦୃଶ୍ୟ ଅନ୍ଧାର
ମୋ ଚାରିକଡ଼େ
ମୁକୁଳିବାର ସତତ ଚେଷ୍ଟା ହେଉଛି
ବିଫଳ।

ପ୍ରସାରିତ ହାତମାନେ
ସଂକୁଚିତ ହେଉଛନ୍ତି ଧିରେ ଧିରେ
ମୋ ପାଖରୁ ଦୂରେଇ ଯାଉଛନ୍ତି
ଜାତି କୁଟୁମ୍ବ ସ୍ନେହ ପ୍ରେମର ଅନୁରାଗ।

ସେମାନେ ମତେ ନେଇଗଲେ
ଅଗନା ଅଗନି ଜଙ୍ଗଲକୁ
ଶୁଣାଇଲେ ସ୍ୱର୍ଗର ପାରିଜାତ କାହାଣୀ
ମର୍ତ୍ତ୍ୟର ମୋହ ଓ ପାତାଳର ଗହନ କଥା
ଆଉ ପୁଣି ଶୁଣାଇଲେ

ବନ୍ଧନର ମାୟା,ପାହାଡର କଠିନତା
ଝରଣାର କୋମଳ ଗୀତ ଓ
ପ୍ରେମିକାର୍ ହୃଦ୍‌କମ୍ପନ।

ମୁକ୍ତ ହେବାପାଇଁ ଯେତେ ଜିଦ୍ କରୁଥାଏ
ସେମାନେ ଗୋଟିଏ ପରେ ଗୋଟିଏ କାହାଣୀରେ
ମତେ ହାଣୁଥାନ୍ତି,
ରକ୍ତାକ୍ତ ହେଉଥାଉ ସାରାଟା ଶରୀର
ମୋ ଚିତ୍କାର ଯେତେ ବୁମେରାଂ ପାଲଟି
ଫେରି ଆସୁଥାଏ ମୋ କତି।

ଶେଷଥର ପାଇଁ କହିଲି
ଅନ୍ତତଃ ଛାଡିଦିଅ ମତେ ଘଡିକ ପାଇଁ
ଥୋଇ ଆସିବି ପାପ ଯେତେ

ସଂସାରର ମାଟି ପାତ୍ରରେ
ସେମାନେ ତାହା ବି କରେଇ ଦେଲେଣି।

ଭୋଗିବା ହିଁ ସାର
ପାପ, ପୂଣ୍ୟ ଆଶୀର୍ବାଦ, ଅଭିଶାପ
ଜଂଜାଳ ବି ମୋକ୍ଷ ବି...!!

♥ ଭୁଟିବାହାଲ
ଗାଇସିଲାଟ,ବରଗଡ

### ଆଶା

**ଦିନେଶ ମେହେର**



ମେଞ୍ଚାଏ ଆଶାଭର୍ତ୍ତି ହୃଦୟକୁ
ଚେନାଏ ହସ ହିଁ ତ ଯଥେଷ୍ଟ,
ଯାହା ବଞ୍ଚିବାକୁ ବାଧ କରେ
ଏକ ନୂଆ ସମ୍ଭାବନାର ସ୍ୱପ୍ନ ଦେଖେଇ !

ସେଇ, ଦୂର ପାହାଡ଼ ପାଦଦେଶରେ
ଅନେକ କିଛି ପାଇବାର ଇଛା,
ଅନେକ କିଛି ଦେଖିବାର ଇଛା
ଠେଲି ନିଏ ଡଙ୍ଗର ଆଡ଼କୁ,
ଧାଇଁ ଯାଏ ପାଦ ଦୁଇ
ଅନାୟସରେ ପହଞ୍ଚି ଯାଏ
ସବୁଜ ଉପତ୍ୟକା ଭିତରେ;
କାହିଁ କେତେ ଯୁଗରୁ
ଜଡ ଭଳି ଠିଆ ହେଇଥିବା
କାନ୍ଦୁଳ ଡଙ୍ଗର,
ଛାତିରେ ତାର ସବୁଜ ବନାନୀ
ଲେସି ହେଇ ରହିଛି
ସମଗ୍ର ସବୁଜିମା ଉପରେ.....!

ସେଇଠି ହଜେ,ତମାମ କବିପଣିଆ
ହଜିଯାଏ ଆପଣାର ସତ୍ତା
ଭୁଲିଯାଏ ଦୂର ସହର କୋଣରେ ଅବସ୍ଥିତ
ନିଜର ଛୋଟ ଗାଁ'କୁ,
ଗହଳିକୁ, ଗୋ'ଶାଳାକୁ, ଗୋ'ପଲକୁ
ସମାଜକୁ, ସାମାଜିକ ବ୍ୟବସ୍ଥାକୁ
ସବୁକିଛି ତ ଭୁଲିବାକୁ ହୁଏ
ଶାନ୍ତିରେ ଟିକେ ବଞ୍ଚିବା ପାଇଁ.....!

ଜାଣିଛ,ଏଇ ବଞ୍ଚିବା ମରିବା ଭିତରେ ବି
ଅନେକ ବାଟ,
ଏନ୍ତୁଡ଼ିରୁ ମଶାଣି ଯାଏଁ ଲମ୍ବିଥିବା
ରାସ୍ତା ମଝିରେ
କେତେ କେତେ ସ୍ୱପ୍ନ ସବୁ ଫୁଟି
ଅକାଳରେ ଝରି ପଡ଼ନ୍ତି,
ଅକାଳରେ ମଉଳି ଯାଆନ୍ତି ଆଶା ସବୁ
ତଥାପି ବି ତ ମନଖୋଲି ବଞ୍ଚିବାକୁ ହୁଏ
ସ୍ୱପ୍ନ ଦେଖି, ସଂଘର୍ଷ କରି
ଏକ ଲକ୍ଷ୍ୟରେ ଜୀବନର
ବାଟ ଚାଲୁ ଚାଲୁ
କେତେବେଳେ କୋଉଠି କଣ୍ଟା ଫୁଟେ
ଆଉ କେଉଁଠି ଫୁଲ ଫୁଟେ
ଲାଲ, ଗୋଲାପୀ
ଅବା ହଳଦିଆ ରଙ୍ଗର....!

ଦେଖ, ସେଇ ଫୁଲ ଫୁଟିବା ମୁହୂର୍ତ୍ତକୁ ତ
ଅପେକ୍ଷା କରି କରି
ଆଜି ଜୀବନର ଅଧା ରାସ୍ତାରେ
ପହଞ୍ଚି ସାରିଛି,
ହଜେଇ ସାରିଛି କିଛି ଅତୀତ
ସାଉଁଟି ସାରିଛି କେଇ ମୁଠା ସ୍ମୃତି
ତଥାପି ଅପ୍ରତ୍ୟାଶିତ ଭାବରେ
ଅନେଇ ବସିଛି ଡିମିରି ଫୁଲ ଫୁଟିବାର
ମାହେନ୍ଦ୍ର ମୁହୂର୍ତ୍ତକୁ....!

♥ ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

## ଗୀତି କବିତା

### ଛୋଟ ଛୋଟ ଆଶା ମୋର

**ବାବାଜୀ ଚରଣ ଜେନା**



ଛୋଟ ଛୋଟ ଆଶା ମୋର
ମନ ପରିଧିରେ ରହି
ହାତ ଧରି ଟାଣି ନିଏ
ଆଗକୁ ତ ଯିବା ପାଇଁ
ଛୋଟ ଛୋଟ ଆଶା ମୋର...।୦।

ନିଜ ପରିସରେ ରହି
ମାପିଚୁପି କହେ କଥା
ଚାହେଁ ନାହିଁ କେବେ କାହା
ମନେ ନଦେବାକୁ ବ୍ୟଥା
ଭଲ ଅଛି କାହାକୁ ମୁଁ
ଇର୍ଷା କେବେ କରି ନାହିଁ
ତେଣୁ ଖୁସିରେତ ଅଛି
ଜୀବନରେ ଏକା ରହି
ଛୋଟ ଛୋଟ ଆଶା ମୋର...।୧।

କିଛି ଚିତ୍ରକଳ୍ପ ଆଙ୍କେ
ନିତି ମନ କାଗଜରେ
ସ୍ୱପ୍ନକୁ ସାକାର କରେ
ବେଳାଭୂମି ବାଲୁକାରେ
କାହାକୁ ମୁଁ କେବେ ହେଲେ
ଅଣଦେଖା କରି ନାହିଁ
କିଏ କହିଲେତ କିଛି
ସେଥି ଲାଗି ଭୟ ନାହିଁ
ଛୋଟ ଛୋଟ ଆଶା ମୋର...।୨।

♥ ଅହଲ୍ୟା ନିବାସ, ପୋପରଡା
ନୂଆବଜାର, କଟକ- ୪
(ମୋ) ୯୪୩୭୮୩୪୭୧୯

### ଶୀତର ସନେଟ

**ହରିଶ୍ଚନ୍ଦ୍ର ବେହେରା**



♥ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

ଶୀତ ଆସେ ମୋ ବୋଉର ଗୁରୁବାର ଝୋଟି ଆଉ ମୁରୁଜକୁ ଛୁଇଁ
ଶୀତ ଆସେ ରେଜେଇ କମ୍ବଳ ତଳେ ମିଠା ମିଠା ଉଷୁମକୁ ନେଇ
ଶୀତ ଆସେ ଗେଣ୍ଡୁ ଆଉ ହର ଗୌରା ଓଠେ ଚୁମା ଦେଇ
ଶୀତ ଆସେ ଲକ୍ଷ୍ମୀ ପୁରାଣର କାଳଜୟୀ ଗୀତ ଗାଇ ଗାଇ ।।

ଶୀତକୁ ନ ଡରି ଧାନ କାଟି ଯିବେ ଚାଷୀ ଆଉ ଚାଷୀ ବଧୂ
ଘରେ ଘରେ ଆହା କି ଆନନ୍ଦ ଭରେ ସବୁଠି ଝରଇ ମଧୁ
ଖଳା ଲିପା ଆଉ ବାଡ଼ ଘେରା କାମ ଆଗରୁ ଦେଇଛି ସାରି
କଳେଇ ଗଦାରେ ହସିବ ତା'ଖଳା ମରେଇ ଯିବତ ପୂରି ।।

ସବୁ ମାସ ଠାରୁ ମାର୍ଗଶିର ଶ୍ରେଷ୍ଠ କହିଛନ୍ତି ମହାଜନେ
ଲକ୍ଷ୍ମୀ ମା'ଙ୍କର ଆଶିଷ ଝରଇ ଭକ୍ତି ଯେ ଭରଇ ମନେ
ଧାନ କଟା ଗୀତ ଶୁଭୁନି କାହିଁତ ଯନ୍ତ୍ରତ କରୁଛି ସବୁ
ପାଣ୍ଡି ପଲାଣ ତ ସପନ ହେଲାଣି ଅତୀତକୁ କିଆଁ ଭାବୁ ।।

ମାଟିର ମଣିଷ ମାଟିରେ ମିଶିଛି ଆସିଅଛି ନୂଆ ଯୁଗ
ଯନ୍ତ୍ର ପାଖରେ ମଣିଷତ ବନ୍ଧା ଫିକା ସବୁ ଅନୁରାଗ ।।

### କେହି ନଥିବା ବେଳେ

**ସତ୍ୟବ୍ରତ ସାହୁ**



କେହି ନଥିବା ବେଳେ ବି
କେହି ଜଣେ ଥାଏ ମୋ' ଭିତରେ
ମୋ' ମନକୁ ପଢେ ତାଗିଦ୍ କରେ
ହୃଦୟକୁ ଚିହ୍ନେ ବିବେକକୁ ବାଟ ବତାଏ
ଚେତନାକୁ ଜାଗ୍ରତ କରେ
ଅସ୍ଥିର ଚିତ୍ତକୁ ସାନ୍ତ୍ୱନା ଦିଏ
ଲାଗେ ମୋତେ
ନିରେଖୁ ଥାଏ ସେ ବାରମ୍ବାର।

ତାକୁ ମୋର ଭାରି ଡର, ସମ୍ମାନ ବି
ତା ଭୟରେ ସଦା ସଂଯତ ଥାଏ
ତାକୁ ସମ୍ମାନ ଦେଇ କରିପାରେନା ଭୁଲ୍
ମୋ' ସମଗ୍ର ସତ୍ତାକୁ ସମର୍ପି ଦିଏ ତା ପାଖରେ
ତା ନିର୍ଦ୍ଦେଶରେ ଚାଲେ
ମୋ' ସଫଳତା ଓ ବିଫଳତାକୁ
ଟେକି ଦିଏ ତା ନାଁ'ରେ
ମୋ' ଏକଲାପଣକୁ
ଭୁଲିଯିଏ ତା ଅନୁଭବରେ
ତାପରେ ସେ ହୋଇଯାଏ ମୋ' ବନ୍ଧୁ
ଉଭେଇଯାଏ ସବୁତକ ଡରପଣ।


ସେ କିଏ ମୁଁ ଜାଣେନା
ଅନ୍ତରାତ୍ମା ହେଉ ବା ହୁଅନ୍ତୁ ପରମାତ୍ମା
ସେ ଥାଆନ୍ତୁ ସେମିତି
ମୋ' ଦେହ ସିଂହାସନରେ
ମନ ପୂଜୁଥାଉ ଶ୍ରଦ୍ଧା ସୁମନରେ
କେହି ନଥିଲା ବେଳେ ଏକଲାପଣକୁ
ମୁଁ ପାଶୋରି ଦେଉଥାଏ ତା ଉପସ୍ଥିତରେ
ମୋ' ରିପୁମାନଙ୍କୁ ଦମନ କରି
ସେ ଥା'ନ୍ତୁ ସଦା ମୋ' ଭିତରେ
ଏବଂ ମୁଁ ଅନୁଭବୁଥାଏ
କେହି ଜଣେ ଅଛି ମୋ' ଭିତରେ ।

♥ ପଲ୍ଲୀସହି, କମାଳପୁର, ଅହିୟାସ,
ଜାଯପୁର- ୭୫୫୦୩୬
ମୋ- ୯୩୩୮୧୭୫୭୧୯

# ସାଧନା ନୁହେଁ, ବ୍ୟବସ୍ଥା ହିଁ ଆଜିର ସାହିତ୍ୟ ଧାରାକୁ ପ୍ରଭାବିତ କରୁଛି : ଗୌତମ ଜେନା

**ଗୌତମ ଜେନା ଓଡ଼ିଆ ସାହିତ୍ୟ ଜଗତର ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ । ପ୍ରଜ୍ଞା, ପ୍ରତିଭା ଓ ମାନବବାଦର ଅନବଦ୍ୟ ସ୍ରଷ୍ଟା ଭାବେ ସେ ତିଆରିଛନ୍ତି ଯେଉଁ ସୃଜନ ବଳୟ, ତାହା ଆଗାମୀ ପିଢି ପାଇଁ ଅନନ୍ୟ ଉଦାହରଣ । ବାସ୍ତବବାଦୀ ଚେତନା ଓ ଉପସ୍ଥାପନାରେ ଋଦ୍ଧିମନ୍ତ ତାଙ୍କ ଲେଖକୀୟ ସତ୍ତା । "ଆପଣାର ଦୃଷ୍ଟିକୋଣ ଅନୁଯାୟୀ ପୁରସ୍କାରର ମୂଲ୍ୟ ନିରୂପିତ ହୋଇଥାଏ, ତେବେ ଲେଖକର କାମ ହେଲା ଲେଖିବା" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ପଚାଶ ବର୍ଷ କବିତା ଲେଖିବା ପରେ ଏଇ ପ୍ରଶ୍ନ ବି ମୁଁ ନିଜକୁ କରେ । କବିତା କାହିଁକି ଲେଖିଲି ? ଭଲ ଚାକିରୀ କରିଥିଲି, ଭଲ ଦରମା ପାଉଥିଲି । ଅନ୍ୟମାନଙ୍କ ପରି ସପରିବାର ଆନନ୍ଦରେ ବସିଉଠି, ବୁଲାବୁଲି କରି, ଖାଇପିଇ ଅୟସରେ କଟେଇ ଦେଇ ପାରିଥାନ୍ତି । କବିତା ଲେଖି ବୈଷୟିକ ଜୀବନରେ ବହୁତ କିଛି ହରାଇଲି । ସାହିତ୍ୟ ଭିତରେ ଅପଗଣ୍ଡମାନଙ୍କର ଏତେ ପ୍ରବେଶ ଯେ ସେମାନଙ୍କୁ ଆଡ଼େଇ ନିଜ ପାଇଁ ଜାଗା ତିଆରି କରିବା ଓଡ଼ିଶାରେ ଅସମ୍ଭବ । ସେଥିପାଇଁ ଅନେକ ସମୟରେ ଗ୍ଲାନିବୋଧ ଭିତରେ ବୁଡ଼ିଯାଏ । ସରକାରୀ ବେସରକାରୀ ସବୁଠି ଏୟା । ଲଜ୍ଜା ଲାଗେ ନିଜକୁ ଓଡ଼ିଆ କବି ବୋଲି କହିବାକୁ । କିନ୍ତୁ ଯେଉଁ ବୟସରେ ଲେଖା ଆରମ୍ଭ କରିଥିଲି ସେ ସମୟ ଥିଲା ଭିନ୍ନ । ୧୯୭୪ ମସିହା ବେଳକୁ କବିତା ପ୍ରତି ମୋର ଭଲ ପାଇବା ଆସି ସାରିଥିଲା । ଏଇଠୁ ଲେଖିବା ଆରମ୍ଭ କରିଥିଲି । ମୋର ପ୍ରଥମ କବିତା ୧୯୭୬ ମସିହାରେ ମୀନାବଜାରରେ ପ୍ରକାଶ ପାଇଥିଲା ଓ ଏହିବର୍ଷ କବି କମଳାକାନ୍ତ ଲେଙ୍କାଙ୍କ ସହ ମିଶି 'ସମୟ' ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ କରିଥିଲି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଏଇ ସମୟକୁ ମୁଁ ରାଧାନାଥ, ଫକୀର ମୋହନ, ଗଂଗାଧର ଓ ଗଡ଼ନାୟକଙ୍କୁ ପଢ଼ି ସାରିଥିଲି । ଆମ ଘର ପାଖରେ ଥିବା ଶ୍ୟାମ ସୁନ୍ଦର ପାଠାଗାରର ବହିପତ୍ର ମୋ ଲେଖକୀୟ ଜୀବନର ଆଦ୍ୟ ପ୍ରେରଣା । ୧୯୭୪ ବେଳକୁ 'ମଥୁରା ମଙ୍ଗଳ' (ଭକ୍ତ ଚରଣ), କେଶବ କୋଇଲି (ମାର୍କଣ୍ଡ ଦାସ), ଉଦ୍ଧବ ଚଉତିଶା (ବା ଗୋପୀଙ୍କ ଖେଦ- ବିଦ୍ୟାପତି ଓ ଭ୍ରମରବର ରାୟ), ବିଦଗ୍ଧ ଚିନ୍ତାମଣି (ଅଭିମନ୍ୟୁ), ରସକଲ୍ଲୋଳ (ଦୀନକୃଷ୍ଣ), ଲାବଣ୍ୟବତୀ (ଉପେନ୍ଦ୍ର ଭଞ୍ଜ) ପ୍ରଭୃତି ପଢ଼ି ଏସବୁରେ ମୁଁ ଖୁବ୍ ପ୍ରଭାବିତ ହୋଇ ପଡ଼ିଥିଲି । ଏହାହିଁ ମୋ ଭିତରର କାବ୍ୟିକ ସ୍ଫୁରଣକୁ ଖୁବ୍ ପ୍ରେରଣା ପ୍ରଦାନ କରିଥିଲା । ପରବର୍ତ୍ତୀ ସମୟରେ ମୁଁ ଯେତେବେଳେ ସାହିତ୍ୟର ଛାତ୍ର ଉପରେ ଅଧିକ ଅଧ୍ୟୟନର ସୁଯୋଗ ପାଇଲି, ସେତେବେଳେ ଆଧୁନିକ ମୁକ୍ତ ଛନ୍ଦର କବିତା ଲେଖିବାର ପ୍ରୟାସ କରିଥିଲି । ଏହି ସମୟରେ (୧୯୭୬) ମୁଁ ପ୍ରେରଣା ପାଠ କବି କମଳାକାନ୍ତ ଲେଙ୍କାଙ୍କ ଠାରୁ, ଯିଏ ଆଗକୁ ଯିବାର ମାର୍ଗ ପ୍ରଦର୍ଶନ କରିଥିଲେ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ଆପଣଙ୍କ କବିତା ପାଠକଙ୍କୁ ଛୁଇଁଥାଏ । ଏହାର ଟେକନିକ୍ କ'ଣ ? କବିତାର କିଛି ସୀମା ରହିବା ଉଚିତ କି ?

■■ ୧୯୭୬ ମସିହା ଠାରୁ ମୁଁ ଆମର ଆଞ୍ଚଳିକ ପତ୍ର ଓ ପତ୍ରିକାମାନଙ୍କରେ ଲେଖିବା ଆରମ୍ଭ କରିଥିଲି । ବିଭିନ୍ନ ସାହିତ୍ୟ ଆସରରେ ଯୋଗଦେବାର ସୁଯୋଗ ପାଇଥିଲି । ମୋ କବିତା ପଢ଼ି/ ଶୁଣି ମୋର ବହୁ ଶୁଭେଚ୍ଛୁ ଓ ବରିଷ୍ଠ କବି ମୋତେ ଲେଖିବା ପାଇଁ ପ୍ରେରଣା ଦେଇଥିଲେ । ଏହି ସମୟରେ ଆକାଶବାଣୀ କଟକର ଯୁବବାଣୀରେ କବିତା ପଢ଼ିବାର ସୁଯୋଗ ପାଇଛି । ୧୯୭୮ରୁ ସଂଭ୍ରାନ୍ତ ସାହିତ୍ୟ ପତ୍ରିକାରେ ମୋର ପ୍ରଥମ କବିତା ପ୍ରକାଶ ପାଇଲା । ପ୍ରଜାତନ୍ତ୍ର, ଡଗର, ମାନସ ଓ ଆସନ୍ତା କାଲିଠୁ ଆହୁରି କେତେ ପତ୍ରିକାରେ ମୁଁ ଲେଖିଛି ତା'ର ହିସାବ ନାହିଁ । ୧୯୭୭ ମସିହା ବେଳକୁ 'କବିତା ଶ୍ରୀ ଓ ଧୀ' ତଥା ଓ ୧୯୭୯ରେ ପଞ୍ଚାନନ ଦାସଙ୍କ ସଂପାଦିତ 'ଏଇ ଦଶକର କବିତା' ପୁସ୍ତକରେ ମଧ୍ୟ ମୋ କବିତା ସଂକଳିତ ହୋଇଥିଲା । ଏହା ପରଠୁ ମୁଁ ଆଗକୁ ହିଁ ଚାଲିଛି । କବିତାରେ ଜୀବନ ଥିଲେ କବିତା ପାଠକକୁ ଛୁଏଁ । କବିତା ଜଣେ ସ୍ନେହଶୀଳ ଓ ହୃଦୟବାନ ମଣିଷର ହୃଦୟ ଠୁ କିଛି କମ୍ ନୁହେଁ । ସେଥିପାଇଁ ମୋ କବିତାର ଟେକ୍‌ନିକ୍ ହିଁ ଆପଣାପଣ । ପ୍ରତ୍ୟେକ ଶବ୍ଦକୁ ମୁଁ ଜୀବନ୍ୟାସ ଦିଏ । ଏଇ ଶବ୍ଦମାନେ ଏକାଠି ବସି ଆପଣାର କଥା କୁହନ୍ତି । କବି ପାଖରୁ ଥରେ କବିତା ବାହାରି ଗଲେ ସେ ହୁଏ ଅନନ୍ତ ପଥର ଯାତ୍ରୀ । ଆଉ ତା'ର ସୀମା ନଥାଏ । ସେ କାହାର ଆୟତ୍ତରେ ନଥାଏ । ନିଜର ମୂଲ୍ୟବାନ ସେ ନିଜେ କରେ । କବିତାର ନିନ୍ଦା ଓ ପ୍ରଶଂସାରେ କବିର କ'ଣ ଯାଏ !

■ ଭଲ କବିତାର ସ୍ୱରୂପ କ'ଣ ? କବିତା ପାଇଁ କବିତା ନା କବିତା ପାଇଁ କବି; କିଏ ଗୁରୁତ୍ୱପୂର୍ଣ୍ଣ ? ଜଣେ କବିର ସାମାଜିକ ଦାୟ କ'ଣ ହେବା ଉଚିତ ?

■■ ଭଲ କବିତାର ସ୍ୱରୂପ ସେ କେତେବେଳେ ପୁରୁଣା ହୁଏ ନାହିଁ । ଭଲ କବିତା କେତେବେଳେ ମରେ ନାହିଁ । ସେ ଶାଶ୍ୱତ, ସେ ଅମର । ଭଲ କବିତା ହିଁ ବିଶ୍ୱ ମଣିଷର କବିତା । ଭଲ କବିତାରେ ଭାଷାର ପ୍ରତିବନ୍ଧକ ନଥାଏ । ସେ ନିଜେ ଆପଣାର ଗୌରବର ଅଧିକାରୀ । ତା'ରି ଭିତରୁ ସମୟର ଆରମ୍ଭ ହୋଇ ତା'ରି ଭିତରେ ହିଁ ଶେଷ ହୋଇଥାଏ । ମହାଜାଗତିକ ବିଶ୍ୱ ପରି କବିତା ଯେତିକି ପ୍ରହେଳିକା ପୂର୍ଣ୍ଣ, ସେମିତି ବୈଚିତ୍ର୍ୟମୟ ।

ସେଥିପାଇଁ କବିତା ଭିତରେ କବି କେତେବେଳେ ନଥାଏ । କବି ଭିତରୁ କବିତା ବାହାରି ସେ ସ୍ୱତନ୍ତ୍ର ହୋଇଯାଏ । ସେ ଜନ୍ମଦାତା, କିନ୍ତୁ ତାର ଭାଗ୍ୟ ନିୟନ୍ତକ ନୁହେଁ । ଏଣୁ ସବୁ ସମୟରେ କବିତା ହିଁ ଏ ମଣିଷ ଜାତିର । ପୁନଶ୍ଚ 'ଜଣେ କବିର ସାମାଜିକ ଦାୟ କଣ ହେବା ଉଚିତ' ପରି ପ୍ରଶ୍ନ ନିଶ୍ଚୟ ତର୍କ ଭିତରକୁ ପଶି ଆସିବ । ଏପରି ପ୍ରଶ୍ନ କବି ପାଇଁ କେତେ ଦୂର ପ୍ରଯୁଜ୍ୟ ? ଭାବନିଷ୍ଠ କବିତାରେ କବିର ତନ୍ମୟ ଅବସ୍ଥାରେ କେହି ନଥାନ୍ତି । କବିତା ଏକ କ୍ଷୁଦ୍ର ଦର୍ଶନକୁ କେନ୍ଦ୍ର କରି ଘୁରୁଥାଏ । କିନ୍ତୁ ବସ୍ତୁନିଷ୍ଠ କବିତାରେ ଗୋଟେ ଘଟଣାକୁ କେନ୍ଦ୍ର କରି କବିତା ଗତିଶୀଳ ହୁଏ । କବିର ଆଗୋଚରରେ ଏ ମଣିଷର କଥା ହିଁ କବିତା ଭିତରକୁ ଚାଲିଆସେ । ଏଣୁ ଜଣେ ମଣିଷ ଓ କବି ଏକା ମଣିଷ ନୁହଁନ୍ତି । ଜଣେ ମଣିଷ ଭାବରେ ସାମାଜିକ ଦାୟ ରହିବା ଜରୁରୀ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ବର୍ତ୍ତମାନ ସମୟରେ ମାତୃଭାଷା ବୋଲି କିଛି ନାହିଁ । ନିର୍ଦ୍ଦିଷ୍ଟ କରି ଗୋଟେ ଭାଷାକୁ ହିଁ କହିବାକୁ ପଡ଼ିବ । ଆମେ ଓଡ଼ିଆ ଭାଷା ସଂର୍ପକରେ ଆଲୋଚନା କରିବା । ଏଣୁ ଓଡ଼ିଆ ଭାଷା ସଂକଟରେ ଅଛି କି ବୋଲି ପ୍ରଶ୍ନ ହୋଇପାରେ । କିନ୍ତୁ ଏପରି ପ୍ରଶ୍ନ କେତେବେଳେ ମୋ ମନକୁ ଆସିନାହିଁ । କ୍ରମଶଃ ଓଡ଼ିଆ ଭାଷା ସବୁ ଭାଷାର ଶବ୍ଦଙ୍କୁ ନିଜ ଭିତରକୁ ଆଣି ସମୃଦ୍ଧ ହେବାରେ ଲାଗିଛି । ହିନ୍ଦୀ, ବଂଗଳା, ଉର୍ଦ୍ଦୁ ଓ ଇଂରାଜୀ ବିଶେଷ ଭାବରେ ଓଡ଼ିଆ ଭାଷା ଭିତରକୁ ପଶି ଆସିଲେଣି । ଆଲୋଚକମାନେ ବିଚାର କରିବେ ଓଡ଼ିଆ ଭାଷାର ଗତି କୁଆଡ଼େ । ତେବେ ବୈଦ୍ୟୁତିକ ଗଣମାଧ୍ୟମ ଓଡ଼ିଆ ଭାଷାକୁ ବିକୃତ ଭାବରେ ଉଚ୍ଚାରଣ ଓ ପ୍ରକାଶ କରିବା ବର୍ତ୍ତମାନ ଚିନ୍ତାର କାରଣ । ଏଥିରୁ ମୁକ୍ତି ପାଇବାର ମାର୍ଗ କେବଳ ସାହିତ୍ୟ ନୁହେଁ, ଏଥିପାଇଁ ଅନେକ କ୍ଷେତ୍ରରେ ଆବଶ୍ୟକତା ଅଛି ।

■ ସାହିତ୍ୟ ଆଲୋଚନା ଓ ସମାଲୋଚନା ଦିଗ ପ୍ରତି ସଠିକ୍ ଦୃଷ୍ଟି ଦିଆଯାଉ ନାହିଁ ବୋଲି ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କବିତା ନା ସମାଲୋଚନା; ଆପଣଙ୍କ ଦୃଷ୍ଟିରେ କେଉଁଟି ଶ୍ରେଷ୍ଠ ?

■■ ନାନା ମୁନିଙ୍କର ନାନା ମତ । ତେବେ ପ୍ରଥମେ ସୃଷ୍ଟି ଓ ପରେ ସମାଲୋଚନା କଥା ଆସିବ । ବର୍ତ୍ତମାନ ପ୍ରକାଶନ ସଂସ୍ଥାର ଏତେ ପ୍ରଭାବ ଯେ ଆଜି ଲେଖା ଆରମ୍ଭ କରୁ କରୁ କାଲିକୁ ମହାନ ହୋଇଯିବା ପାଇଁ ବ୍ୟବସ୍ଥା ଚାଲୁଛି । ଏଣୁ ସାଧନା ନୁହେଁ, ବ୍ୟବସ୍ଥା ହିଁ ଆଜିର ସାହିତ୍ୟ ଧାରାକୁ ପ୍ରଭାବିତ କରୁଛି । ବିଶେଷ ଭାବରେ ଯୁବଗୋଷ୍ଠୀ ଏ ଦିଗରେ ବହୁ ଆଗରେ । ପୁନଶ୍ଚ କ୍ଷମତା, ପ୍ରତିପତ୍ତି ଠୁ ଆରମ୍ଭ କରି ଗୋଷ୍ଠୀ ନିର୍ମାଣ ଆଜିର ସାହିତ୍ୟ କ୍ଷେତ୍ରକୁ ଘୃଣ୍ୟ ଅବସ୍ଥାକୁ ନେଇ ଆସିଲାଣି । କେଉଁଠି ବି କାଣିଚାଏ ମୂଲ୍ୟବୋଧ ବା ଆଦର୍ଶ ନାହିଁ ।

ତେବେ କେହି କେଉଁଠି କିଛି ଅଭିଯୋଗ କରନ୍ତି ନାହିଁ । କେହି କାହାକୁ ବାଧ କରୁ ନାହାନ୍ତି ଲେଖିବା ପାଇଁ । ଯିଏ ଏ ଧରାଧରି କାଦୁଅ ଭିତରୁ ଉଠି ଆସିବାକୁ ଆପଣାର ଶକ୍ତି ଓ ସାମର୍ଥ୍ୟ ଉପରେ ବିଶ୍ୱାସ ରଖି ଆଗକୁ ଯିବ, ସେ ଜିତିବ- ଏଥିରେ ସଂଦେହ ନାହିଁ ।


■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଅନେକ ପ୍ରଶ୍ନ ଭିତରେ ଓଡ଼ିଆ ସାହିତ୍ୟ ଚାଲିଛି । ପୃଥିବୀର ପୁରାତନ ବିଶିଷ୍ଟ ଭାଷାମାନଙ୍କ ଭିତରେ ସୁମେରିଆନ୍ (ଖ୍ରୀଷ୍ଟପୂର୍ବ ୩୧୦୦), ଆକାଡ଼ିଆନ୍, ଲାଟିନ୍ ଓ ସଂସ୍କୃତ ଭାଷା ଆଜି ଆଉ ଲୋକମୁଖରେ ନାହିଁ । କେତେ ଭାଷା ମଲେଣି ତା'ର ହିସାବ ନାହିଁ । ଏଣୁ ଆଜିଠୁ ଓଡ଼ିଆ ଭାଷାକୁ ନେଇ ଏତେ ଚିନ୍ତା କାହିଁକି ? ତେବେ ସାଧାରଣ ଲୋକଙ୍କ ପାଖରେ ସାହିତ୍ୟକୁ ପହଞ୍ଚାଇବାର ମାଧ୍ୟମ ହେଉଛି ପାଠାଗାର ଆନ୍ଦୋଳନ (ଯାହା ପଚାଶ ବର୍ଷ ପୂର୍ବରୁ ପ୍ରତ୍ୟେକ ଗାଁରେ ଥିଲା ଓ ଏବେ ଲୁପ୍ତ ପ୍ରାୟ), ବହି ଦୋକାନ (ପ୍ରତି ଗାଁରେ), ଭ୍ରାମ୍ୟମାଣ ପାଠାଗାର, ପୁସ୍ତକ ମେଳା, ପୁସ୍ତକ ପାଠ୍ୟଶାଳା, ଇ- ପୁସ୍ତକ ପ୍ରଭୃତି । ସାହିତ୍ୟ ଓ ଭାଷା ସମୃଦ୍ଧିର ଦିଗ ବୋଲି ଏସବୁକୁ ମୁଁ ବିଚାର କରେ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ନିଶ୍ଚୟ ରହିଛି । ତେବେ ପୁରସ୍କାର ଦେବାର ଗୋଟେ ସମୟ ଥାଏ ବୋଲି ମୁଁ ଭାବେ । କିନ୍ତୁ ବର୍ତ୍ତମାନ ସମୟରେ (ଗତ ୨୦ ବର୍ଷ ଧରି ମୁଁ ଦେଖି ଆସୁଛି) ଏ ପୁରସ୍କାର ମର୍ଯ୍ୟାଦାବନ୍ତ ନହୋଇ ମର୍ଯ୍ୟାଦାହୀନ ହୋଇଯାଇଛି । ପୃଥିବୀ ପ୍ରସିଦ୍ଧ ସାହିତ୍ୟିକ ହାରୁକି ମୁରାକାମି, ଲିଓ ଟଲଷ୍ଟୟ, ଜେମସ୍ ଜଏସ, ଭର୍ଜିନିଆ ଓଲ୍‌ଫ, ଜର୍ଜ ଲୁଇସ୍ ବୋରଜେସ୍, ସଲମାନ୍ ରୁସିଦ୍ ନୋବେଲ ପୁରସ୍କାର ନପାଇ ମଧ୍ୟ ଖୁବ୍ ଶୀର୍ଷରେ । ଜାଁ ପଲ୍ ସାର୍ତ୍ତେ ନୋବେଲ ପୁରସ୍କାର ଗ୍ରହଣ କଲେ ନାହିଁ । ଏଣୁ ଜଣେ ସ୍ରଷ୍ଟା ପାଇଁ ପୁରସ୍କାର ମଧ୍ୟ ବଡ଼ ନୁହେଁ । ଆପଣାର ଦୃଷ୍ଟିକୋଣ ଅନୁଯାୟୀ ପୁରସ୍କାରର ମୂଲ୍ୟ ନିରୂପିତ ହୋଇଥାଏ । ତେବେ ଲେଖକର କାମ ହେଲା ଲେଖିବା । କଣ ପାଇବ ନପାଇବ ନୁହେଁ । ନିଜର ଆଦର୍ଶ ଓ ମୂଲ୍ୟବୋଧକୁ ବିଶ୍ୱାସ ରଖି ମଣିଷ ଠିଆ ହେଉ- ମୁଁ ଏତକ କହିବି । ♥

## ■ ଅକ୍ଷରେ ଗୌତମ ଜେନା



ଜନ୍ମ: ୦୭.୦୫.୧୯୫୯
ବାପା : ସ୍ୱର୍ଗତ ରାମ ଚନ୍ଦ୍ର ଜେନା
ମାତା : ସ୍ୱର୍ଗତ ଜାନକୀ ଜେନା
ଘର : ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍ ମିର୍ଜାପୁର ପଞ୍ଚାୟତର ଅରଂଗାବାଦ ଗ୍ରାମରେ ଓ
ବର୍ତ୍ତମାନର ଠିକଣା: ଚହଟା, ଧର୍ମଶାଳା, ଯାଜପୁର
(ମୋ) ୯୨୩୭୪୮୧୪୦୫

**ପ୍ରକାଶିତ କବିତା ପୁସ୍ତକ**


୧-ସମସ୍ତ ବିଷାଦ ନଇ
୨-ଏକା ଏକା ଦିନ
୩-ଗଙ୍ଗଶିଉଳି
୪-ମାୟାମନସ୍କ
୫- ପଞ୍ଚମ ଭାଗ
୬- ବାହୁଡ଼ାବେଳ
୭- ଜୀବନବେଦ
୮- ଦର୍ଶନ ଯୋଗ
୯-ପ୍ରିୟମାଟି
୧୦- କବିତା ୨୦୨୦
୧୧- ଅସରନ୍ତି ସ୍ୱପ୍ନ
୧୨- ଗୌତମ ଜେନାଙ୍କ ମନଛୁଆଁ କବିତା
୧୩- ନିଦାଘ ନିରନ୍ତର
୧୪- ପୁଣି ଫେରିବି

**ଉପନ୍ୟାସ/ଅନୁବାଦ ଉପନ୍ୟାସ**

୧-ଅଙ୍ଗୀକାର
୨-ଆୟତ୍ତ
୩-ମାୟାମନସ୍କ (ବଙ୍ଗଳା)
୪- Poems-2020
୫-ମାୟାମନସ୍କ (ହିନ୍ଦୀ)

**ସମାଲୋଚନା ପୁସ୍ତକ**


୧-ଓଡିଆ କବିତା : ଆଧୁନିକତାର ଉତ୍ତରଣ
୨-ଚିତ୍ରକଳ୍ପ : ଓଡିଆ କବିତା ଓ ସୀତାକାନ୍ତ
୩-ସ୍ୱାଧୀନୋତ୍ତର ଓଡିଆ କବିତାର ସ୍ୱରୂପ
୪-ରମେଶ ପତିଙ୍କ କାବ୍ୟ ଦର୍ଶନ-୨୦୨୨



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ଗୌତମ ଜେନା...



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ....



କବି ଗୌତମ ଜେନାଙ୍କ ସୃଷ୍ଟି ସମୂହ....

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

**ଡ.ରତିକାନ୍ତ ବେହେରା**



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୪**

ଅପ୍ରାସଂଗିକ ଭାବେ କୌଣସି କଥା କହି ଆନନ୍ଦ ଜେନିର ନୀରବତାକୁ ଭାଂଗିବାକୁ ଚାହିଁଲା ନାହିଁ। ବରଂ ନିର୍ଦ୍ଦିଷ୍ଟ ଭାବେ ଲକ୍ଷ୍ୟକଲା ଜେନିକୁ ଏବଂ କୌତୁହଳ ବଶତଃ ଏଇ ଏକଲା ବିଦେଶିନୀର ବୟସ କଳନା କଲା ସେ । ଅନୁମାନ ଲଗେଇଲା ହୁଏତ ତାଙ୍କର ବୟସ ଚାଳିଶ କିମ୍ବା ପଇଁଚାଳିଶ ହୋଇପାରେ ! ତାଙ୍କ ସ୍ୱାସ୍ଥ୍ୟ ଏବଂ ଚେହେରା ଏଇଆ ହିଁ କହୁଛି। କିନ୍ତୁ ତାଙ୍କର କଣ୍ଠସ୍ୱର ଶୁଭୁଛି ଜଣେ ତିରିଶ ବତିଶ ବର୍ଷର ଝିଅ ଭଳି। ଏଇ କ୍ରମରେ କିଛି ଉତ୍ସୁକତା ବି ତା' ଭିତରେ ଦାନା ବାନ୍ଧୁଥିଲା। କିନ୍ତୁ ବିଡ଼ମ୍ବନା ଥିଲା ଏଇଆ ଯେ, ଏ ସଂପର୍କରେ ତାଙ୍କୁ କିଛି ପଚରା ଯାଇପାରିବ ନାହିଁ। ସେ ଜଣେ ପର୍ଯ୍ୟଟକ ଓ ବାହାର ଦେଶର ଲୋକ। ହେଲେ କେଉଁ ଦେଶର କି ଅଞ୍ଚଳର ତାହା ମଧ୍ୟ ଆନନ୍ଦ ଠଉରାଇ ପାରୁ ନଥିଲା।

ପୁରୀରେ ପହଞ୍ଚିଲା ବେଳକୁ ଗୋଧୂଳି ଅତିକ୍ରମ କରି ଯାଇଥିଲା ସଂଧ୍ୟାର ନିବିଡ଼ ଆଲିଙ୍ଗନ ଭିତରକୁ। ବଡ଼ଦାଣ୍ଡରେ ଗାଡ଼ି ପ୍ରବେଶ କଲା ବେଳକୁ ଜେନିକୁ ଅନୁଭବ ହେଲା, ଏଇ ହେଉଛି ସମଗ୍ର ବିଶ୍ୱର ପବିତ୍ର ଧାମ ଜଗନ୍ନାଥଙ୍କର କ୍ଷେତ୍ର, ପୁରୀ। ବଡ଼ଦାଣ୍ଡରେ ବିଚରଣ କରୁଥିବା ଅଗଣିତ ଜନତାଙ୍କୁ ଦେଖି ସେ ଉତଫୁଲ୍ଲିତ ହୋଇ ଉଠିଲା । ଏବେ ସେ ତା' ସ୍ୱପ୍ନ ଓ କଳ୍ପନାର ବଡ଼ଦାଣ୍ଡରେ ପହଞ୍ଚି ଯାଇଛି। ପୁରୀ ସଂପର୍କରେ ନିଜର ଅଧ୍ୟୟନ ଓ ଶୁଣାକଥାର ବାସ୍ତବ ଭୂମି ହେଉଛି ଏଇ ପୁରୀ।

"ଆମେ ଶ୍ରୀକ୍ଷେତ୍ର ପୁରୀ ଧାମରେ ପହଞ୍ଚି ଯାଇଛନ୍ତି ମାଡାମ୍। ଏ ହେଉଛି ବଡ଼ଦାଣ୍ଡ, ଆଉ ଯାରି ଉପରେ ପୃଥିବୀ ବିଖ୍ୟାତ ରଥଯାତ୍ରା ଅନୁଷ୍ଠିତ ହୁଏ। ପ୍ରଭୁମାନଙ୍କର ତିନିରଥ ଏଇ ବଡ଼ଦାଣ୍ଡରେ ଗଡ଼ି ଗଡ଼ି ମାଉସୀ ମା' ମନ୍ଦିରକୁ ଯାଏ"- ଆଗ୍ରହରେ ଆନନ୍ଦ କହିଲା ଜେନିକୁ।

ଜେନି କେବଳ ମୁଣ୍ଡ ଟୁଙ୍ଗାରିଲା ଏବଂ ବୁଝୁଛି ବୋଲି ସମ୍ମତି ଜଣେଇଲା। କେମିତି କେଜାଣି, ଯନ୍ତ୍ରଚାଳିତ ପରି ତା'ର ଦୁଇହାତ ଉପରକୁ ଉଠି ଯାଇ କପାଳରେ ଲାଗିଲା। ତଡ଼ିତ୍ ବେଗରେ ଏକ ଶିହରଣ ଖେଳିଗଲା ଯୁଗପତ୍ ତା' ଦେହରେ। ରୋମାଞ୍ଚିତ ହୋଇଗଲା ତା' ସମଗ୍ର ଶରୀର।

କିଛିକ୍ଷଣ ପରେ ସ୍ୱାଭାବିକତାକୁ ଫେରି ଆସିଲା ଜେନି। ଆନନ୍ଦକୁ ଲକ୍ଷ୍ୟ କରି ପଚାରିଲା-

"ତୁମେ ଏବେ ଭୁବନେଶ୍ୱର ଫେରିବ ଆନନ୍ଦ? ଏଇ ଗାଡ଼ିରେ?"

"ନାଇଁ, ମୁଁ ଆଉ ଭୁବନେଶ୍ୱର ଫେରିବି ନାହିଁ। କେବଳ ଗାଡ଼ି ଫେରାଇ ନେବ ଡ୍ରାଇଭର୍। ମୋ ଘର ଏଇ ପୁରୀ ସହରର ପାଖାପାଖି ଏକ ଗାଁରେ। ମଧୁସୂଦନପୁର ଶାସନରେ। ଏଇଠୁ ତିନି ଚାରି କିଲୋମିଟର ଦୂର।"- ଆନନ୍ଦ କହିଲା।

"ଗୋଟିଏ ରାତ୍ରି ପାଇଁ ନୁହେଁ, ଅନ୍ତତଃ କିଛି ଦିନ ରହିବା ପାଇଁ ଭଲ ଗୋଟେ ହୋଟେଲ୍‌ରେ ରୁମଟିଏ ଦରକାର। ଦୟାକରି ସେତକ ମୋ ପାଇଁ ଯୋଗାଡ଼ କରିଦେଇ ଆପଣ ଫେରିଯାଇ ପାରିବେ। ପାରିବେ ନା?"- ଅନୁନୟ କଲା ଜେନି।

"ଓଃ, ନିଶ୍ଚୟ। ଗାଇଡ୍ ଭାବେ ସେଇଟା ବି ତ ମୋର କାମ।"- ଟିକେ ଅଧିକ ଉତ୍ସାହିତ ହୋଇ ପଡ଼ିଲା ଆନନ୍ଦ, ଜେନିର ଅନୁରୋଧରେ।

ପୁରୀର ସମୁଦ୍ର କୂଳେ କୂଳେ ଲଗାଲଗି ହୋଇ ବହିଃରାଗତ ଯାତ୍ରୀମାନଙ୍କ ପାଇଁ ତିଆରି ହୋଇଛି ଅନେକ ହୋଟେଲ୍ ଓ ରେସ୍ତୋରାଁ। ସେଇଥିରୁ ଭଲ ରୁମଟିଏ ଯୋଗାଡ଼ କରିଦେଲେ ଜେନି ଖୁସି ହେବ। ସେଇ ଆଡ଼କୁ ଗାଡ଼ି ନେବା ପାଇଁ ନିର୍ଦ୍ଦେଶ କଲା ଆନନ୍ଦ ଡ୍ରାଇଭରକୁ।

ଅପେକ୍ଷାକୃତ କମ୍ ଭିଡ଼ ରାସ୍ତାରେ, ଖୁବ୍ ମନ୍ଥର ଗତିରେ ଗାଡ଼ି ମୁହେଁଇଲା ସମୁଦ୍ରକୂଳ ଆଡ଼େ। ବିଦେଶିନୀ ଜଣକ ରହିବେ ହୋଟେଲରେ, ଆଉ ଆନନ୍ଦ ଫେରିଯିବ ନିଜ ଘରକୁ। ଯା' ପରେ ତାଙ୍କ ସହିତ ହୁଏତ ଆଉ ଦେଖା ହୋଇ ନପାରେ। ପ୍ରତି ହୋଟେଲ୍ ସହିତ ସଂଯୋଜିତ ଅଛନ୍ତି ଗାଇଡ୍। ସେମାନେ ଯା' ପରେ ଜେନିକୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। ପୁରୀର ସବୁସ୍ଥାନ ବୁଲେଇ ଦେଖେଇ ଦେବେ। ଚିହ୍ନେଇ ଦେବେ ସେଗୁଡ଼ିକର ଐତିହ୍ୟ ଓ ମାହାତ୍ମ୍ୟ। ହୁଏତ ଜେନି ସହିତ ଆଉ ଦେଖା ହୋଇନପାରେ। ଏଥିପାଇଁ ଆନନ୍ଦ ଭିତରେ ଅବସୋସଟିଏ ଜମାଟ ବାନ୍ଧୁଥିଲା।

ଶେଷଥର ପାଇଁ କଡ଼ ଫେରେଇ ଜେନିକୁ ଦେଖିଲା ଆନନ୍ଦ। ସାମଗ୍ରିକ ଭାବେ ଖୁବ ବେଶି ସରଳ ମନେ ହେଉଛି ଜେନି। କିନ୍ତୁ ଏମିତି ଲାଗୁଛି ଯେ ଜୀବନ ପ୍ରତି ପ୍ରଚଣ୍ଡ ଅସନ୍ତୋଷ ଓ ବିତୃଷ୍ଣା ଭରିଯାଇଛି ତା' ମନରେ। ଦିଶୁଛି ଗୋଟେ ଝାଉଁଳା ମଲ୍ଲୀ ଫୁଲପରି। ସନ୍ତାପିତ ହେଉଛି ଭିତରେ ଭିତରେ।

ଆନନ୍ଦର ସମବେଦନା ପୂର୍ଣ୍ଣ ଆଖି ଦେଖି ଅଳ୍ପଟିକେ ହସିଲା ଜେନି। ତାହାର ପ୍ରତ୍ୟୁତ୍ତର। ରାଜାରାଣୀ ମନ୍ଦିରଠୁ ଗୋଟେ ଜିଜ୍ଞାସା ଉତ୍ପନ୍ନ ହୋଇଛି ଆନନ୍ଦ ଭିତରେ। କିଛି ଗୋଟେ ପଚାରିବ ପଚାରିବ ବୋଲି ପଚାରି ପାରୁନାହିଁ ସାହସ କରି । ତା'ସଂପର୍କରେ ଜାଣିଲେ ଆନନ୍ଦର ବା କ'ଣ ଲାଭ ହେବ? ତେବେ ଜେନିକୁ ଭଲ ଲାଗୁଥିଲା ଆନନ୍ଦର ଆଖିର ଔତ୍ସୁକତା ଓ ଜିଜ୍ଞାସା ଦେଖି । କହିଲା-"ମୋତେ ନେଇ ଜିଜ୍ଞାସାଟେ ଛାଟିପିଟି ହେଉଛି ତୁମ ଭିତରେ ଆନନ୍ଦ ! ଏଥିପାଇଁ ଘାଣ୍ଟି ଗୋଳେଇ ହେଉଛ ଭିତରେ ଭିତରେ। ସେ ସବୁ ତୁମକୁ ମୁଁ ପରେ କହିବି। ଯଦି ଯା'ପରେ ତୁମକୁ ମୁଁ କେବେବେଳେ ନିମନ୍ତ୍ରଣ କରେ ମୋ ଗାଇଡ୍ ଭାବରେ କିମ୍ବା ଏଥିପାଇଁ ତୁମେ ଯଦି ମୋତେ ସମୟ ଦିଅ । ଏବେ ମୁଁ ବହୁତ କ୍ଳାନ୍ତ। ମରିଗଲା ଭଳି ଲାଗୁଛି। ପ୍ରଥମେ ରୁମଟିଏ ଯୋଗାଡ଼ କରିବାକୁ ହେବ। ମୋର ବିଶ୍ରାମ ଦରକାର।"

ଅଳ୍ପ ପ୍ରୟାସରେ, ପୁରୀର ହେଟେଲ ସମୂହରେ ଯାତ୍ରୀମାନଙ୍କର ଯଥେଷ୍ଟ ଭିଡ଼ ଜମି ଆସିଥିବା ସତ୍ତ୍ୱେ ବି ଜେନି ଚାହିଁବା ମୁତାବକ ରୁମଟିଏ ମିଳିଯାଇଥିଲା, ଗୋଟେ ଭଲ ହୋଟେଲ୍‌ରେ। ଉପର ମହଲାରେ ସମୁଦ୍ର ଆଡ଼କୁ ଉଭୟ ଦୁଆର ଏବଂ ଝରକା ଥିବା ରୁମଟିଏ। ପଛପାଖ ଦୁଆର ସଂଲଗ୍ନ ଥିଲା ଏକ ଛୋଟ ବାଲକୋନି- ଯେଉଁଠୁ ଦୃଶ୍ୟ ହେଉଥିଲା ସମୁଦ୍ର, ସମୁଦ୍ରର ନୀଳ ଜଳରାଶି ଓ ତା'ର ଉତ୍ତାଳ ତରଙ୍ଗମାଳା । ଦୃଶ୍ୟ ହେଉଥିଲା ଦୂର ଦିଗନ୍ତର ସୀମାରେଖା, ଯେଉଁଠି ଆକାଶ ଆଉ ସମୁଦ୍ରର ତଫାତ୍ ବାରି ହେଉନଥିଲା।

**।। ସିଂହଦ୍ୱାର ।।**

ଅସ୍ୱାଭାବିକ ଭାବେ ପରଦିନ ସକାଳେ, ରାତି ପାହିଥିଲା ଜେନିର ଟିକେ ବିଳମ୍ବରେ। ସମୁଦ୍ରର ଶୀତଳ ପବନରେ ଖୁବ୍ ଗାଢ଼ ନିଦଟିଏ ହୋଇଯାଇଥିଲା ତାକୁ, ଭାଙ୍ଗୁ ଭାଙ୍ଗୁ ହେଲା ବିଳମ୍ବ। ଝରକା ଦେଇ ସକାଳର ଖରା ବିଛେଇ ହୋଇ ପଡ଼ିଥିଲା ଘର ଚଟାଣରେ। ପାହାନ୍ତି ପ୍ରହରରେ ଏ. ସି. ବନ୍ଦ କରି ଝର୍କା ଖୋଲି ଦେଇଥିଲା ସେ।

ପଛପାଖ ଦୁଆର ଖୋଲି ବାଲକୋନିରେ ଛିଡ଼ାହେଲା ଆସି ଜେନି। ତା'ର ଦୃଷ୍ଟି ନିବଦ୍ଧ ହେଲା ସମୁଦ୍ରର ନୀଳ ଜଳରାଶି ଓ ତହିଁ ଉପରେ ପ୍ରତିଫଳିତ ସୂର୍ଯ୍ୟରଶ୍ମି ଉପରେ। ବାଳସୂର୍ଯ୍ୟ ନୁହେଁ, ବିଳମ୍ବିତ ସକାଳର ସୂର୍ଯ୍ୟ। ଯୋଡ଼ହସ୍ତରେ ପ୍ରଣାମ କଲା ସେ ସୂର୍ଯ୍ୟଙ୍କୁ। ଶୁଣିଥିଲା ଅଥବା କେଉଁଠୁ ଜାଣିଥିଲା, ଭାରତୀୟମାନେ ସକାଳେ ସୂର୍ଯ୍ୟଙ୍କୁ ପ୍ରଣାମ କରନ୍ତି। ଏଥିରେ ଆୟୁବଳ ଓ ଯଶବୃଦ୍ଧି ହୋଇଥାଏ । ଶରୀର ହୁଏ ରୋଗମୁକ୍ତ। ତେବେ ବିଳମ୍ବ ଜନିତ ପ୍ରଣାମ ହେତୁ ଟିକେ ଆଶ୍ୱସ୍ତି ବି ଲାଗୁଥିଲା ଜେନିକୁ। ଏବେଠାରୁ ସେ ଅଭ୍ୟାସ ବଦଳେଇବ ଉଠିବାରେ ଏବଂ ଖୁବ୍ ସକାଳେ ସେ ସୂର୍ଯ୍ୟଙ୍କୁ ନମସ୍କାର କରିବ।

ଦିଗନ୍ତ ବିସ୍ତାରି ନୀଳ ଜଳରାଶି ଉପରେ ମାଡ଼ି ଆସୁଛି ଉଚ୍ଚ ଉଚ୍ଚ ଢେଉ। ଆଉ ତା' ଉପରେ ସୁନେଲି ସୂର୍ଯ୍ୟ କିରଣରେ ଲାଗି ରହିଛି ଖେଳ। ଗୋଟେ ପରେ ଆଉ ଗୋଟିଏ, ଏମିତି ନିରବଚ୍ଛିନ୍ନ ଭାବେ ଧାଇଁଛନ୍ତି କୂଳ ଲଂଘିଯିବା ପାଇଁ, ଅଥଚ କୂଳର ବାଲୁକା ଶଯ୍ୟାରେ ମୁଣ୍ଡ ବାଡ଼େଇ ଫେରି ଯାଉଛନ୍ତି। ଏମିତି ଅଗଣନ, ଗୋଟିଏ ପରେ ଆଉ ଗୋଟିଏ। ସମାପ୍ତି ନାହିଁ ଯେପରି ଏ ଅନନ୍ତ ପ୍ରକ୍ରିୟାର। କେଉଁ ଅନନ୍ତ କାଳରୁ ଲାଗି ରହିଛି ଏ ଖେଳ। କେବେ ବନ୍ଦ ହେବନାହିଁ କି ସରିଯିବ ନାହିଁ ସେ ଖେଳ। ନିରବଚ୍ଛିନ୍ନ ଓ ଅବାରିତ ଏ ଧାରା। ଅଥଚ ସେ ନିଜେ ସରିଯିବ, ନିଶ୍ଚିହ୍ନ ହୋଇଯିବ ଏ ଦୁନିଆରୁ।

ନିଷ୍ପଲକ ଆଖିରେ ସ୍ଥାଣୁବତ୍ ଛିଡ଼ାହୋଇ ସେ ଦେଖୁଥିଲା ସମୁଦ୍ରକୁ। କେତେକ୍ଷଣ ପରେ ବାଲକୋନିରୁ ଫେରିଆସିଲା ଜେନି ଏବଂ ନିଜର ନିତ୍ୟକର୍ମରେ ଧ୍ୟାନଦେଲା। ସରୁ ସରୁ ଦଶଟା। ଭାବିଲା ଆଜି ସେ କୁଆଡ଼େ ଯିବନାହିଁ । ଦେହ ଅସମ୍ଭବ ଦୁର୍ବଳ ଲାଗୁଛି। ପୁଣି ସଂପୂର୍ଣ୍ଣ ଅପରିଚିତ ଇଲାକା ଏ ତା' ପାଇଁ। ଅପରାହ୍ଣ ବେଳକୁ ସେ ଆନନ୍ଦକୁ ଡାକିବ। ଆନନ୍ଦ ବିଶ୍ୱାସୀ। ଅନ୍ତତଃ ପ୍ରଥମ ସାକ୍ଷାତରୁ ହିଁ ଏପରି ଅନୁଭବ ହୋଇଛି ତା'ର। ଯେତେଦିନ ଯାକେ ବଞ୍ଚି ରହିଥିବ ସେ ଏଇଠି, ଆନନ୍ଦ ହିଁ ହେବ ତା'ର ସହାୟ। ଏୟାରପୋର୍ଟ୍‌ର ବାହାରେ ଆନନ୍ଦ ଯେମିତି ତାକୁ ହିଁ ପ୍ରତୀକ୍ଷା କରୁଥିଲା ! ଏବେ ଆଶ୍ଚର୍ଯ୍ୟ ହେଲା ସେ, ଏହା ଯେପରି ଏକ ଦୈବୀ ଆଦିଷ୍ଟ ହିଁ ଥିଲା। ଜଗତର ନାଥ ଜଗନ୍ନାଥ ବୋଧହୁଏ ତାକୁ ଏୟାରପୋର୍ଟ୍‌ରୁ ଏଠିକି ନେଇ ଆସିବା ପାଇଁ ପଠେଇଥିଲେ ଆନନ୍ଦକୁ।

ଅଧିକରୁ ଅଧିକ କୌତୂହଳୀ ହୋଇପଡୁଥିଲା ଜେନି ଆନନ୍ଦ ସଂପର୍କରେ। ପ୍ରକୃତରେ ସେ କିଏ? ତା'ର ପରିଚୟ କିପରି ସେ ଜାଣିବାକୁ ଚାହିଁଲା ନାହିଁ ଯଥେଷ୍ଟ ଅବକାଶ ଥିବା ସତ୍ତ୍ୱେ?

ସ୍ତବ୍ଧ ଓ ଚକିତ ହୋଇ କ୍ଷଣେ ବସିଗଲା ଜେନି ଶେଯ ଉପରେ। କବାଟ ଠେଲି ହୋଟେଲ୍‌ର ପରିଚାରିକା ପଶି ଆସିଲା ଭିତରକୁ। ରୁମ୍ ଓଳେଇ, ବିଛଣାଚାଦର ବଦଳେଇ ଫେରି ପଡ଼ିବା ବେଳକୁ ଜେନି ପଚାରିଲା "ତୁମ ନାଁ କ'ଣ?"

"ପ୍ରଶାନ୍ତି।"- ଅଟକି ଯାଉ ଯାଉ କହିଲା ଝିଅଟି।

"ଶୁଣ! ତଳକୁ ମୁଁ ଯାଇ ପାରିବି ନାହିଁ। ମୋ ପାଇଁ କିଛି ଜଳଖିଆ ଓ କଫି ନେଇ ଆସିବ? ଜଳଖିଆ ଯାହା ହେଲେ ବି ଚଳିବ, ଏପରିକି ସ୍ନାକ୍ସ ବି।"

"ହଉ"। - ନରମ ଦୃଷ୍ଟି ନିକ୍ଷେପ କରି ଫେରିଗଲା ପରିଚାରିକା।

ସେହି ମୁହୂର୍ତ୍ତରେ ଜେନି ଫୋନ୍ ଲଗେଇଲା ଆନନ୍ଦକୁ। ଅଥଚ ଯୋଗାଯୋଗ ହୋଇ ପାରିଲା ନାହିଁ। ଅସନ୍ତୋଷରେ ପୂରିଗଲା ତା' ଭିତରଟା। ଝରକା ଦେଇ ଚାହିଁଲା ସମୁଦ୍ରକୂଳକୁ। ଧୀରେଧୀରେ ଲୋକାରଣ୍ୟ ହୋଇଉଠୁଛି ସମୁଦ୍ରକୂଳ। ସାମୁଦ୍ରିକ ଜୀବାଶ୍ମରୁ ତିଆରି ଶିଳ୍ପ କଳାର ବିପଣୀଗୁଡ଼ିକ ବି ଲାଗି ଗଲାଣି ଠାଏ ଠାଏ। ଅପୂର୍ବ ପରିପାଟୀରେ ସଜ୍ଜିତ ଓଟ ଦୁଇଟି ଧୀର ମନ୍ଥର ଗତିରେ ବିଚରଣ କରୁଛନ୍ତି। ମୁଣ୍ଡରେ ପଗଡ଼ି ଭିଡ଼ା ତା'ର ମାଲିକ ବି ଚାଲିଛି ଆଗେ ଆଗେ।

ଏ ସବୁ ଦୃଶ୍ୟ ବେଶି ସମୟ ଆକର୍ଷିତ କରି ରଖି ପାରିଲା ନାହିଁ ଜେନିକୁ। ହୋଟେଲ୍ ପରିଚାରିକା ପ୍ରଶାନ୍ତି ଦେଇଗଲା କଫି ଆଉ ସ୍ନାକ୍ସ ସହିତ କିଛି ଲୁଣିଆ କାଜୁ। ସେତକ ଖାଇ ସାରିଲା ପରେ ଜେନି ଶୋଇଶୋଇ ଖଣ୍ଡେ ବହି ଉପରେ ମନୋନିବେଶ କଲା। ଅଥଚ ଭାରି ଅସ୍ଥିର ଓ ବିଚଳିତ ହୋଇପଡ଼ିଲା ସେ। ସକାଳେ ଯେଉଁ ଔଷଧ ଖାଇବା କଥା, ତାହା ସେ ଖାଇନାହିଁ।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ସମାଜର ଅର୍ଥ ଓ ସଂଜ୍ଞା



**ପ୍ରଶାନ୍ତ କୁମାର ନାୟକ**

ମନୁଷ୍ୟ ସହିତ ମନୁଷ୍ୟର ପାରସ୍ପରିକ ଅନ୍ତଃସଂପର୍କ ଯୋଗୁଁ ଏହି ସମାଜର ସୃଷ୍ଟି ହୋଇଛି । ସମାଜକୁ ମୁଖ୍ୟତଃ ଦୁଇଟି ଦୃଷ୍ଟିକୋଣରୁ ବୁଝିହୁଏ । ଯଥା - ପ୍ରକାର୍ଯ୍ୟାତ୍ମକ ଦୃଷ୍ଟିକୋଣ ଓ ସଂରଚନାତ୍ମକ ଦୃଷ୍ଟିକୋଣ ।

ପ୍ରକାର୍ଯ୍ୟାତ୍ମକ ଦୃଷ୍ଟିକୋଣ କହିଲେ ସମାଜର ପାରସ୍ପରିକ ସଂପର୍କ, ଅନ୍ତଃ କ୍ରିୟାର ଜଟିଳ ସ୍ୱରୂପକୁ ବୁଝାଇଥାଏ । ସଂରଚନାତ୍ମକ ଦୃଷ୍ଟିରୁ ସମାଜ ବିଭିନ୍ନ ପ୍ରଥା, ପରଂପରା , ମୂଲ୍ୟବୋଧ, ଲୋକରୀତି, ଲୋକ ନିୟମ, ପ୍ରତିମାନ, ଆଦର୍ଶ ଆଦିର ସମସ୍ତ ସାମାଜିକ ଉତ୍ତରାଧିକାରର ସମଷ୍ଟିକୁ ବୁଝାଏ ।

ସମାଜର ଇଂରାଜୀ ଶବ୍ଦ ହେଉଛି ସୋସାଇଟି । ଏହି ଶବ୍ଦଟି ଲାଟିନ୍ ଶବ୍ଦ **Socious**ରୁ ଆସିଛି । ଯାହାର ଅର୍ଥ ସହଚର ବା ସମାଜ । ସାଧାରଣ ଭାବରେ ସମାଜ କହିଲେ ଦଳେ ବ୍ୟକ୍ତିଙ୍କୁ ବୁଝାଇଥାଏ । ମାତ୍ର ସମାଜ ବିଜ୍ଞାନରେ ଏହାର ଅର୍ଥ ସଂପୂର୍ଣ୍ଣ ଅଲଗା ଅଟେ । ସମାଜ ବିଜ୍ଞାନରେ 'ସମାଜ' କହିଲେ ସାମାଜିକ ସଂପର୍କକୁ ବୁଝାଇଥାଏ ।

କେବଳ ଦଳେ ବ୍ୟକ୍ତି ଏକତ୍ରୀତ ହୋଇଗଲେ ସମାଜ ଗଠନ ହୁଏନାହିଁ । ସେଥିପାଇଁ ସେମାନଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା ପ୍ରକ୍ରିୟା ସଂଗଠିତ ହେବା ସହିତ ସାମାଜିକ ସଂପର୍କ ରହିଥିବା ଆବଶ୍ୟକ । ଅର୍ଥାତ ଯେତେବେଳେ ଏକତ୍ରୀତ ବ୍ୟକ୍ତି ପରସ୍ପରକୁ ଚିହ୍ନନ୍ତି ଏବଂ ସେମାନଙ୍କ ସାଧାରଣ ସ୍ୱାର୍ଥ ବା ଉଦ୍ଦେଶ୍ୟ ରହିଥାଏ ସେତେବେଳେ ସମାଜ ସୃଷ୍ଟି ହୋଇଥାଏ ।

**କେବଳ ଦଳେ ବ୍ୟକ୍ତି ଏକତ୍ରୀତ ହୋଇଗଲେ ସମାଜ ଗଠନ ହୁଏନାହିଁ । ସେଥିପାଇଁ ସେମାନଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା ପ୍ରକ୍ରିୟା ସଂଗଠିତ ହେବା ସହିତ ସାମାଜିକ ସଂପର୍କ ରହିଥିବା ଆବଶ୍ୟକ । ଅର୍ଥାତ ଯେତେବେଳେ ଏକତ୍ରୀତ ବ୍ୟକ୍ତି ପରସ୍ପରକୁ ଚିହ୍ନନ୍ତି ଏବଂ ସେମାନଙ୍କ ସାଧାରଣ ସ୍ୱାର୍ଥ ବା ଉଦ୍ଦେଶ୍ୟ ରହିଥାଏ ସେତେବେଳେ ସମାଜ ସୃଷ୍ଟି ହୋଇଥାଏ ।**

ଉଦାହରଣ ସ୍ୱରୂପ- ମନେକରାଯାଉ ଯେତେବେଳେ ଦୁଇଟି ବ୍ୟକ୍ତି ଗୋଷ୍ଠି ରେଳଗାଡିରେ ଗୋଟିଏ ଡବାରେ ପାଖାପାଖି ବସି ଯାତ୍ରା କରୁଛନ୍ତି, ସେତେବେଳେ ସେମାନେ ସମାଜ ସୃଷ୍ଟି କରୁନାହାନ୍ତି। ତା'ର କାରଣ ହେଉଛି, ସେମାନଙ୍କ ମଧ୍ୟରେ ସାମାଜିକ ସଂପର୍କ ନଥାଏ। ଏବଂ ଯେତେବେଳେ ସେମାନେ ପରସ୍ପରର ଉପସ୍ଥିତି ବିଷୟରେ ସଚେତନ ହୁଅନ୍ତି ଓ ପରସ୍ପର କଥାବାର୍ତ୍ତା ହୁଅନ୍ତି ସେତେବେଳେ ସେମାନେ ସାମାଜିକ ଭାବେ ସଂପୃକ୍ତ ହୁଅନ୍ତି ଏବଂ ସେତେବେଳେ ସମାଜ ଗଠନ ହୋଇଥାଏ।

ସମାଜର ସଂଜ୍ଞା - (୧) **Lapiere**ଙ୍କ ମତରେ 'ସମାଜ ଦଳେ ବ୍ୟକ୍ତିଙ୍କୁ ବୁଝାଇ ନଥାଏ, ମାତ୍ର ସେମାନଙ୍କର ସୃଷ୍ଟି ହୋଇଥିବା ପାରସ୍ପରିକ କ୍ରିୟାର ପ୍ରତିମାନର ଜଟିଳ ସ୍ୱରୂପକୁ ବୁଝାଇଥାଏ।'

(୨) - **F.H. Giddings**ଙ୍କ ମତରେ 'ସମାଜ ହେଉଛି ଏକ ମିଳନ ସ୍ଥଳ, ସଂଗଠନ, କେତେକ ଔପଚାରିକ ସଂପର୍କର ସମଷ୍ଟି, ଯେଉଁଥିରେକି ସଂପୃକ୍ତ ବ୍ୟକ୍ତିମାନେ ପରସ୍ପର ଏକତା ବନ୍ଧ ହୋଇଥାଆନ୍ତି ।

(୩)- **G.D.H. Cole** କହିଛନ୍ତି - 'ସମୁଦାୟ ମଧ୍ୟରେ ଥିବା ସଂଗଠିତ ସମିତି ଓ ଅନୁଷ୍ଠାନମାନଙ୍କର ସମଷ୍ଟିକୁ ସମାଜ କୁହାଯାଏ ।

(୪)- **Leacock**ଙ୍କ ମତରେ 'ସମାଜ କେବଳ ରାଜନୀତିକ ସଂପର୍କ ଦ୍ୱାରା ଆବଦ୍ଧ ହୋଇଥିବା ମାନବ ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରିନଥାଏ, ମାତ୍ର ଏଥିରେ ସମସ୍ତ ମାନବିକ ସଂପର୍କ ଏବଂ ସାମୁହିକ କ୍ରିୟାକଳାପ ଅନ୍ତର୍ଭୁକ୍ତ ଥାଏ ।

(୫)- **Talcott Parsons** କହିଛନ୍ତି, 'ସମାଜ ହେଉଛି ସମସ୍ତ ମାନବିକ ସଂପର୍କର ସମଷ୍ଟି ଏବଂ ଏଗୁଡ଼ିକ ସହଜାତ ବା ପ୍ରତୀକାତ୍ମକ ଗୁଣଥିବା ମାଧମ ଓ ସଂପର୍କ ଭାବରେ ସାମାଜିକ କ୍ରିୟାରୁ ଜାତ ହୋଇଥାଆନ୍ତି । ଏହି ସଂଜ୍ଞାଗୁଡିକର ଆଲୋଚନାରୁ ଜଣାଯାଏଯେ , ସମାଜରେ ଦୁଇପ୍ରକାର ସଂଜ୍ଞା ଦେଖାଯାଏ ଅର୍ଥାତ୍,

(କ) : ପ୍ରକାର୍ଯ୍ୟକ ସଂଜ୍ଞା(**Functional Definition**)

(ଖ): ସଂରଚନାତ୍ମକ ସଂଜ୍ଞା (**Structural Definition**) .

ପ୍ରକାର୍ଯ୍ୟକ ସଂଜ୍ଞା ଦୃଷ୍ଟିକୋଣରୁ ବିଚାରକଲେ ଜଣାଯାଏଯେ, ସମାଜ ହେଉଛି କେତେକ ସମୂହର ସମଷ୍ଟି, ଯେଉଁଥିରେକି ବିଭିନ୍ନ ପ୍ରକାର କାର୍ଯ୍ୟ ସଂପାଦନ ହୋଇଥାଏ । ଏହି ମତର ସପକ୍ଷବାଦୀମାନେ ହେଲେ - ମକାଇଭର୍ ଏବଂ ପେଜ୍ , କୁଲେ ଓ ଲିକକ୍ ପ୍ରଭୃତି ।

ସେହିପରି ସଂରଚନାତ୍ମକ ସଂଜ୍ଞା ଦୃଷ୍ଟିକୋଣରୁ ବିଚାରକଲେ ଜଣାଯାଏ ଯେ, ସମାଜ ହେଉଛି ଲୋକରୀତି, ପ୍ରଥା, ଆଇନ୍ ଅନୁଷ୍ଠାନ, ବିଶ୍ୱାସ, ଅଭ୍ୟାସ ଏବଂ ଆଦର୍ଶର ସମଷ୍ଟି । ଏହି ମତର ସପକ୍ଷବାଦୀମାନେ ହେଲେ - ଗିଡିଙ୍ଗ୍ସ ଏବଂ କୋଲ୍ ।

♥ ୟୁନିଟ୍-୦୫; ଭୁବନେଶ୍ୱର
(ମୋ) ୮୨୪୯୬୫୦୪୧୪

**ପଢ଼ିବା ପରେ...**

# ନୀଳ ନର୍ଦ୍ଦମାର ଫୁଲ



ତାଙ୍କର ଶବ୍ଦ ଖୁବ୍ ଧାରୁଆ, ଚାପଡ଼ର ଚୋଟ ପରି। ସେଥିପାଇଁ ତ ତାଙ୍କ କବିତାର ଶବ୍ଦ ଶର ହୋଇ ଚିରି ପକାଏ ପ୍ରେମିକାର ହୃଦୟ। ହଁ। ମୁଁ ନବପ୍ରଜନ୍ମର କବି ବିଚିତ୍ର ବିଜୟ ଦାସଙ୍କ କଥା କହୁଛି। ଟାଇମ୍ ପାସ୍ ପ୍ରକାଶିତ ତାଙ୍କ ପ୍ରଥମ କବିତା ସଂକଳନ 'ନୀଳ ନର୍ଦ୍ଦମାର ଫୁଲ' ର ବାସ୍ନା ଆଘ୍ରାଣ କଲେ ଅନୁଭବ କରିହେବ ଏ କଥା।

ସେ ସମ୍ମୋହନ/ ଏବେ ମୃତ/ ଏ ସୁନ୍ଦର ଅକ୍ଷର/ ଲେଖି ଲାଭ କ'ଣ / ବହଳ କାଳିରେ / ନବେ ଦଶକର ଚିଠି ପରି / ମୁଁ ଏବେ ଅଲୋଡ଼ା / ତୁମ ଇ-ମେଲ୍ ର / ଗହଳ ଗଳିରେ।

( ପୃ :୩୦, ଉପେକ୍ଷା )

ଧୋକା ପରେ ବି ସଚ୍ଚା ପ୍ରେମିକଟିଏ କ'ଣ ପ୍ରେମିକାକୁ ବଦନାମ କରିପାରେ ? କେବେ ନୁହେଁ। ବରଂ ଜୀବନର ପ୍ରତିଟି ପାହାଚରେ ସେ ତାକୁ ବଂଚେଇବାକୁ ଚେଷ୍ଟା କରୁଥାଏ। ଆଖିର ଲୁହକୁ ଢକ ଢକ କରି ପିଉଥାଏ ଓଠରେ ହସର ମିଛ ଫୁଲ ଫୁଟେଇ।

ତୁମେ ଆଉ / ତୁମେ ହୋଇ ନାହଁ ବୋଲି /ଆଜି ଯାଏଁ କାହାକୁ କହିନି / ତୁମ ରାଣ ସଖୀ ;/ ବରଂ ନିଜେ ହିଁ / ନିଜକୁ ଲେଖେ ନିଜ ଠିକଣାରେ / ମିଛ ପ୍ରେମ ଚିଠି / ତୁମ ନାଁ ପ୍ରେରକରେ ଲେଖି..


(ପୃ: ୧୯, ଭିନ୍ନ ପ୍ରେମ ଚିଠି)

ପ୍ରେମିକାର ହଜାରେ ଘୃଣା ଭିତରୁ ସୋଅରାଏ ପ୍ରେମ ଖୋଜୁଥାଏ ସେ। ସେତକ ତାକୁ ପ୍ରାପ୍ୟ ନହେଲେ ବି ସେ ପରିସ୍ଥିତିକୁ ପଛେ ଦୋଷ ଦିଏ ହେଲେ ପ୍ରେମିକାକୁ ଭାବୁଥାଏ ହଲୋଗ୍ରାମ ସୁନା।

ଦୁହିଁଙ୍କ ଅବସ୍ଥା / ଏକା ଭଳି ଏବେ / ସମୟ ଚଳାଏ ଗୋଟି, / ତୁ ଉଦାସୀ ଜହ୍ନର/ ଅଳପ ଛାଇଲୋ / ମୁଁ ନିରବ ପ୍ରହର ଏଠି...

(ପୃ: ୭୫, ପରିସ୍ଥିତି)

ନିଜକୁ ନିଜେ ପ୍ରବୋଧ୍ନା ଏତେ ସହଜ ନୁହେଁ। ତଥାପି ଆଉ ଥରେ ଅବଶ ହୃଦୟ ନେଇ କୋଉଠି ନେହୁରା ହେବାକୁ ସେ ଅମଙ୍ଗ। ଆଉ ଥରେ ସେଇ କଂକ୍ରିଟ ଜଙ୍ଗଲକୁ ଫେରିବାର ଅଭିଳାଷ ନାହିଁ ଯେଉଁଠି ଫୁଲ ବଦଳରେ ମିଳେ ଖାଲି





ନାଗଫଣୀ କଣ୍ଟା।

ତୁମ ଇସାରାରେ / ଆଉ ଫେରିବିନି / ଜୀବନଟା ହେଉ ପଛେ ଉତ୍କଟ ଜହର /ଲାଭ ନାହିଁ ଆଉ ଦୁର୍ବାର ବର୍ଷିବାରେ / ତୁମ ମନ ଏବେ ଏକ/କଂକ୍ରିଟ ସହର

(ପୃ :୩୩,ଲାଭ ନାହିଁ)

ପ୍ରେମିକା ମୁହଁ ମୋଡ଼ି ଚାଲିଗଲା ପରେ ଜୀବନ ପାଲଟେ ଅଶାନ୍ତ ସମୁଦ୍ର। ଯିଏ ଅହରହ ମଥା ପିଟୁଥାଏ ସମୟର ବେଳାଭୂମି ପରେ।


ଗାରେ ସିନ୍ଦୂର ଓ /ଦି' ଧାର ଲୁହରେ /ସବୁ କିଛି ଏବେ ଶେଷ / ମୁଁ ନଇ ଏ ପାଖର ମେଞ୍ଚେ ନୀରବତା / ତୁମେ ଆର ପାଖ ହସ...

(ପୃ : ୯୧, କାରୁଣ୍ୟ)

ମୁଁ ଆହତ କ୍ଷତାକ୍ତ ରକ୍ତାକ୍ତ/ ତୁମେ ହସୁଥିବା ଲାଲ୍ ଛୁରୀ/ ଦରଜ ବଢ଼ିଲା ବେଳକୁ ଜାଣିଲି/ ତୁମେ କଲିଜା ଦେଇଛ ଚିରି...

(ପୃ :୧୦୪, ଆତ୍ମଘାତୀ)

ବିଚିତ୍ରଙ୍କ କବିତା ସବୁ କ୍ଷୁଦ୍ର, ସହଜ ଏବଂ ସାବଲୀଳ। ମୋଟାମୋଟି ଭାବରେ କହିବାକୁ ଗଲେ ସକଳ ଅସୁନ୍ଦରତା ଭିତରେ ସୌନ୍ଦର୍ଯ୍ୟ ସନ୍ଧାନରେ କବି। ଗୋଟିଏ ମିଥ୍ୟାରହିତ ପ୍ରେମର ନିଷ୍ପାପର ପୃଥିବୀର ସ୍ୱପ୍ନ ଦେଖିଛନ୍ତି ସେ। କିନ୍ତୁ ସେଇ ପ୍ରେମର ନୀଳ ନଦୀରେ ମିଳନର ପୁଷ୍ପ ପ୍ରସ୍ଫୁଟିତ ହେବା ଆଗରୁ ତାହା ନୀଳ ନର୍ଦ୍ଦମାରେ ପରିଣତ ହୋଇଛି। ଏଠି ଭୋଗିବାର ବିହ୍ୱଳପଣ ଠାରୁ ଭାଙ୍ଗିବାର ଭାଷା ବେଶି ସ୍ପଷ୍ଟ ଓ ଲହୁଲୁହାଣ। କବିତା ଗୁଡ଼ିକ ତରୁଣ ପିଢ଼ିଙ୍କୁ ଛୁଇଁବ।



**ସମୀକ୍ଷା : ବିପ୍ଳବ**
ମକୁନ୍ଦ ପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୮ ଡିସେମ୍ବର ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ମଧୁରୋକ୍ତି...( ୧୨ )

♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ତୁମେ ବରଦାନ ଦେଇ ବାଳୀକୁ ପର ଜନ୍ମରେ ଜାରାଶବର ହୋଇ ଜନ୍ମ ନେବାକୁ କହିଲ। ଆଉ ନିଜେ ତାହାର ନିଜ ତୀର ମୁନରେ ନିଜ ଶ୍ରୀକୃଷ୍ଣ ଅବତାରର ଅନ୍ତ କରିବା ପାଇଁ ନିଷ୍ପତ୍ତି ନେଇଥିଲ। ଗଛ ପଛରେ ଲୁଚି ତୁମେ ତ ବଧ କରିଥିବାରୁ ସେ ମଧ ଶିଆଳି ଲତା ପଛରେ ଲୁଚି ରହି ତୁମର ଶ୍ରୀପୟରକୁ ହରିଣର କାନ ମନେ କରି ଶର ସନ୍ଧାନ କରିଥିଲା।

ବାଳୀ ମୃତ୍ୟୁ ପରେ ଲକ୍ଷ୍ମଣ ନିଜେ ତାକୁ କିଷ୍କିନ୍ଧ୍ୟାର ରାଜ ସିଂହାସନରେ ଅଭିଷିକ୍ତ କରେଇ ଥିଲେ।ନିଜ ବନବାସର କଠୋର ବ୍ରତ ପାଇଁ ତୁମେ କୌଣସି ରାଜ୍ୟରେ ପାଦ ଦେଇ ନଥିଲ। ସେତେବେଳକୁ ବର୍ଷାଋତୁ ଚାଲିଥିବାରୁ ସୁଗ୍ରୀବ କହିଥିଲେ ଯେ ସେ ଏହି ସମୟ ପରେ ମାତା ଜାନକୀଙ୍କ ସନ୍ଧାନ ଦିଗରେ ତୁମକୁ ସାହାଯ୍ୟ କରିବେ।

ହେଲେ... ପରମ ପ୍ରତାପୀ ବାଳୀର ମୃତ୍ୟୁ ପରେ ଏତେ ଦିନ ଧରି ସେ ସହି ଆସୁଥିବା ଭୟ ଓ ମାନସିକ ଯନ୍ତ୍ରଣା ସମାପ୍ତ ହୋଇ ଯାଇଥିବାରୁ ନିଜ ପରିବାର ଓ ରାଜ୍ୟ ପ୍ରାପ୍ତିର ଖୁସିରେ ଆତ୍ମହରା ହୋଇ ସୁଗ୍ରୀବ ଭୋଗ ବିଳାସରେ ବୁଡି ରହିବା ଫଳରେ ତୁମକୁ ଦେଇଥିବା ବଚନକୁ ଭୁଲି ଆସିଥିଲେ। ମାତା ସୀତାଙ୍କ ଖୋଜ ଖବର ନ ପାଇ ତୁମେ ଦୁଃଖରେ ବ୍ୟାକୁଳ ହେଇଥିଲ। ଆଉ ଲକ୍ଷ୍ମଣ ତଥା ହନୁମାନ ତୁମର ଏ କଷ୍ଟ ନିଜ ଆଖିରେ ଦେଖି ବହୁତ୍ ଅସହାୟ ହୋଇ ପଡୁଥିଲେ। ବର୍ଷା ସମୟ ସମାପ୍ତ ହୋଇଯିବା ପରେ ମଧ ସୁଗ୍ରୀବ ସେମିତି ମୌନ ରହିବା ଦେଖି ସେମାନେ ତୁମର ଆଜ୍ଞା ନେଇ କିଷ୍କିନ୍ଧ୍ୟା ଯାଇଥିଲେ। ସେଠାରେ ତାଙ୍କୁ ଏପରି ଅଦ୍ଭୁତ ଆଚରଣ କରିବା ଦେଖି ଲକ୍ଷ୍ମଣ ଭୀଷଣ ରାଗି ଯାଇଥିଲେ। ସୁଗ୍ରୀବ ମଧ ନିଜର ଭୁଲ ବୁଝିପାରି ଆସି ତୁମକୁ କ୍ଷମା ମାଗିଥିଲେ।

ସମୁଦ୍ର ଭିତରେ ସୁରସା ନାମ୍ନୀ ଏକ ଦୈତ୍ୟ ରହୁଥିଲା। ସେ ସମୁଦ୍ର ଉପର ଦେଇ ଉଡ଼ି ଯାଉଥିବା ପ୍ରାଣୀ ମାନଂକର ଭକ୍ଷଣ କରୁଥିଲା। ହନୁମାନ ଉଡ଼ି ଯାଉଥିବା ବେଳେ ସେ ତାଙ୍କ ଛାଇକୁ ଧରି ନେଇଥିଲା। ଫଳରେ ସେ ଆଉ ଆଗକୁ ଯାଇ ପାରି ନଥିଲେ। କିନ୍ତୁ ସେ ରାମକାର୍ଯ୍ୟ ପାଇଁ ଯାଉଥିବାରୁ ତାଙ୍କୁ ଛାଡ଼ିଦେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ସୁରସା ମାନି ନଥିଲା। ତା ମୁଖ ଭିତରକୁ ପ୍ରବେଶ କରିବା ଅପରିହାର୍ଯ୍ୟ କହି ସେ ହନୁମାନଙ୍କୁ ଖାଇବା ପାଇଁ ପାଟି ଖୋଲିବାରୁ ହନୁମାନ ଅତି ଲଘୁ ରୂପ ନେଇ ତା ପାଟି ଭିତରେ ପଶି ବାହାରି ଆସିଥିଲେ।

ତା ପରେ ସୁଗ୍ରୀବ ନିଜର ସମସ୍ତ ବାନରସେନାଙ୍କୁ ଚତୁର୍ଦ୍ଦିଗକୁ ପଠେଇଲେ। ପ୍ରତ୍ୟେକ ବାନର ଦଳ ବଣ ଜଙ୍ଗଲ ପାହାଡ ପର୍ବତର କୋଣ ଅନୁକୋଣରେ ସନ୍ଧାନ କରୁଥିଲେ। ଲଙ୍କାପତି ସୀତା ହରଣ କରି କେଉଁ ଦିଗକୁ ଯାଇଥିଲା ତାହା କେହି ଜାଣି ନଥିଲେ। ଶେଷରେ ହନୁମାନ ସନ୍ଧାନ ପାଇଁ ବାହାରିଲା ବେଳେ ତୁମେ ତାଙ୍କୁ ପାଖକୁ ଡାକି ନିଜର ନାମଙ୍କିତ ମୁଦ୍ରିକା ଦେଇଥିଲ ଆଉ କହିଥିଲ ଯେ ମାତାଙ୍କୁ ଦେଖି ସେ ଏହି ମୁଦି ତାଙ୍କୁ ଦେବେ। ତେବେ ଯାଇ ହନୁମାନ ରାମଙ୍କ ଦୂତ ବୋଲି ମାତା ସୀତା ଜାଣି ପାରିବେ।

ଖୋଜୁ ଖୋଜୁ ବାନର ଦଳ ଆସି ସମୁଦ୍ର କୂଳରେ ପହଁଚି ଗଲେ। ସେଠାରେ ଏକ ବୁଢ଼ା ଗଛର କୋରଡ ମଧରେ ବାସ କରୁଥିବା ସମ୍ପାତି ନିଜ ପରିଚୟ ଦେଇ ସେ ଜଟାୟୁଙ୍କର ବଡ଼ଭାଇ ବୋଲି ଜଣାଇଲେ। ଆଉ ଦୁଷ୍ଟ ରାବଣ ସୀତା ହରଣ କରି ସମୁଦ୍ର ଉପର ଦେଇ ଲଙ୍କାଗଡକୁ ନେଇ ଯାଇଛି ବୋଲି ତଥ୍ୟ ପ୍ରଦାନ କଲେ।

ହେଲେ ଏହି ସମୁଦ୍ର ଲଙ୍ଘନ କରିବ କିଏ...!!?? ଅଙ୍ଗଦ, ନଳ,ନୀଳ ଆଦି ସମସ୍ତେ ନିଜ ନିଜ କ୍ଷମତା ବିଷୟ ବର୍ଣ୍ଣନା କରିବାରୁ ଜଣା ପଡିଲା ଯେ କେହି ମଧ ଏହି କାର୍ଯ୍ୟ କରିବାକୁ ଉପଯୁକ୍ତ ନଥିଲେ।

ତା ପରେ ନିଜେ ଜାମ୍ବବାନ୍ ଆସି ହନୁମାନଙ୍କୁ କହିଲେ ସେ ହିଁ ଏହି କାର୍ଯ୍ୟ ପାଇଁ ସଂପୂର୍ଣ୍ଣ ଯୋଗ୍ୟ ଅଟନ୍ତି। ଆଉ ତା ପରେ ତାଙ୍କୁ ମନ ପକେଇବାକୁ ଲାଗିଲେ ଯେ ସେ କିପରି ଛୋଟ ପିଲାଟିଏ ହୋଇ ମଧ ସୂର୍ଯ୍ୟଦେବଙ୍କୁ ଏକ ପାଚିଲା ଫଳ ଭାବି ଗ୍ରାସ କରିଦେବା ପାଇଁ ଉଡ଼ି ଚାଲିଯାଇଥିଲେ। ବାନର ହୋଇ ମଧ ଆକାଶରେ ଉଡ଼ିବା ପରି ଅସମ୍ଭବକୁ ସମ୍ଭବ କରି ଦେଖେଇବା କିଛି କଣ ସାମାନ୍ୟ କଥା ଥିଲା କି...!!?? କେବଳ ସେତିକି ନୁହେଁ ସେ ଏକଥା ମଧ ମନେ ପକାଇଥିଲେ ଯେ କିପରି ଜ୍ଞାନ ଆହରଣ ପାଇଁ ସେ ସୂର୍ଯ୍ୟଦେବଙ୍କ ନିକଟକୁ ଯାଇଥିଲେ। କିନ୍ତୁ ସୂର୍ଯ୍ୟଦେବ ତାଙ୍କୁ ସଫା ସଫା କହି ଦେଇଥିଲେ ଯେ ସେ ତାଙ୍କର ଗତି କେବେ ମଧ ରୋକି ପାରିବେନି। ଅହରହ ସେ ପୂର୍ବାଚଳ ଓ ପଶ୍ଚିମାଞ୍ଚଳ ଦେଇ ଗତି କରୁଥାଆନ୍ତି। ତେଣୁ ଯଦି ତାଙ୍କଠାରୁ ଶିକ୍ଷା ଲାଭ କରିବାକୁ ହନୁମାନ ଇଚ୍ଛା କରନ୍ତି ତେବେ ସେ ତାଙ୍କ ସହିତ ଯାତ୍ରା କରି କରି ଶିଖିବାକୁ ପଡ଼ିବ। ହନୁମାନ ଦୀର୍ଘ ସାତଦିନ ସାତରାତି ଧରି ସୂର୍ଯ୍ୟଦେବଙ୍କ ଗତି ସହିତ ନିଜର ଗତି ମିଶାଇ ଜ୍ଞାନ ପ୍ରାପ୍ତି କରିଥିଲେ। ଅଂଜନୀ ମାତାଙ୍କ ଆଶୀର୍ବାଦରୁ ସେ କିପରି ପ୍ରତ୍ୟେକ ପଦକ୍ଷେପରେ ନିଜର ଉତ୍କର୍ଷତା ପ୍ରତିପାଦିତ କରିଥିଲେ ସେହି କଥା ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିବା ସହିତ ସେହି କାହାଣୀ ମନେ ପକେଇ ଦେଇଥିଲେ ଯେତେବେଳେ ତାଙ୍କର ଚପଳ ଗୁଣରେ ଅଙ୍କୁଶ ଲଗେଇବା ପାଇଁ ଋଷିଙ୍କ ଅଭିଶାପ ହିଁ ଏକମାତ୍ର ଉପାୟ ହୋଇଥିଲା। ଆଉ ବର୍ତ୍ତମାନ ତାଙ୍କୁ ସବୁକଥା ମନେ ପକେଇ ଦେବା ପରେ ବଜରଙ୍ଗବଳି ନିଜର ହୃତ ଶକ୍ତି ସାମର୍ଥ୍ୟର ପରିପ୍ରକାଶ କରି ତୁମ ନାମର ହୁଙ୍କାର ଦେଇ ସମୁଦ୍ର ଉପରେ ଲମ୍ଫ ପ୍ରଦାନ କରିଥିଲେ। ଦେବ,ଦାନବ, ମାନବ, ଦୈତ୍ୟ, କିନ୍ନର, ଯକ୍ଷ ସମସ୍ତେ ହନୁମାନଙ୍କର ଏହି ପରମ ଶକ୍ତିଶାଳୀ ସ୍ୱରୂପର ଦର୍ଶନ କରିବା ପାଇଁ ବ୍ୟାକୁଳ ଥିଲେ।

ରାମନାମର ଅମୋଘ ଅସ୍ତ୍ର ଧରି ହନୁମାନ ଉଡ଼ି ଚାଲିଲେ ଲଙ୍କାଗଡକୁ...!!

ସମୁଦ୍ର ଭିତରେ ସୁରସା ନାମ୍ନୀ ଏକ ଦୈତ୍ୟ ରହୁଥିଲା। ସେ ସମୁଦ୍ର ଉପର ଦେଇ ଉଡ଼ି ଯାଉଥିବା ପ୍ରାଣୀ ମାନଂକର ଭକ୍ଷଣ କରୁଥିଲା। ହନୁମାନ ଉଡ଼ି ଯାଉଥିବା ବେଳେ ସେ ତାଙ୍କ ଛାଇକୁ ଧରି ନେଇଥିଲା। ଫଳରେ ସେ ଆଉ ଆଗକୁ ଯାଇ ପାରି ନଥିଲେ। କିନ୍ତୁ ସେ ରାମକାର୍ଯ୍ୟ ପାଇଁ ଯାଉଥିବାରୁ ତାଙ୍କୁ ଛାଡ଼ିଦେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ସୁରସା ମାନି ନଥିଲା। ତା ମୁଖ ଭିତରକୁ ପ୍ରବେଶ କରିବା ଅପରିହାର୍ଯ୍ୟ କହି ସେ ହନୁମାନଙ୍କୁ ଖାଇବା ପାଇଁ ପାଟି ଖୋଲିବାରୁ ହନୁମାନ ଅତି ଲଘୁ ରୂପ ନେଇ ତା ପାଟି ଭିତରେ ପଶି ବାହାରି ଆସିଥିଲେ। ପୁରାଣ ଅନୁସାରେ ଏପରି କରି ସୁରସାକୁ ମାତା ସମ୍ବୋଧନ କରି ହନୁମାନ ଯେତେବେଳେ ପ୍ରସନ୍ନ କରିଦେଲେ ସେ ସେତେବେଳେ ତାଙ୍କୁ ଛାଡିଦେଲା। କିନ୍ତୁ ଅନ୍ୟ ଏକ କଥା ଅନୁସାରେ ହନୁମାନ ତାହାର ପେଟ ଚିରି ବାହାରି ଆସିଥିବା ମଧ ବର୍ଣ୍ଣନା କରା ଯାଇଛି।

ମୁଖରେ କେବଳ ତୁମରି ନାମ ନେଇ ନେଇ ହନୁମାନଙ୍କ ଶକ୍ତି ବହୁ ପରିମାଣରେ ବଢି ଯାଉଥିଲା। ଲଙ୍କା ପାଖେଇ ଆସିବାରୁ ତାର ସ୍ୱର୍ଣୀମ ଆଭା ଦେଖି ହନୁମାନଙ୍କ ଆଖି ଝଲସି ଯାଇଥିଲା। ଏତେ ବଡ ଭବ୍ୟ ନଗର ଭିତରକୁ ନିଜର ସାଧାରଣ ରୂପରେ ନଯାଇ ସେ ପ୍ରଥମେ ଅତି କ୍ଷୁଦ୍ର ମଶକ ସମାନ ରୂପ ନେଲେ ଓ ଲଙ୍କାର ରକ୍ଷକ ଲଙ୍କିନୀର ଦୃଷ୍ଟି ଆଢୁଆଳରୁ ଖସି ଯାଇ ଭିତରକୁ ଯିବାକୁ ବାହାରିଲେ। କିନ୍ତୁ ଲଙ୍କିନୀ ପାଖରୁ ବଞ୍ଚିବା ଏତେ ସହଜ କଥା ନଥିଲା। ସେ ହନୁମାନଙ୍କୁ ଭିତରକୁ ଯିବାକୁ ଛାଡ଼ିଲା ନାହିଁ।ହନୁମାନଙ୍କୁ ବରଂ ଯୁଦ୍ଧର ଆହ୍ୱାନ ଦେଇ ଆଘାତ କରିବାକୁ ଆଗେଇ ଆସିଲା। ‘ଜୟ ଶ୍ରୀ ରାମ’ କହି ସେ ଲଙ୍କିନୀକୁ ଏକ ମୁଥା ମାରିଥିଲେ ଯାହା ଫଳରେ ତାକୁ ରକ୍ତ ବାନ୍ତି ହୋଇ ଯାଇଥିଲା।ନିଜର ଅନ୍ତ ସାମ୍ନାରେ ଦେଖି ସେ କହିଥିଲା ଯେ ଅପରାଜେୟ ଲଙ୍କିନୀକୁ ଯେଉଁଦିନ ଏକ ବାନରର ପ୍ରହାରରେ ହାର ସ୍ୱୀକାର କରିବାକୁ ହେବ ସେହି ସମୟରେ ଲଙ୍କା ଧ୍ୱଂସ ହେବାକୁ ଆଗେଇ ଯିବ ବୋଲି ଭବିଷ୍ୟ ବାଣୀ ହୋଇଥିଲା। ଅତଏବ ସେ ଜାଣି ସାରିଥିଲା ଯେ ଲଙ୍କା ଅତି କମ୍ ସମୟରେ ନଷ୍ଟ ହୋଇଯିବ। ତୁମ ଚରଣ ତଳେ ନିଜର ଭକ୍ତି ପ୍ରଣାମ ଜଣେଇ ହନୁମାନଙ୍କୁ ପ୍ରଣାମ କରି ଲଂକିନୀ ନିଜ ପ୍ରାଣ ତ୍ୟାଗ କରିଥିଲା।

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

ଚିନ୍ତା ଓ ଚେତନା



# ଦରମା, କ୍ଷମତା ଓ ସମାନତା: ସ୍ୱ-ଅନୁମୋଦିତ ବେତନର ବିପଦ

ଡକ୍ଟର୍ ଗୋଲକ ବିହାରୀ ଆଚାର୍ଯ୍ୟ

ଆଧୁନିକ ଶାସନ ଏବଂ କର୍ପୋରେଟ୍ ପ୍ରଶାସନରେ, କର୍ମଚାରୀଙ୍କ ବେତନ କିଏ ଏବଂ କେଉଁ ଆଧାରରେ ନିର୍ଣ୍ଣୟ କରେ, ତାହାର ଦୂରଗାମୀ ପରିଣାମ ରହିଛି। ଭାରତରେ, ଅନେକ ଅନୁଷ୍ଠାନ ସେମାନଙ୍କ କର୍ମଚାରୀଙ୍କ ପାରିଶ୍ରମିକ, ଭତ୍ତା ଏବଂ ପ୍ରୋତ୍ସାହନ ନିର୍ଣ୍ଣୟ କରିବାରେ ବିଭିନ୍ନ ସ୍ତରର ସ୍ୱାୟତ୍ତତା ଉପଭୋଗ କରନ୍ତି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ), ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ (ସେବି), ଏବଂ ଇନ୍ସ୍ୟୁରାନ୍ସ ରେଗୁଲେଟୋରୀ ଆଣ୍ଡ ଡେଭଲପମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ (ଆଇଆରଡିଏଆଇ) ଭଳି ସଂସ୍ଥାମାନେ ସରକାରୀ ନିୟମ ଏବଂ ବଜାର ମାନଦଣ୍ଡ ଦ୍ୱାରା ବ୍ୟାପକ ଭାବରେ ପରିଚାଳିତ ହୋଇ, ଆଭ୍ୟନ୍ତରୀଣ ବୋର୍ଡ ଏବଂ କମିଟି ମାଧମରେ ନିଜସ୍ୱ କ୍ଷତିପୂରଣ ଢାଞ୍ଚା ପ୍ରସ୍ତୁତ କରିବାକୁ କ୍ଷମତାପ୍ରାପ୍ତ। ଏପରିକି ନ୍ୟାୟପାଳିକା, ଯଦିଓ ସାମ୍ବିଧାନିକ ଭାବରେ ସ୍ୱାଧୀନ, ତଥାପି ସରକାରୀ ନିଷ୍ପତ୍ତି ଏବଂ ବେତନ କମିଶନଙ୍କ ସୁପାରିଶ ଦ୍ୱାରା ପ୍ରଭାବିତ ଏକ ସଂରଚିତ ପ୍ରଣାଳୀ ଅନୁସରଣ କରେ। ତେବେ, ବ୍ୟକ୍ତିଗତ ଲାଭ ପାଇଁ, ଦରମା ବୃଦ୍ଧି କିମ୍ବା ଅତିରିକ୍ତ ଭତ୍ତାର ପ୍ରସ୍ତାବ ଆସିଲେ ବିଧାନସଭା କିମ୍ବା ସଂସଦରେ ସହଜରେ ସର୍ବସମ୍ମତି ପ୍ରକାଶ ପାଏ।

ମୂଳ ବେତନ ବ୍ୟତୀତ, ଅନେକ ସଂସ୍ଥା—ଉଭୟ ସରକାରୀ ଓ ବେସରକାରୀ—ଅତିରିକ୍ତ ପ୍ରୋତ୍ସାହନମାନ ଆରମ୍ଭ କରନ୍ତି: ଭତ୍ତା, ସ୍ୱାସ୍ଥ୍ୟ ସୁବିଧା, ପେନ୍ସନ୍, କାର୍ଯ୍ୟଦକ୍ଷତା ବୋନସ୍, ତାଲିମ ସୁବିଧା, ଏବଂ ଅନ୍ୟାନ୍ୟ ଅନୁଷ୍ଠାନିକ ସୁବିଧା। ଏହି ପଦକ୍ଷେପଗୁଡ଼ିକ ପ୍ରାୟତଃ ଦକ୍ଷତା ବୃଦ୍ଧି, ପ୍ରତିଭା ଆକର୍ଷଣ ଏବଂ ମନୋବଳରେ ଉନ୍ନତି ପାଇଁ ଉପକରଣ ଭାବରେ ଯଥାର୍ଥ ପ୍ରମାଣିତ ହୁଏ। ନୀତିଗତ ଭାବରେ, ଏହିପରି ନମନୀୟତା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟଗତ ଆବଶ୍ୟକତାକୁ ପୂରଣ କରିବାକୁ ଅନୁମତି ଦିଏ।

ତେବେ, ସମସ୍ୟା ସେତେବେଳେ ଉପୁଜେ, ଯେତେବେଳେ କ୍ଷତିପୂରଣ ନିର୍ଣ୍ଣୟ କରିବାର କ୍ଷମତା ଯଥେଷ୍ଟ ବାହ୍ୟ ତଦାରଖ, ସ୍ୱଚ୍ଛତା, କିମ୍ବା ବ୍ୟାପକ ଅର୍ଥନୈତିକ ତଥା ସାମାଜିକ ପ୍ରସଙ୍ଗ ପ୍ରତି ସମ୍ବେଦନଶୀଳତା ବିନା ପ୍ରୟୋଗ କରାଯାଏ। ଯେତେବେଳେ ନିଷ୍ପତ୍ତି ନେଉଥିବା ବ୍ୟକ୍ତିବିଶେଷ ନିଜେ ଦରମା ବୃଦ୍ଧି ଏବଂ ପ୍ରୋତ୍ସାହନର ପ୍ରାଥମିକ ହିତାଧିକାରୀ ହୁଅନ୍ତି, ଏହା ଅନିବାର୍ଯ୍ୟ ଭାବରେ ସ୍ୱାର୍ଥର ଦ୍ୱନ୍ଦ୍ୱକୁ ନେଇ ଚିନ୍ତା ସୃଷ୍ଟି କରେ। ଯେତେବେଳେ ଉତ୍ତର ଦାୟିତ୍ୱ ଅବା ଦାୟିତ୍ୱବୋଧ ବଳି ପଡ଼ିଥିବା ପରି ମନେହୁଏ ଏବଂ ଆତ୍ମ-ସ୍ୱାର୍ଥର ବେଦୀରେ ରାଜକୋଷର ସତର୍କତା ବଳି ଦିଆଯାଏ, ସେତେବେଳେ ଜନସାଧାରଣଙ୍କ ବିଶ୍ୱାସ ହ୍ରାସ ପାଏ। କିଛି ଲୋକଙ୍କ ପାଇଁ ବର୍ଦ୍ଧିତ ପାରିଶ୍ରମିକ ବଜେଟ୍ ଉପରେ ଚାପ, ଜନକଲ୍ୟାଣ ପାଇଁ ଆବଣ୍ଟନ ହ୍ରାସ, ଏବଂ ବଢୁଥିବା ଜନ ଅସନ୍ତୋଷରେ ପରିଣତ ହୋଇପାରେ।

ଏହିପରି ନିଷ୍ପତ୍ତିଗୁଡ଼ିକ ବ୍ୟାପକ କର୍ମଜୀବୀଙ୍କ ଉପରେ ସୃଷ୍ଟି କରୁଥିବା ତରଙ୍ଗ ପ୍ରଭାବ ଅଧିକ ଚିନ୍ତାଜନକ। ଯେତେବେଳେ ଶୀର୍ଷ କାର୍ଯ୍ୟକର୍ତ୍ତାମାନେ ନିଜର ଲାଭକୁ ପ୍ରାଥମିକତା ଦିଅନ୍ତି, ଅଥଚ କର୍ମଚାରୀଙ୍କ ଏକ ବିଶାଳ ଭାଗ—ଶିକ୍ଷକ, ସ୍ୱାସ୍ଥ୍ୟସେବା କର୍ମୀ, ଚୁକ୍ତିଭିତ୍ତିକ କର୍ମଚାରୀ, ଏବଂ ଅଣ-ସଂଗଠିତ ଶ୍ରମିକ—ସ୍ଥାଣୁ ବେତନ ଏବଂ ବଢୁଥିବା ବ୍ୟୟ ସହିତ ସଂଘର୍ଷ କରନ୍ତି, ସେତେବେଳେ ଏକ ଅସନ୍ତୁଳନ ସୃଷ୍ଟି ହୁଏ। ଏହା କ୍ଷେତ୍ରଗୁଡ଼ିକ ମଧ୍ୟରେ ବେତନ ଅସମାନତାକୁ ବଢାଏ, ମନୋବଳ ହ୍ରାସ କରେ ଏବଂ ଅନୁଷ୍ଠାନିକ ସମନ୍ୱୟକୁ ଦୁର୍ବଳ କରେ। ସମୟ କ୍ରମେ, ଏହିପରି ବୈଷମ୍ୟ ଉତ୍ପାଦନ କ୍ଷମତାକୁ କ୍ଷତି ପହଞ୍ଚାଏ, ସାମାଜିକ ବିଭାଜନକୁ ଗଭୀର କରେ, ଏବଂ ଅର୍ଥନୈତିକ ସ୍ଥିରତାକୁ ବିପଦରେ ପକାଏ।

୧୯୯୦ ଦଶକର ଉଦାରୀକରଣ ପରଠାରୁ ଭାରତର ଅଭିଜ୍ଞତା ଏହି ଦ୍ୱନ୍ଦ୍ୱକୁ ତୀବ୍ର ଭାବରେ ଚିତ୍ରଣ କରେ। ବିଶ୍ୱାୟନ ବିଦେଶୀ ପୁଞ୍ଜି ବିନିଯୋଗ, ବହୁରାଷ୍ଟ୍ରୀୟ କର୍ପୋରେସନ୍ ଏବଂ ବିଶ୍ୱସ୍ତରୀୟ ପ୍ରତିଭା ଆଣିଲା, କିନ୍ତୁ ଏହା ସହିତ ତୀବ୍ର ଆୟ ବୈଷମ୍ୟ ମଧ ସୃଷ୍ଟି କଲା। ବରିଷ୍ଠ କାର୍ଯ୍ୟନିର୍ବାହୀମାନେ—ପ୍ରାୟତଃ ପ୍ରବାସୀ—ଶୀର୍ଷ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ତୁଳନାରେ ଅନେକ ଗୁଣ ଅଧିକ ଦରମା ପାଉଥିବା ଘଟଣାଗୁଡ଼ିକ ଭାରତୀୟ ବେତନ ଢାଞ୍ଚାର ଭଗ୍ନ ସନ୍ତୁଳନକୁ ପ୍ରକାଶ କଲା। କ୍ଷେତ୍ରଗୁଡ଼ିକ ମଧ୍ୟରେ ତୁଳନା ଅସନ୍ତୋଷକୁ ତୀବ୍ର କଲା, ଯାହା ଏକ ପ୍ରକାର ଅନୁଭବରେ ପରିଣତ ହେଲା ଯେ ପୁରସ୍କାରଗୁଡ଼ିକ ସାମାଜିକ ଦାୟିତ୍ୱ କିମ୍ବା ଜାତୀୟ ପ୍ରାଥମିକତାଠାରୁ ବିଚ୍ଛିନ୍ନ।

ଏହାର ପ୍ରତିକ୍ରିୟାରେ, କ୍ରମାଗତ ସରକାରମାନେ ସରକାରୀ କ୍ଷେତ୍ରରେ ବେତନକୁ ଯୁକ୍ତିଯୁକ୍ତ କରିବା ଏବଂ ସମାନତା ଫେରାଇ ଆଣିବା ପାଇଁ ବେତନ କମିଶନମାନ ଗଠନ କଲେ। ଯଦିଓ ଏହି ପଦକ୍ଷେପଗୁଡ଼ିକ ଆୟ ବଢାଇଲା ଏବଂ ମୁଣ୍ଡପିଛା ଆକଳନକୁ ଉତ୍ସାହିତ କଲା, ସେଗୁଡ଼ିକର କିଛି ଅବାଞ୍ଛିତ ପରିଣାମ ମଧ ରହିଲା। ମୁଦ୍ରାସ୍ଫୀତି ଚାପ ବଢିଲା, ଜୀବନଧାରଣର ମାନ ବଢିଲା ଏବଂ ମୁଦ୍ରାର ମୂଲ୍ୟ କ୍ଷୟ ହେଲା। ସାଧାରଣ ନାଗରିକଙ୍କ ପାଇଁ, ଉଚ୍ଚ ନାମମାତ୍ର ଆୟ ପ୍ରକୃତ ଅର୍ଥନୈତିକ ନିରାପତ୍ତାରେ ପରିଣତ ହେବାରେ ବିଫଳ ହେଲା। ଅଭିବୃଦ୍ଧି ଆକଳନରେ ଉନ୍ନତି ହେଲା, କିନ୍ତୁ ସମାନତାପୂର୍ଣ୍ଣ ସମୃଦ୍ଧି ଦୁର୍ଲଭ ରହିଲା।

ଏସବୁ ଏକ ବ୍ୟାପକ, ଅଧିକ ସାମଗ୍ରିକ ଦୃଷ୍ଟିକୋଣର ଜରୁରୀ ଆବଶ୍ୟକତାକୁ ଗୁରୁତ୍ୱ ଦିଏ। ଭାରତକୁ ଏକ ସ୍ୱାଧୀନ, ବିଶ୍ୱାସଯୋଗ୍ୟ ତଦାରଖ ବ୍ୟବସ୍ଥା ଆବଶ୍ୟକ, ଯାହା ସରକାରୀ ସଂସ୍ଥା, ସ୍ୱାୟତ୍ତ ଅନୁଷ୍ଠାନ, ଏବଂ ଏପରିକି ବୃହତ ବେସରକାରୀ ଉଦ୍ୟୋଗଗୁଡ଼ିକରେ କ୍ଷତିପୂରଣ ଢାଞ୍ଚାଗୁଡ଼ିକୁ ଯାଞ୍ଚ କରିପାରିବ। ଏହିପରି ଏକ କର୍ତ୍ତୃପକ୍ଷ ବେତନକୁ ସୂକ୍ଷ୍ମ ଭାବରେ ପରିଚାଳନା କରିବ ନାହିଁ, ବରଂ ଯୁକ୍ତିଯୁକ୍ତ ମାନଦଣ୍ଡ ସ୍ଥିର କରିବ, ସ୍ୱଚ୍ଛତା ସୁନିଶ୍ଚିତ କରିବ, ଅତ୍ୟଧିକ ସ୍ୱ-ପୁରସ୍କୃତ ଲାଭକୁ ନିରୁତ୍ସାହିତ କରିବ, ଏବଂ ବେତନ ଅଭିବୃଦ୍ଧିକୁ ଉତ୍ପାଦନ କ୍ଷମତା, ଅର୍ଥନୈତିକ ସାମର୍ଥ୍ୟ, ଏବଂ ସାମାଜିକ ସମାନତା ସହିତ ସମନ୍ୱିତ କରିବ।

ଶେଷରେ, ଏକ ରାଷ୍ଟ୍ରର ଅର୍ଥନୈତିକ ସ୍ୱାସ୍ଥ୍ୟ କେବଳ ଏହା କେତେ ସମ୍ପଦ ସୃଷ୍ଟି କରେ, ତାହା ଉପରେ ନିର୍ଭର କରେ ନାହିଁ, ବରଂ ସେହି ସମ୍ପଦ କେତେ ଯୁକ୍ତିଯୁକ୍ତ ଭାବରେ ବଣ୍ଟନ କରାଯାଏ, ତାହା ଉପରେ ନିର୍ଭର କରେ। ସାମାଜିକ ସନ୍ତୁଳନକୁ ବିଚାରକୁ ନନେଇ, ଏକାକୀ ନିଆଯାଇଥିବା ଦରମା ନିଷ୍ପତ୍ତିଗୁଡ଼ିକ ସେହି ପ୍ରଣାଳୀକୁ ଅସ୍ଥିର କରିବାର ବିପଦ ସୃଷ୍ଟି କରେ, ଯାହାକୁ ସେମାନେ ପୁରସ୍କୃତ କରିବାକୁ ଚାହାଁନ୍ତି। ତେଣୁ, ସମାନତା, ଜବାବଦେହିତା ଏବଂ ସଂଯମତା କ୍ଷତିପୂରଣ ନୀତିଗୁଡ଼ିକୁ ମାର୍ଗଦର୍ଶନ କରିବା ଉଚିତ—ଯାହାଫଳରେ ପ୍ରଗତି କେବଳ କିଛି ସୁବିଧାପ୍ରାପ୍ତ ବ୍ୟକ୍ତିଙ୍କୁ ନୁହେଁ, ବରଂ ଅର୍ଥନୀତିର ମେରୁଦଣ୍ଡ ଗଠନ କରୁଥିବା ଅନେକ ଲୋକଙ୍କୁ ଲାଭ ଦେବ।

♥ କେଶଦୁରାପାଳ, କୁଶଳେଶ୍ୱର, କେଉଁଝର
ମୋ: ୯୯୩୮୧୭୫୧୦୦, ୯୪୩୯୯୩୯୧୨୦୦

୬ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର

# ହେ ଈଶ୍ୱର ! ଆମକୁ ସତ୍‌ପଥରେ ଧାବିତ କରାଅ

ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)





ବେଳେବେଳେ ମନକୁ ଆସେ ଏ ଜନ୍ମମୃତ୍ୟୁର ସଂସାର ମଧ୍ୟରେ ଆତ୍ମାର ସ୍ଥିତି କେଉଁଠି ଓ ମନୁଷ୍ୟ ତଥା ଜୀବର ମରଣ ହେବା ପରେ ଓ ଆତ୍ମା ତ'ଅକ୍ଷୟ ଅବିନଶ୍ୱର । ସେ କେଉଁଠିକୁ ଯାଏ ଓ ସେ କ'ଣ ବା କରେ । ଏ'ସବୁର ଅନୁଶୀଳନ କରିବାକୁ ଗଲାବେଳେ କିଛି ସାଧୁସନ୍ଥ ଋଷି ମୁନିମାନଙ୍କର କଥା ସ୍ୱଭାବତଃ ମନକୁ ଆସିଯାଏ । ଯେମିତିକି ଆତ୍ମା ଅଚ୍ଛେଦ୍ୟ ଏବଂ ଅକ୍ଲେଦ୍ୟ ତଥା ଆତ୍ମାକୁ ଖଣ୍ଡ ଖଣ୍ଡ କରି କଟାଯାଇପାରେ ନାହିଁ କିମ୍ବା ଏହାକୁ ପାଣିରେ ବୁଡ଼ାଇ ହୋଇପାରେନା କି ଅଗ୍ନି ମଧ ଏହି ଅମର କଥିତ ଆତ୍ମାକୁ ପୋଡ଼ିପାରେ ନାହିଁ କିମ୍ବା ସମସ୍ତ ଉତ୍ତପ୍ତ ରଶ୍ମି ମଧ ଏହାକୁ ଶୁଖାଇପାରେ ନାହିଁ କି ଅଣଚାଷ ମୂର୍ତ୍ତିର ପବନ ମଧ କାଣିଚାଏ ଉଡ଼ାଇ ପାରେନାହିଁ । ଏ ହେଉଛି ସର୍ବ ଶକ୍ତିମାନ ଶାଶ୍ୱତ ଭାବରେ ପରମାତ୍ମାଙ୍କର ଏକ ଅଂଶ । ଶରୀର କ୍ଷୟ ହୁଏ କିନ୍ତୁ ଏହି ଜୀବଜଗତ ଆତ୍ମା ଅକ୍ଷୟ, କୌଣସି କାଳେ କ୍ଷୟ ହୋଇପାରେ ନାହିଁ । ଏଣୁ ଶାସ୍ତ୍ରରେ କୁହାଯାଇଛି ଶରୀର ପାଇଁ ଦୁଃଖ କରିବା ଉଚିତ ନୁହେଁ । ଶରୀର ସବୁବେଳେ ରହିପାରେ ନାହିଁ । ତା'ର ସମୟୋଚିତ କ୍ଷୟ ଓ ବୃଦ୍ଧି ଅଛି ପୁଣି ବିଲୟ ସୁନିଶ୍ଚିତ । ଜନ୍ମ ଏହି ଶରୀର ମଧ୍ୟରେ ଆତ୍ମାଟିକୁ ପ୍ରବେଶ କରାଏ ପୁଣି ମୃତ୍ୟୁ ଆତ୍ମାକୁ ଶରୀର ରୂପକ ଗୃହ ମଧ୍ୟରୁ ନିଷ୍କୃତି ଆଣିଦିଏ । ଆତ୍ମାର ନିର୍ଗମନରେ ଶରୀର ଜଡ଼ ପାଲଟିଯାଏ ପୁଣି ସମସ୍ତ ଚେତନଶକ୍ତି ହରାଇଥାଏ । ଆତ୍ମା ପରମାତ୍ମା ଭଗବାନଙ୍କର କ୍ଷୁଦ୍ରାତି କ୍ଷୁଦ୍ରାତ୍ମକ ଅଂଶମାତ୍ର । ସେହି ଆତ୍ମା ଶରୀରଗାମୀ ହେଲେ ଜଡ଼ ଜୀବନାପୂତ ହୋଇ ଜୀବ ପାଲଟିଯାଏ । ଜୀବ ଆତ୍ମାର ଅନ୍ତର୍ଭୁକ୍ତିରେ ଜୀବନ ପାଲଟିଯାଏ ଓ କର୍ମ କରିବାକୁ ସକ୍ଷମ ହୁଏ । ଆମେ ଦେଖିବାରେ ଅଶେଷ କୋଟି ଜୀବସତ୍ତାଙ୍କର ଏହି ମର୍ତ୍ତ୍ୟଭୂମିରେ ଉପସ୍ଥିତି ଅଛି । ଆତ୍ମାକୁ ନେଇ ଜୀବାତ୍ମା ମାନଙ୍କର ଶରୀରରୂପୀ ଭିନ୍ନତା ଆସେ । କେଉଁଠି ଜୀବ ଉଦ୍ଭିଦ ହୋଇ ଠିଆ ହୁଏ ତ' ଆଉ କେଉଁଠି କୀଟପତଙ୍ଗ, ପଶୁପକ୍ଷୀ, ଅଣୁଜୀବାଣୁ ଭାବରେ ପ୍ରକଟିତ ହୋଇଥାଏ । ସମସ୍ତଙ୍କର ଚେତନା ଶକ୍ତି, ବୁଦ୍ଧିର ଚିନ୍ତନକୁ ନେଇ ନିଜ ନିଜର ଜୀବନକ୍ରିୟାକୁ ସମ୍ପାଦିତ କରିବାକୁ ପଡିଥାଏ । ଜୀବନକୁ ସଞ୍ଚାରିତ କରିବା ପାଇଁ ସମସ୍ତଙ୍କୁ ସଞ୍ଚାଳିତ ହେବାକୁ ପଡ଼େ । କାମ, କ୍ରୋଧ, ଲୋଭ, ମୋହ, ସବୁ ଜୀବମାନଙ୍କର ଗୋଟିଏ ଗୋଟିଏ ଜୀବନର ତଥା ବଞ୍ଚି ରହିବାର ଲକ୍ଷଣ । ଯାହା ସୃଷ୍ଟି ପାଇଁ ଆବଶ୍ୟକ ହୋଇଥାଏ । ଶରୀର ଧାରଣ କରିଥିବା ଆତ୍ମା ପାଇଁ ଶରୀର କିଛି ସମୟ ପରେ ପୁରୁଣା ହୋଇଯାଏ, ଆୟୁଷାତୀତ ହେଲେ ଏହା ଜୈବଗୁଣର ଅଧିନ ହୋଇ କ୍ରମଶଃ ଶରୀର ନଷ୍ଟ ହେବାକୁ ବସେ ଓ ଏ କାଳରେ ଆମେ କହୁ ସେହି ଜୀବ ଶରୀରର ମୃତ୍ୟୁ ହେଲା । ଜୀବାତ୍ମା ବେ'ଘର ହୋଇ ପଡ଼ିଲାରୁ ଆତ୍ମା ଅନ୍ୟ ଘଟ ଅନ୍ୟ ଘଟ (ଶରୀର)ଟିଏ – ଆତ୍ମାର ନିବାସ ପାଇଁ ଖୋଜିବୁଲେ । ତେଣୁ ଆମ ଭାଗବତ କହେ ଜୀବର ମରଣ ନିକଟେ ଆତ୍ମାକୁ ସାଇତେ ଅନ୍ୟ ଘଟେ । ଘଟ ହେଉଛି ପ୍ରାୟତଃ ଆମେ ଦେଖୁଥିବା ଏକ ମାଟିର କଳସୀ । ସେ କିଛିଦିନ ପରେ ଭାଙ୍ଗିଯାଏ ଓ ଭାଙ୍ଗିଲା ପରେ ମାଟିରୁ ପ୍ରସ୍ତୁତ ଏହି କଳସୀର ରୂପ ମାଟିରେ ମିଶିଯାଏ । ଏଥିପାଇଁ ପୂଜା ଆରାଧନାରେ ମୃତ୍ତିକା କଳସୀର ଉପଯୋଗ କରାଯାଏ । ମନ୍ତ୍ର, ଦିବ୍ୟ ବଚନ ମାଧମରେ ଶ୍ଳୋକ ଉଚ୍ଚାରଣ ପୂର୍ବକ ଦେବାତ୍ମାମାନଙ୍କୁ ଏହି ଘଟ ମଧ୍ୟରୁ ଆବାହନ କରି ପୂଜାବିଧାନ ସମାପ୍ତି ପରେ ସେ ସବୁ ପୂଜାଦ୍ରବ୍ୟ ସହ ନିର୍ଦ୍ଦିଷ୍ଟ କୁମ୍ଭ କଳସୀକୁ ପୁଣି ବିସର୍ଜନ କରାଯାଇଥାଏ । ସମସ୍ତ ଆତ୍ମା ପରମାତ୍ମାଙ୍କ ପୂଜନ ପାଇଁ ଏହି ଘଟ ପୂଜାର ପରମ୍ପରା ଆମ ସଂସ୍କୃତିରେ ଉଦ୍‌ଜୀବିତ ଅଛି ଓ ଆଗକୁ ରହିବ ମଧ । କୌଣସି ବି ଆତ୍ମାର ଶେଷ ନାହିଁ କି ଆତ୍ମା କେବେ ହେଁ ବିଲୀନ ହୋଇପାରେନା । ତେଣୁ ବୋଧେ ଆମ ବେଦ, ଉପନିଷଦ, ପୁରାଣ ସାହିତ୍ୟ ସଦାସର୍ବଦା ଆତ୍ମା ଓ ଶରୀର (ଘଟ) ବିଷୟରେ ଆଲୋଚନା ହେଉଥିବା ଦେଖାଯାଏ । ଏଥିରେ ଲେଖାଅଛି ଓ ଆମ ପୂର୍ବଜ ଶାସ୍ତ୍ରକାରମାନେ କହିଥାଆନ୍ତି ଯେ, ଜୀବ ତା'ର ଜୀବନକାଳରେ ନିଜ ଗୁଣ କର୍ମ ଅନୁସାରେ ନିଜସ୍ୱ ଚାରିତ୍ରିକ ଲକ୍ଷଣମାନଙ୍କୁ ନେଇ ତା'ର ମୃତ୍ୟୁ ଅନ୍ତେ ପୁଣି ପୁନର୍ଜନ୍ମ ହୋଇଥାଏ । ଗୁଣ ପୁଣି ତିନିପ୍ରକାର । ସତ୍ତ୍ୱ, ରଜୋ ଓ ତମୋଗୁଣ । ଏହି ଗୁଣତ୍ରୟକୁ ନେଇ ଜୀବାତ୍ମା ପାଇଁ ଶରୀର (କାୟା)ର ସୃଷ୍ଟି ହୋଇଛି । କିଏ ମାନବ ହେବ କି ଦୈତ୍ୟ ହେବ, କିଏ ପଶୁ କି ପକ୍ଷୀ ଅବା କୀଟପତଙ୍ଗ କି ବୃକ୍ଷମୟ ଶରୀର ଧାରଣ କରିବ ତା'ର ନିର୍ଣ୍ଣୟ ହୋଇଥାଏ । କି ବିଚିତ୍ର ସତରେ ଏ' ଶରୀର ତଥା କାୟା ପ୍ରବେଶ ତଥା ପୁନଃଜନ୍ମର କଥା । କେଉଁ ଶରୀର ପକ୍ଷୀ ହୋଇ ଉଡିପାରେ ତ' କେହି ସମୁଦ୍ରର ଅତଳ ଗହ୍ୱରରେ ଖେଳି ପହଁରି ବଞ୍ଚିପାରେ । କିଏ ଅନର୍ଗଳ ବାକ୍‌ଶକ୍ତି ପ୍ରୟୋଗ କରି ନିଜ ମନର କଥାକୁ ବ୍ୟକ୍ତ କରିପାରେ ତ'କେହି ଜୀବ କେବଳ ଚାହୁଁଥାଏ କିନ୍ତୁ କଥା କହିପାରେନା । କାହାର ପାଟି, ମୁଣ୍ଡ, କାନ, ଆଖି ରହୁଛି ତ' ଆଉ କାହାରି କେବଳ ମାଦଳାକୃତି ମାଂସ ଖଣ୍ଡର ଶରୀର । ପରମେଶ୍ୱର ପରମାତ୍ମା ଭଗବାନଙ୍କ ସୃଷ୍ଟିରେ ସମସ୍ତ ବିଚାର ରହି ଆତ୍ମାକୁ ଶରୀର/କାୟା ପ୍ରାପ୍ତ କରାଯାଏ । ଶାସ୍ତ୍ରରେ ବର୍ଣ୍ଣନା ଅଛି ନିଜଗୁଣ କର୍ମ ସଂଯମତା ଆଚରଣକୁ ନେଇ ପରଜନ୍ମର ଜୀବନ ଆରମ୍ଭ କରେ ଆତ୍ମା । ତେଣୁ କୁହାଯାଏ ସଂସାରରେ ସମସ୍ତ ପ୍ରକୃତିକୁ ନେଇ ଭଗବାନ କାୟା (ଶରୀର) ସୃଷ୍ଟି କରିଥାନ୍ତି । ଆଉ ଜୀବର ଗୋଟିଏ ଜୀବନର ପରିସମାପ୍ତି ପରେ ଆତ୍ମାକୁ ନେଇ ତା'ର ଭଲପାଇବା ଶୁଦ୍ଧ, ଅଶୁଦ୍ଧ ଗୁଣାବଳୀ ଓ ଚରିତ୍ରକୁ ନେଇ ଅନ୍ୟ ଏକ ପ୍ରଯୁଜ୍ୟ ଘଟ ତଥା କାୟା ପ୍ରବେଶ କରାନ୍ତି । ଏଇଥିପାଇଁ ହେ ସର୍ବଜୀବଶ୍ରେଷ୍ଠ ମଣିଷ । ତୁମେ ତମ ଗୁଣ ଚରିତ୍ରକୁ ଏ ଜନ୍ମରେ ସୁଧାରି ନିଅ ।

ଗୀତାର ସାଂଖ୍ୟ ଯୋଗରେ ବୀର ଅର୍ଜୁନ, ଭଗବାନ ଶ୍ରୀକୃଷ୍ଣଙ୍କଠାରେ ନିବେଦନ କରି କହନ୍ତି:- "କାର୍ପଣ୍ୟ ଦୋଷୋପହତସ୍ୱଭାବଃ ପୃଚ୍ଛାମି ତାଂ ଧର୍ମସଂ ମୂଢ଼ଚେତା ଯଚ୍ଛେୟଃ ସ୍ୟାନ୍ନିଶ୍ଚିତଂ ବ୍ରୁହି ତନ୍ମେ ଶିଷ୍ୟସ୍ତେହଂ ଶାଧିମ୍ଯାଂ ତାଂ ପ୍ରପନ୍ନମ୍ ॥ ଭଗବତ ଗୀତା: ୨,୭)

ହେ' ପରମାରାଧ ! ମୋର କଣ କର୍ତ୍ତବ୍ୟ, ତାହା ମୁଁ ଭାବି ସ୍ଥିର କରିପାରୁନାହିଁ। ଦୁର୍ବଳତା ଯୋଗୁଁ ମୁଁ ମୋର ମାନସିକ ଭାରସାମ୍ୟ ହରାଇଦେଉଛି । ଏ ବେଳରେ ମୋ ପକ୍ଷରେ କ'ଣ କରଣୀୟ ଓ ଶ୍ରେୟସ୍କର ଦୟାବହି ନିଶ୍ଚିତରେ ମୋତେ କୁହନ୍ତୁ । ବର୍ତ୍ତମାନ ମୁଁ ଆପଣଙ୍କର ଶିଷ୍ୟ ହୋଇ ଆପଣଙ୍କର ସମ୍ପୂର୍ଣ୍ଣ ଶରଣରେ ଆସିଅଛି । ଦୟାବହି ମୋତେ ମୋ କର୍ତ୍ତବ୍ୟ ଅକର୍ତ୍ତବ୍ୟ ବିଷୟରେ ଉପଦେଶ ପ୍ରଦାନ କରନ୍ତୁ ।"

ମନୁଷ୍ୟର ଜୀବନରେ ଯାହା କର୍ତ୍ତବ୍ୟ କର୍ମର ପରିଚାଳନା ଓ ନିୟନ୍ତ୍ରଣ ସବୁ ସେହି ପରମାରାଧ ପରମେଶ୍ୱର ଭଗବାନଙ୍କ ହାତରେ । ମୁଁ କେବଳ ତାଙ୍କରି ନିର୍ଦ୍ଦେଶରେ ମୋ ଜୀବନ ବୃକ୍ଷକୁ ସଞ୍ଚାଳନ କରୁଛି । ଈଶ୍ୱରଙ୍କ ପ୍ରଦତ୍ତ ମୋ ଶରୀର ନଷ୍ଟ ହେଇଯାଇପାରେ କିନ୍ତୁ ଶରୀର କେନ୍ଦ୍ରରେ ଆସନ ଗ୍ରହଣ କରିଥିବା ଭଗବତ୍ ଚେତନା ଶକ୍ତିର ଆଧାର ସ୍ୱୟଂକ୍ରିୟ ପରମାତ୍ମାଙ୍କ ଅଂଶବିଶେଷ ମୋ'ଆତ୍ମା ସଦା ଜାଗ୍ରତ ଓ ତା'ର କୌଣସି କାଳେ ବିନାଶ ସମ୍ଭବ ହୋଇପାରେନା। ବରଂ ଧର୍ମ ଓ ନ୍ୟାୟର ଗ୍ଲାନି ବିନାଶନ ପାଇଁ ସେହି ପରମାତ୍ମାରୂପୀ ଆତ୍ମା ଅଧିକା ବଳଶାଳୀ ହେବ ଏଥିରେ ସନ୍ଦେହ ନାହିଁ । ସତ୍ୟ, ଧର୍ମ, ନ୍ୟାୟର କେବେବି ବିନାଶ ସମ୍ଭବ ନୁହଁ ବରଂ ତାର ବିକାଶ ହିଁ ବିକାଶ ତଥା ବୃଦ୍ଧି ହିଁ ହେବ । ଅନ୍ୟତ୍ର ଭଗବାନ ଶ୍ରୀକୃଷ୍ଣ ସଖା ଅର୍ଜୁନଙ୍କୁ ବିଷାଦଗ୍ରସ୍ତ ମନକୁ ସ୍ୱୟଂକ୍ରିୟ ସତ୍‌କର୍ମାଭିମୁଖୀ କରାଇବା ପାଇଁ ଉପଦେଶ ଛଳରେ ଜୀବମାନଙ୍କର ଗୁଣ ବିଭାଗ କରି କହିଛନ୍ତି ଯେ, ଏହି ପୃଥିବୀରେ ଦୁଇପ୍ରକାର ଗୁଣଯୁକ୍ତଥିବା ଜୀବ ଥାଆନ୍ତି । ଗୋଟିଏ ହେଲା ଦେବଗୁଣ ସମ୍ଭୂତ ଓ ଅନ୍ୟଟି ହେଉଛି ଅସୁରଗୁଣର । ଦେବଗୁଣଗୁଡ଼ିକୁ ଦୈବୀ ସମ୍ପଦ ଓ ଅସୁରଗୁଣ ଗୁଡ଼ିକୁ ଆସୁରୀ ସମ୍ପଦ କୁହାଯାଇଥାଏ । ଦେବଗୁଣ ମୋକ୍ଷ ଆଣୁଥିବା ବେଳେ ଆସୁରୀଗୁଣ ବନ୍ଧନ ପ୍ରାପ୍ତ କରାଏ । ଦୈବଗୁଣ ମଧ୍ୟରେ ରହିଛି ନିର୍ଭୟତା, ଶୁଦ୍ଧତା, ଦିବ୍ୟ ଜ୍ଞାନ ଆହରଣ, ବ୍ରତ, ତପସ୍ୟାରତ, ବଦାନ୍ୟତା, ଅହିଂସା, ସତ୍ୟ, ଅକ୍ରୋଧ, ବେଦଜ୍ଞାନ ଅଧୟନତା, ତ୍ୟାଗ, ଶାନ୍ତି, ଦୟା, ନିର୍ଲୋଭ, ଭଦ୍ରତା, ବିନମ୍ରତା, ଦୃଢ଼ତା, ତେଜ, କ୍ଷମା, ଧୈର୍ଯ୍ୟ, ସ୍ୱଚ୍ଛତା, ଈର୍ଷାଶୂନ୍ୟ ତା ସହ କ୍ଷମତା ଓ ସମ୍ମାନ ପ୍ରାପ୍ତର ଆଶାହୀନତା ଆଦି ଦୈବଗୁଣ ସବୁର ପ୍ରାପ୍ତ ପାଇଁ ମନୁଷ୍ୟକୁ ସାଧନା ଓ ଅଭ୍ୟାସ କରିବାକୁ ହେଇଥାଏ । କିନ୍ତୁ ଆସୁରୀ ସମ୍ପଦ ଯାହା ଅସୁରଙ୍କ ପାଖରେ ଭରିଥିବା ଦେଖାଯାଏ । ସେ ସବୁର ନିରାକରଣ କରାଯାଇପାରିଲେ ଜୀବ ଦେବତ୍ୱ ପ୍ରାପ୍ତ କରିପାରେ । ଏଇଥିପାଇଁ ଜୀବମାତ୍ରକେ ଗର୍ବ, ଦମ୍ଭ, ଅଭିମାନ, କ୍ରୋଧ, କର୍କଶତା, ଈର୍ଷାପରାୟଣତା, ଲୋଭ, ମୋହ, ଆଦିର ବର୍ଜନ କରିବା ସହ ଅଜ୍ଞାନତା ଭଳି ଅଗୁଣମାନଙ୍କୁ ଦୂରେଇ ନେବାରେ ଚେଷ୍ଟିତ ହେବା ବିଧେୟ ।

ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି,
ମୋ:୯୩୩୭୯୬୦୬୮୮

# ବ୍ରହ୍ମପୁର ଗ୍ରାମରେ ମୁନି ସମାଜର ବ୍ରହ୍ମଯଜ୍ଞ



ରୂପସା , ୨୭/୧୨ (ନି.ପ୍ର): ଶନିବାର ସନ୍ଧ୍ୟା ସାତ ଘଟିକା ସମୟରେ ବ୍ରହ୍ମପୁର ଗ୍ରାମରେ ମୁନି ସମାଜର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀଙ୍କ ଅଧକ୍ଷତାରେ, ତାଙ୍କର କନିଷ୍ଠା କନ୍ୟା ମୁନିମତୀ ସନ୍ତୋସିନୀ ବାରିକ -ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବେହେରା ଙ୍କ ଜ୍ୟେଷ୍ଠା କନ୍ୟା ଆୟୁଷ୍ମତୀ ମୁନି କୁମାରୀ ରାଜଶ୍ରୀ ରାଜନନ୍ଦିନୀର ୧୫ ତମ ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ହୋଇଯାଇଛି ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦପାଠ , ଶାନ୍ତି ପାଠ କରାଯାଇ ରାଜନନ୍ଦିନୀଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ଉପସ୍ଥିତ ଥିଲେ ଆଉ ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକ, ମାମୁଁ ଉମ୍ବରୁଧର ବାରିକ, ମାଇଁ ରୀତା ବାରିକ,ସାନ ଭଉଣୀ ମୁନି କୁମାରୀ ଜୟଶ୍ରୀ ଜୟନନ୍ଦିନୀ ବାରିକ,ଗୀତିକା ପ୍ରିୟାନସୀ ବାରିକ,ଅଜା ଶ୍ରୀଯୁକ୍ତ ଭଗବାନ ଚନ୍ଦ୍ର ବାରିକ ପ୍ରମୁଖ ।ଜଣେ ମୁନି ସମାଜର ଯମ ନିୟମ ପାଳନ କରି ପ୍ରତିଦିନ ଯୋଗ ସାଧନା କରି ଚାଲିଲେ,ସେ ନିଶ୍ଚୟ ସ୍ୱରୂପସ୍ଥ ହେବା ସହିତ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନର ଆତ୍ମ ସୁଧା ଉପଲବ୍ଧି କରିପାରିବ ।ଶେଷରେ ମାତା ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ




ବାସୁଦେବପୁର, ୨୭/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଦେଇ ପୁର ମୁନି ପଡିଆ ସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳୀ ପରିସରରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଷଷ୍ଠ ବାର୍ଷିକ କ୍ରୀଡା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ବିଦ୍ୟାଳୟର ଅଧକ୍ଷା ପ୍ରିତିନନ୍ଦା ମହାଳିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟତ୍ରୀ ରଶ୍ମିରେଖା ମାନା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷୟତ୍ରୀ ସୁପ୍ରଭା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମଧୁସୂଦନ ଦଳେଇ, ବିପଦ ଭଞ୍ଜନ ମିଶ୍ର, ରଶ୍ମି ରେଖା ମାନା, ସୌମ୍ୟ ରଞ୍ଜନ ନାୟକ, ସୁପ୍ରଭା ନାୟକ, ସୀମାରେଖା ଦାସ, ଅକ୍ଷୟ ମଲ୍ଲିକ, ମୋନାଲିସା ମହାନ୍ତି, ଶ୍ରଦ୍ଧାଞ୍ଜଳି ବେହେରା, ମନୋରମା ମହାନ୍ତି, ଶୁଭ ଦ୍ୟୁତି ବେହେରା, ଅରୁଣିମା ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ତିନିଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ଏହି ଉତ୍ସବରେ ନୃତ୍ୟ,ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଭାଲୁ ଆକ୍ରମଣରେ ବୃଦ୍ଧା ମୃତ: ପୁଣି ଗଣ୍ଡାବାହାଲି ଗାଁରେ ଭାଲୁ ଆତଙ୍କ

ନୂଆପଡ଼ା, ୨୭/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ଗଣ୍ଡାବାହାଲି ଠାରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ଗଣ୍ଡାବାହାଲି ନିବାସୀ ଦ୍ରୌପଦୀ ମେହେର (୬୩) ବୋଲି ସୂଚନା ମିଳିଛି। ପୁଣି ଆଜି ଗଣ୍ଡାବାହାଲୀ ଗ୍ରାମର ଗାଁ ବସ୍ତି ମୁଖ୍ୟରାସ୍ତା ଉପରେ ଭାଲୁ ବୁଲୁଥିବା ବେଳେ ଭୟର ଆତଙ୍କ ଲାଗିରହିଥିବା ଜଣାପଡିଛି। ପ୍ରାପ୍ତ ଖବର ଅନୁସାରେ, ଶୁକ୍ରବାର ରାତିରେ କୌଣସି ପ୍ରକାରରେ ଦ୍ରୌପଦୀ ଭାଲୁର ହାବୁଡ଼ରେ ପଡ଼ିଥିଲେ। ଭାଲୁ ଆକ୍ରମଣରେ ଲହୁ ଲୁହାଣ ହୋଇ ଗୁରୁତର ହୋଇପଡ଼ିଥିଲେ। ଦ୍ରୌପଦୀଙ୍କ ଛାତି ଓ ଗଳାରେ ଗଭୀର ଦାନ୍ତ, ନଖର କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ କେହି ଜାଣିପାରି ନଥିବାରୁ ଏହା ପ୍ରାୟ ମଧ୍ୟରାତ୍ରୀର ଘଟଣା ହୋଇଥିବା ଅନୁମାନ କରାଯାଉଛି। ଭାଲୁ ଆକ୍ରମଣରେ ଦ୍ରୌପଦୀ ଗୁରୁତର ଆହତ ହୋଇ ଗମ୍ଭାରିଗୁଡ଼ା ଯିବା ରାସ୍ତାରେ ପଡ଼ିଥିଲେ। ଆଜି ସକାଳୁ ଲୋକେ ତାଙ୍କୁ ଦେଖି ପାରିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଆଜି ଗାଁରେ ଭାଲୁ ପଶି ହଇଚଇ ସୃଷ୍ଟି କରିଛି। ଲୋକେ ଘରୁ ପଦାକୁ ବାହାରି ପାରିନାହାନ୍ତି। ଗାଁ ରେ ଭାଲୁ ଆତଙ୍କ ଦେଖାଦେଇଛି। ଗାଁ ବସ୍ତି ମୁଖ୍ୟ ରାସ୍ତା ଉପରେ ଭାଲୁର ଗତିବିଧି ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଦେଖିବାକୁ ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପ୍ରଧାନମନ୍ତ୍ରୀ...

ତୃଣମୂଳ ସ୍ତରର ଜଝଝ ସ୍ୱେଚ୍ଛାସେବକ ଏବଂ ଜନ ସଂଘ କର୍ମୀମାନେ ଯେଉଁଭଳି ନେତାଙ୍କ ପାଦ ତଳେ ବସି ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଦେଶର ପ୍ରଧାନମନ୍ତ୍ରୀ ହୁଅନ୍ତି, ତାହା ଏହି ସଂଗଠନର ଶକ୍ତି। ଜୟ ସିଆ ରାମ।' ଦିଗବିଜୟ ସିଂହଙ୍କ ଦ୍ୱାରା ସେୟାର କରାଯାଇଥିବା ଫଟୋଗୁଡ଼ିକ ୧୯୯୦ ଦଶକର ବୋଲି କୁହାଯାଉଛି। କୁହାଯାଉଛି ଯେ ଏହି ଫଟୋଟି ୧୯୯୬ ମସିହାରେ ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶଙ୍କରସିଂହ ବାଘେଲାଙ୍କ ଶପଥ ଗ୍ରହଣ ସମାରୋହ ସମୟରେ ଉଠାଯାଇଥିଲା, ଯେଉଁଥିରେ ସେତେବେଳର ବରିଷ୍ଠ ବିଜେପି ନେତାମାନେ ଯୋଗ ଦେଇଥିଲେ।

### ପୁଲିସ ଇନଫର୍ମର ଦର୍ଶାଇ...

ହତ୍ୟା ପରେ ଗ୍ରାମବାସୀଙ୍କୁ ଚେତାବନୀ ଦେଇ ନକ୍ସଲ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଶନିବାର ସକାଳୁ ଗ୍ରାମବାସୀ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଗ୍ରାମରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଆତ୍ମସମର୍ପଣ କରୁଥିବା ନକ୍ସଲମାନେ ଏବେ ନିଜ ନିଜ ପୈତୃକ ଗ୍ରାମରେ ରହୁଥିବା ବେଳେ ସେମାନେ ଏବେ ସୁରକ୍ଷିତ ନଥିବା କହିଛନ୍ତି। ଜିଲ୍ଲା ସଦର ମହକୁମାରେ ସେମାନେ ଆତ୍ମସମର୍ପଣ ପରେ ତାଲିମ ନେଇ ଗ୍ରାମରେ ଆସି କାମଧନ୍ଦା କରୁଛନ୍ତି। ତେବେ ନକ୍ସଲ ସେମାନଙ୍କୁ ଟାର୍ଗେଟ କରି ହତ୍ୟା କରୁଛନ୍ତି। ଗତ ୨୦ ଦିନରେ ଏହା ଦ୍ୱିତୀୟ ହତ୍ୟା। ପୁଲିସ ଏହି ଅଂଚଳରେ ସୁରକ୍ଷାକର୍ମୀଙ୍କୁ ପଠାଇ ସର୍ଚ୍ଚ ଅପରେସନ ଜୋରଦାର କରୁଛି।

### ବାଲେଶ୍ୱର ଭାସ୍କରଗଞ୍ଜ...

ବେତନଟି ଆସିଥିଲେ । ସେ ବେତନଟୀରେ ଥିବା କଥା ସ୍ତ୍ରୀଙ୍କୁ କହିଥିଲେ । ତା' ପରଠାରୁ ତାଙ୍କ ମୋବାଇଲ ଲାଗି ନ ଥିଲା। ସାଙ୍ଗରେ ଆସିଥିବା ରାମ ଗତକାଲି ବସ୍‌ରେ ଫେରି ଆସିଥିବା ଫୋନରେ ଆକାଶଙ୍କ ସ୍ତ୍ରୀକୁ କହିଥିଲା । ତାଙ୍କ ବାଇକ୍ ହୋଟେଲ୍ ରହିଛି । ରାମକୁ ପୁଲିସ ଅଟକ ରଖିଛି । ହେଲେ ମହିଳାଙ୍କ ପତ୍ତା ମିଳୁନାହିଁ । ଆକାଶଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

### ପ୍ରଦୂଷଣ ପ୍ରମାଣ ପତ୍ର ଥିବା...

ଯିବାବେଳେ ପୋଲିସ ସହ ଉପୁଜିଥିଲା ମୁହାଁମୁହିଁ ସ୍ଥିତି। ଏଣେ ରାଉରକେଲାର ଦୃଶ୍ୟକୁ ଥରେ ଦେଖନ୍ତୁ। ଏଠି କିଏ ସକାଳୁ ଧାଡ଼ି ବାନ୍ଧିଥିଲେ ବି ଅପରାହ୍ନ ଯାଏଁ ତାଙ୍କ ପାଳି ପଡ଼ିନଥିଲା ତ ଆଉ କିଏ ଛିଡ଼ା ହୋଇ ହୋଇ ନାକେଦମ୍ ହୋଇଗଲେଣି। ବକେୟା ଚାଲାଣ ଭରିଲେ ହିଁ ଚଟଜଲ ମିଳୁଥିବାରୁ ଚାଲାଣ ପୈଠ ପାଇଁ ଆଜି ବି ଭୁବନେଶ୍ୱର ଟ୍ରାଫିକ ଥାନା ଆଗରେ ଲମ୍ବା ଲାଇନ୍। କାମଧନ୍ଦା ଛାଡ଼ି ଧାଡ଼ିବାନ୍ଧିଛନ୍ତି ଗାଡ଼ି ମାଲିକ। ପଲ୍ୟୁସନ୍ ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ୍ ମନା ନିୟମ ପରେ ଗାଡ଼ି ମାଲିକଙ୍କ ଧାଁ ଦଉଡ଼। ତାହାରି ଭିତରେ ଆଗକୁ ତଥା ଫେବୃୟାରୀରୁ ଆସୁଛି ଗ୍ରୀନ୍ ଷ୍ଟିକର। ତେବେ କେତେ ସହଜ ଏବଂ ସୁବିଧାଜନକ ହେଉଛି ଏହି ବ୍ୟବସ୍ଥା, ତାକୁ ଅପେକ୍ଷା।

### ୩ ଦିନିଆ ଓଡ଼ିଶା...

୨୯ ତାରିଖରେ ଭୁବନେଶ୍ୱରସ୍ଥିତ OUAT ପରିସରରେ ବୁଥସ୍ତରୀୟ ଅଧିକାରୀମାନଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ନିର୍ବାଚନ ପ୍ରକ୍ରିୟାର ମୂଳ ଆଧାର ଭାବେ କାର୍ଯ୍ୟରତ ଈଖଙମାନଙ୍କ ସହ ସିଧାସଳଖ ଆଲୋଚନା କରି ନିର୍ବାଚନ ପ୍ରଣାଳୀକୁ ଆହୁରି ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଓଡ଼ିଶା ଆଗମନ ଅବସରରେ କମିସନର ଜ୍ଞାନେଶ କୁମାର କହିଛନ୍ତି, "ଜୟ ଜଗନ୍ନାଥ, ସମସ୍ତ ଓଡ଼ିଶାବାସୀଙ୍କୁ ମୋର ନମସ୍କାର।" ପରିବାର ସହ ଜଗନ୍ନାଥଙ୍କ ଦର୍ଶନ, ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଜାଣିବା ସହ ନିର୍ବାଚନ ପ୍ରକ୍ରିୟାର ଆଧାର ସ୍ତମ୍ଭ ବୁଥସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପାଇଁ ମୁଁ ଏଠାକୁ ଆସିଛି। "ଜୟ ଭାରତ, ଜୟ ହିନ୍ଦ"।

## ସୁବର୍ଣ୍ଣ ଭାରତୀ ପରିବାର ପକ୍ଷରୁ ୨୫ କୁଣ୍ଡିୟ ଯଜ୍ଞ ମହୋତ୍ସବ

ସୁବର୍ଣ୍ଣପୁର, ୨୭/୧୨ (ନି.ପ୍ର): ସୁବର୍ଣ୍ଣ ଭାରତୀ ପରିବାର ପକ୍ଷରୁ ଅନୁଷ୍ଠିତ ୨୫ କୁଣ୍ଡୀୟ ଯଜ୍ଞ ମହୋତ୍ସବ ଓ ସାଧୁ ସନ୍ୟାସୀ ସମାବେଶ ଅବସରରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ଓଡ଼ିଶା ବିଧାନ ସଭା ଚିଫ୍ ହିପ୍ ସରୋଜ କୁମାର ପ୍ରଧାନ ଯୋଗଦେଇ ଆମ ସୁରକ୍ଷା ପାଇଁ ହିନ୍ଦୁ ଧର୍ମ ସଂସ୍କୃତିକୁ ବଂଚାଇବାକୁ ପଡ଼ିବ । ବିକଶିତ ଭାରତ ପାଇଁ ଓ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ପାଇଁ ଆମ ଭିତରେ ଏକତା ଜରୁରୀ ହୋଇପଡ଼ିଛି ବୋଲି ବୋଲି ମତ ରଖି ଭାରତ ସରକାରଙ୍କ ୱାନ ନେସନ୍ ୱାନ ଏଜୁକେଶନ ପଲିସି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୋନପୁର କଲେଜର ପ୍ରଫେସର ରାଧାକାନ୍ତ ନାଏକ ମୁଖ୍ୟବକ୍ତା ଭାବେ ଉଦ୍ୟାନ ବିଭାଗ ସହ ନିର୍ଦ୍ଦେଶକ ହୃଷିକେଶ ଦାସ, ବକ୍ତା ଲକ୍ଷ୍ମଣ କୁମାର ଶାସ୍ତ୍ରୀ, (ପ୍ରବଚକ ) ସୁବର୍ଣ୍ଣଭାରତୀ ପରିବାର ପ୍ରମୁଖ ଶିବ ପ୍ରସାଦ ପାତ୍ର ପ୍ରମୁଖ ଯୋଗଦେଇ ଆମ ଧର୍ମ ସଂସ୍କୃତି ପରମ୍ପରା ଓ ଏକତା ଆମରି ଗୌରବ ଓ ଆମ ସୁରକ୍ଷା ବୋଲି ମତ ରଖିଥିଲେ।

# ୩୯ତମ ଜାତୀୟ ସମ୍ମିଳନୀରେ ସେଲ ରାଉରକେଲା ଇସ୍ପାତ କାରଖାନାର ଗୁଣବତ୍ତା ମଣ୍ଡଳୀ ଦଳଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ

ରାଉରକେଲା, ୨୭/୧୨ (ନି.ପ୍ର): ଡିସେମ୍ବର ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗ୍ରେଟର ନୋଏଡାର ଜି . ଏଲ . ବାଜାଜ ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ପ୍ରତିଷ୍ଠାନରେ କ୍ୟୁସିଏଫଆଇ ଦ୍ୱାରା ଗୁଣବତ୍ତା ଧାରଣା ଉପରେ ଅନୁଷ୍ଠିତ ୩୯ତମ ଜାତୀୟ ସମ୍ମିଳନୀ (ଏନସିକ୍ୟୁସି) ରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସମସ୍ତ ୩୪ ଗୁଣବତ୍ତା ସର୍କଲ୍ ଦଳଗୁଡ଼ିକୁ ବିଭିନ୍ନ ବର୍ଗରେ ପୁରସ୍କୃତ କରାଯାଇଥିଲା।

ଏଥିରେ ୩୪ଟି କ୍ୟୁସି ଦଳ ମଧ୍ୟରୁ ୨୫ଟି ପାର୍ ଏକ୍ସେଲେନ୍ସ ପୁରସ୍କାର ପାଇଛନ୍ତି, ଯାହା ପ୍ରତିଯୋଗିତାର ସର୍ବୋଚ୍ଚ ପୁରସ୍କାର ଅଟେ। ଏହି ଦଳଗୁଡ଼ିକ ହେଉଛନ୍ତି , ଆର ଆଣ୍ଡ ସି ଲାବୋରେଟୋରୀ ବିଭାଗର ଆରମ୍ଭ ଓ ଲକ୍ଷ୍ୟମ୍ ; ଏଚଏସଏମ-୨ ବିଭାଗର ସମୃଦ୍ଧି, ଅରୋହଣ ଏବଂ ସ୍ପନ୍ଦନ; ପାଇପ୍ ପ୍ଲାଣ୍ଟ-ଇଆରଡବ୍ଲୁ ବିଭାଗର ଆବିଷ୍କାର, ପ୍ଲେଟ୍ ମିଲ୍ ବିଭାଗର ଧାରା, ସି ଆଣ୍ଡ ଆଇଟି ବିଭାଗର ଏକମ୍, ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଇଗ୍ନାଇଟ୍ ଏବଂ ପ୍ରୟାସ୍ , ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ପରିବର୍ତ୍ତନ, ରୋଲ୍ ସପ ବିଭାଗର ଭିଜନ ଏବଂ ପାଥ୍ ଫାଇଣ୍ଡର, ଆଇ ଆଣ୍ଡ ଏ ବିଭାଗର ପ୍ରଗତି ଏବଂ ପିୟୋନିର୍ସ, ସିଇଏମ-ଏସି ବିଭାଗର ପ୍ରେରଣା, ଏସଏମଏସ-୧ ବିଭାଗର ସମର୍ପଣ, ଆରଏମଏଚପି ବିଭାଗର ସଞ୍ଜୀବନୀ, ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗର ଶବ୍ଦମ୍ , ଶକ୍ତି ବଣ୍ଟନ ବିଭାଗର ଶକ୍ତି, ସିଇଏମ ଆର.ଏସ.ଇ ବିଭାଗର ସୁଧାର, ନୂତନ ପ୍ଲେଟ୍ ମିଲ୍ ବିଭାଗର ତେଜସ୍ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ଉଡାନ, ପ୍ଲେଟ ମିଲ ବିଭାଗର ଡାଇନାମିକ ଏବଂ ସିଣ୍ଟରିଂ ପ୍ଲାଣ୍ଟ -୧ ବିଭାଗର ବିଜେତା । ଏଥି ସହିତ ନଅଟି ଦଳ ଉତ୍କର୍ଷ ପୁରସ୍କାର ମଧ ପାଇଲେ ଛ ସେଗୁଡ଼ିକ ହେଉଛନ୍ତି ଲୋଟସ୍ (ଆର ଆଣ୍ଡ ସି ଲାବୋରେଟୋରୀ), ସୃଷ୍ଟି (ଅକ୍ସିଜେନ ପ୍ଲାଣ୍ଟ), ଉର୍ଜା (ଆଇ ଆଣ୍ଡ ଏ ଡିପାର୍ଟମେଣ୍ଟ), ଅଗ୍ରଣୀ ଏବଂ ଅନନ୍ୟା (ଆରଏମଏଚପି), କର୍ମବୀର (କୋକ୍ ଓଭେନ୍ସ ), ଉନ୍ନତି ଏବଂ ସମ୍ବର୍ଦ୍ଧନ (ବ୍ଲାଷ୍ଟ ଫର୍ଣ୍ଣେସ୍) ଏବଂ ସୃଜନ (ଏସପି-୨)।

# ଖୁଟୁଣାପାଣି କପ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ : ରେଙ୍ଗଟାସିଲ ବିଜୟୀ

ବଲାଙ୍ଗିର, ୨୭/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ପାଟଣାଗଡ ବ୍ଲକ୍ ଅନ୍ତର୍ଗତ ଖୁଟୁଣାପାଣି ଖେଳ ପଡିଆ ଠାରେ ଦୁଇ ଦିନ ଧରି ଚାଲିଥିବା ଖୁଟୁଣାପାଣି କପ ଫୁଟବଲ ପ୍ରତିଯୋଗିତା ପାଟଣାଗଡ଼ ବ୍ଲକ ବନେଇମୁଣ୍ଡା ପଂଚାୟତ ଖୁଟୁଣାପାଣି ଖେଳପଡ଼ିଆ ଠାରେ ଖୁଟୁଣାପାଣି ଫୁଟବଲ କ୍ଲବ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଆଠ ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ଆଜି ଏହି ପ୍ରତିଯୋଗିତାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ସଂଘର୍ଷପୂର୍ଣ ଖେଳ ଖେଳି ଘସିଏନ ଏବଂ ରେଙ୍ଗଟାସିଲ ଦଳ ଫାଇନାଲକୁ ପ୍ରବେଶ କରିଥିଲେ । ଉଭୟ ଦଳ ମଧ୍ୟରେ ସଂଘର୍ଷପୂର୍ଣ ଖେଳ ଅନୁଷ୍ଠିତ ହୋଇ ରେଙ୍ଗଟାସିଲ ଦଳ ଘସିଏନ ଦଳକୁ ଗୋଟିଏ ଗୋଲ ଦେଇ ବିଜୟୀ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ବିଶ୍ୱାବସୁ ଶବର ସମାଜର ଜିଲ୍ଲା ସଭାପତି ସାରଥୀ ବାଗ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ ଯୋଗଦେଇ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଆର୍ଥିକ ରାଶିଦେଇ ପୁରସ୍କୃତ କରିଥିଲେ ଏବଂ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅଂଚଳରେ ଲୁକ୍କାୟିତ ଭାବରେ ବହୁ ପ୍ରତିଭାବାନ ଖେଳାଳୀ ଥିଲେ ସୁଦ୍ଧା ସରକାରୀ ପ୍ରୋତ୍ସାହନ, ସରକାରୀ ଆନ୍ତରିକତାର ଅଭାବ ଏବଂ ଭିତିଭୂମି ଅଭାବ ହେତୁ ଖେଳ ଓ ଖେଳାଳୀ ମାନଙ୍କର ବିକାଶ ହେଉନାହିଁ ବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । ଆଜିର ଖେଳକୁ ରେଫରି ପ୍ରମୋଦ କୁମାର ଭୋଇ ପରିଚାଳନା କରିଥିବା ବେଳେ ଲାଇନମ୍ୟାନ ଭାବେ ରାଜୀବ ବାରିକ, ରାକେଶ ଭୋଇ ଏବଂ ଚତୁର୍ଥ ରେଫରୀ ଭାବେ ପୂର୍ବତନ ଭାରତୀୟ ସୁରକ୍ଷା ସେନାନୀ ଯୋଗେଶ୍ୱର ଭୋଇ ଦାୟିତ୍ୱ ତୁଲାଇଥିଲେ । ଆୟୋଜକ କ୍ଲବର ଯତନ ବୁଡ଼େକ, ସୁଦାମ ମେହେର, ଗଣପତି ଭୋଇ, ରାଜେଶ ଭୋଇ, ନରେଶ ଭୋଇ, ରବି ବିଶ୍ୱାଳ, ପୁର୍ଣ ବୁଡ଼େକ, ପିଂଟୁ ବୁଡ଼େକ ପ୍ରମୁଖ ସହଯୋଗ କରିଥିଲେ ।

# ୧୦ ବର୍ଷ ହେଲାଣି ପରିତ୍ୟକ୍ତ ସରକାରୀ କୋଠାରେ ବିତୁଛି ଅସହାୟ ମହିଳାଙ୍କ ଜୀବନ

ବୈଶିଙ୍ଗା, ୨୭/୧୨ (ନି.ପ୍ର): ପରିତ୍ୟକ୍ତ ସରକାରୀ କୋଠା ପାଲଟିଛି ଅସହାୟ ମହିଳାଙ୍କ ସ୍ଥାୟୀ ବାସସ୍ଥଳୀ । ଦଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି ଏହି ପରିତ୍ୟକ୍ତ କୋଠାରେ ବିତୁଛି ତାଙ୍କ ଜୀବନ । ତାହା ପୁଣି ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର ଦୂରରେ । ଅସହାୟ ମହିଳା ଜଣକ ହେଉଛନ୍ତି ମାଳତୀ ସିଂ । ଆଜିକୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ସେ ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପ୍ରାଣୀ ଚିକିତ୍ସାଳୟ ଉଦ୍ଦେଶ୍ୟରେ ନିର୍ମିତ ଏକ ପରିତ୍ୟକ୍ତ କୋଠା ଘରେ ରହୁଛନ୍ତି । କୋଠାଟି ଭୂତକୋଠି ପାଲଟି ଥିଲେ ବି ବିନା ଭୟରେ ଏକୁଟିଆ ଘରର ଦ୍ୱାରରେ ଏକ ଲୁଗା ଟାଙ୍ଗି ଦେଇ ହାଡ ଭଙ୍ଗା ଶୀତରେ ରହୁଛନ୍ତି । ହାଣ୍ଡି, ଡେକଚି କି କଢା ପାଖରେ ନଥିବାରୁ ଇଟା ଥାକ ଦିଆ ଚୁଲିରେ ପଖାଳ ଖିଆ ବେଲା ଦ୍ୱାରା ଯେତେକି ରୋଷେଇ ହୁଏ ସେତେକି ଖାଇ ବଞ୍ଚୁଛନ୍ତି । ମୂଳ ଲାଗିବା ସମ୍ଭବ ହେଉନଥିବାରୁ କାହାରି ଘରେ କେବେ କେମିତି ଲିପାପୋଛା କାମ କରିଦେଲେ ଖୁସିରେ ଯାହା ଖାଇବାକୁ ଦେଲେ ବା ୧୦/୫୦ ଟଙ୍କା ଦେଲେ ସେତିକିରେ ସେ ବେଶ ଖୁସି । କେଉଁଠାରୁ ଆସି ଏଠାରେ ଏତେବର୍ଷ ରହିଲେଣି ତାହା ବି ସେ ସ୍ପଷ୍ଟ କହିବାକୁ ଅସମର୍ଥ । ବାହାରୁ ଆସି ରହୁଥିଲେ ବି ଅବଶ୍ୟ ୧୦ କି.ଗ୍ରା. ସରକାରୀ ଚାଉଳ ତାଙ୍କୁ ମିଳିଯାଉଛି । ଏପର୍ଯ୍ୟନ୍ତ ଭତ୍ତା ମିଳିପାରିନାହିଁ କି ସରକାରୀ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଧ । ଉକ୍ତ ଅସହାୟ ମହିଳା ଜଣକ ଭୂମିହୀନ ବୋଲି ସ୍ଥାନୀୟ ଲୋକମାନେ କହୁଛନ୍ତି । ତାଙ୍କୁ କିଛି ପଚାରିଲେ ସ୍ପଷ୍ଟ ଉତ୍ତର ମିଳୁନଥିବାରୁ ମହିଳା ଜଣକ ଏକୁଟିଆ ରହି ରହି ଏପ୍ରକାର ଆଚରଣ କରୁଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି । ବିଭାଗୀୟ ଅଧିକାରୀମାନଙ୍କର ନଜର ପଡଲେ ହୁଏତ ମହିଳା ଜଣକ ସମ୍ମାନରେ ଜୀବନ ଜୀଇଁବାରେ ସଫଳ ହୁଅନ୍ତେ ।

# ଶ୍ରୀ ଗୁରୁ ଗୋବିନ୍ଦ ସିଂହଙ୍କ ପ୍ରକାଶ ଉତ୍ସବରେ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୭/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଶ୍ରୀ ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ପବିତ୍ର ପ୍ରକାଶ ଉତ୍ସବ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗୁରୁ ଗୋବିନ୍ଦ ସିଂହ ଜୀ ସାହସ, କରୁଣା ଏବଂ ବଳିଦାନର ପ୍ରତୀକ। ତାଙ୍କର ଜୀବନ ଓ ଶିକ୍ଷା ଆମକୁ ସତ୍ୟ, ନ୍ୟାୟ, ଧର୍ମ ଓ ମାନବ ମର୍ଯ୍ୟାଦାର ସୁରକ୍ଷା ପାଇଁ ପ୍ରେରଣା ଦେଇଥାଏ। ଗୁରୁଜୀଙ୍କ ଦୃଷ୍ଟିକୋଣ ପିଢ଼ି ପିଢ଼ିକୁ ସେବା ଓ ନିଷ୍କାମ କର୍ତ୍ତବ୍ୟର ପଥରେ ନେଇଯାଇଛି। ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ମଂଚ 'ଏକ୍ସ' ରେ କହିଛନ୍ତି ଯେ ଶ୍ରୀ ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ପବିତ୍ର ପ୍ରକାଶ ଉତ୍ସବ ଅବସରରେ ଆମେ ତାଙ୍କୁ ଗଭୀର ଶ୍ରଦ୍ଧା ସହିତ ନମନ କରୁଛୁ। ସେ ସାହସ, କରୁଣା ଓ ବଳିଦାନର ପ୍ରତୀକ। ତାଙ୍କର ଜୀବନ ଓ ଶିକ୍ଷା ଆମକୁ ସତ୍ୟ, ନ୍ୟାୟ, ଧର୍ମ ଓ ମାନବ ମର୍ଯ୍ୟାଦାର ସୁରକ୍ଷା ପାଇଁ ପ୍ରେରିତ କରେ। ଗୁରୁଜୀଙ୍କ ଦୃଷ୍ଟିକୋଣ ପିଢ଼ି ପିଢ଼ିକୁ ସେବା ଓ ନିଷ୍କାମ କର୍ତ୍ତବ୍ୟ ଦିଗରେ ପଥପ୍ରଦର୍ଶନ କରିଆସିଛି। ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଏହି ବର୍ଷର ଆରମ୍ଭରେ କରାଯାଇଥିବା ଶ୍ରୀ ହରିମନ୍ଦିର ଜୀ ପାଟନା ସାହିବ ଦର୍ଶନର ଉଲ୍ଲେଖ କରି କହିଛନ୍ତି ଯେ ସେଠାରେ ସେ ଶ୍ରୀ ଗୁରୁ ଗୋବିନ୍ଦ ସିଂହ ଜୀ ଏବଂ ମାତା ସାହିବ କୌର ଜୀଙ୍କ ପବିତ୍ର 'ଜୋର ସାହିବ' ର ଦର୍ଶନ କରିଥିଲେ।

**AFFIDAVIT**

By virtue of affidavit sworn before Executive Magistrate and Tahasildar Basta, No-4861, dtd. - 26.12.25 Balasore. I, Asatar Khan, aged 62 years, S/o- Abdul Khan, resident of Vill- Gadapada, P.o- Routpada, P.s.- Rupsa, Dist- Balasore-756028 state that my actual name is Asatar Khan, S/o- Abadul Khan according to my Aadhar No- 6548-7677-3106. In my PAN Card No- CLAPK2941R my name is mentioned as Asatar Khan, S/o- Abdul Khan. In my ROR Khata No- 135/145 of Mouza- Gadapada, P.S.- Basta, P.S. No- 147, Tahasil- Basta, Chaka No- 84/119, Plot No- 93/308 (Mandarasala) A1. 00decs. My name is mentioned as Abdul Satar Khan, S/o- Abdul Karim Khan. Asatar Khan, S/o- Abadul Asatar Khan, S/o- Abdul Khan and Abdul Satar Khan, S/o- Abdul Karim Khan are one and same person.

**Asatar Khan**

**NOTICE**

I Mr.Rabindra padiari,S/O-Narendra padiari are the Property woner. Mouza-Kharasahapur ,Tahasil-bahanaga ,Thana-Soro, Plot no 7214/7880 & 6986/7879/12468, Khata no-2298/2987. At-uparaadia,Po-Rupakhanda, Dist -Balasore,Pin-756051 has applied a loan.I am taking loan from Jana Small Finance Bank Balasore Branch by mortgaging my own land property, Baleswar, if anyone have objection please contact our lawer-Arun Kumar Behera within 14days from the date of publication of this notification. Mobile - +91 8249658397.No complaint will be accepted after the stipulated time.

**Rabindra padiari**

**DR.H.K. MAHATAB COLLEGE, KUPARI**

At/Po- Kupari Dist: Balasore, Odisha 756059

**No- 1707** **Date. 27.12.2025**

**QUOTATION CALL NOTICE**

Sealed quotations are invited from different Firms/Dealers/Distributors/Supplier for supply and installation of 25 KVA Transformer (including Permission, Govt. permission, Govt. Deposit, and additional pole) to Dr. H.K. Mahatab College, Kupari, Balasore. The quotation should reach the undersigned on or before 03.01.2026at 2 pm. The quotations will be opened on the same day at 3 pm. The quotations should be submitted along with valid GST and IT clearance. The undersigned reserves the right to cancel any or all quotation without assigning any reason thereof.

Sd/- Principal, DR.H.K. Mahatab College, Kupari, Balasore

ରବିବାର, ଡିସେମ୍ବର ୨୮, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପିଏମ ଶ୍ରୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଜଳେଶ୍ୱର, ୨୭/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଛମୌଜ ପିଏମ ଶ୍ରୀ ମାଧବ ଚନ୍ଦ୍ର ଶିବ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ପିଏମ ଶ୍ରୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ନନ୍ଦୀଙ୍କ ଆହ୍ୱାନରେ ପୁରାତନ ଛାତ୍ର ସଂଶଦର ସଭାପତି ଗୌରହରି ଜେନାଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ଚାରିଟା ସମୟରେ ବିଦ୍ୟାଳୟ ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ଜାନୁଆରି ମାସ ୬ ତାରିଖ ପି ଏମ ଶ୍ରୀ ଉତ୍ସବ ପାଳନ ପାଇଁ ଦିନ ଧାର୍ଯ୍ୟ କରାଯାଇ ଥିଲା।ପିଏମ ଶ୍ରୀ ଯୋଜନାର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମକୁ ପିଲା ମାନେ କିପରି ଭଲ ଭାବରେ ପ୍ରଦର୍ଶିତ କରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା। ଏହି ପ୍ରସ୍ତୁତି ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିର୍ମଳ କୁମାର ଚନ୍ଦ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦ ସଂପାଦକ ମନୋରଞ୍ଜନ ଦାସ,ଅସିତ୍ କୁମାର ପାତ୍ର,ଡ଼ାକ୍ତର ଧନଞ୍ଜୟ ଜେନା,ଉମେଶ ଚନ୍ଦ୍ର ସି,ବିକାଶ କୁମାର ପତି,ଶିକ୍ଷକ ଗୋଲକ ବିହାରୀ ମହାପାତ୍ର,ପାର୍ଥ ସାରଥୀ ଦାସ, ଗୋବିନ୍ଦ ପ୍ରାମାଣିକ,ଶିକ୍ଷକ ପବିତ୍ର କୁମାର ଦାସ,ଡ.ଜ୍ୟୋତି ବିକାଶ ମହାପାତ୍ର ଙ୍କ ଶହ ବହୁ ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଆଲୋଚନାର ଅଂଶ ଗ୍ରହଣ କରିଥିଲେ।



## ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟା

### ମୀନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହୁଛି



ଭଦ୍ରକ, ୨୭/୧୨ (ନି.ପ୍ର): ଭଦ୍ରକର ସମରାଇପୁର ନାୟାର ପେଟ୍ରୋଲ ପମ୍ପ ନିକଟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟାରେ ଯୋଗଦେଇ ଚାକିରୀ ପଛରେ ନଧାଇଁ ଆତ୍ମନିର୍ଭରଶୀଳ ହେବାକୁ ନିମନ୍ତ୍ରିତ ଅତିଥିମାନେ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି। ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ଡିଏଫ୍ଓ ସଂସ୍ଥା ଓସ୍ମେ ଏବଂ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶୀତୁଆ ସନ୍ଧ୍ୟାର ଦ୍ୱିତୀୟାର୍ଦ୍ଧରେ ଓସ୍ମେର ସଭାପତି ସୁରଜ କୁମାର ସାହୁ ସ୍ୱାଗତ ଅଭିଭାଷଣ ରଖି ବିବିଏମର ପୃଷ୍ଠପୋଷକ ଶଶୀଶେଖର ବେହେରାଙ୍କୁ ଅଧକ୍ଷତା କରିବାକୁ ମଂଚ ଆମନ୍ତ୍ରଣ କରିଥିଲେ। ଏହାପରେ ଓସ୍ମେର ଲେଡିଜ୍ ୱିଙ୍ଗ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯିବାପରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ସଭାପତି ଶ୍ରୀ ବେହେରା ବାଣିଜ୍ୟ ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବାପରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଡିଆଇବି )ଅଂଶୁମାନ ଦ୍ୱିବେଦୀ , ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧୀରଞ୍ଜନ ନାୟକ,ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଜେପିର ସାଧାରଣ ସମ୍ପାଦକ ଅଶୋକ କୁମାର ପରିଛା, ସ୍ୱରାଜ ବାର୍ତ୍ତାର ସମ୍ପାଦକ ରବିନାରାୟଣ ଖିଲାର ପ୍ରମୁଖ ଯୋଗଦେଇ ଏହି ବାଣିଜ୍ୟ ମେଳାର ଆୟୋଜକଙ୍କୁ ସ୍ୱାଗତ କରି ପ୍ରତିବର୍ଷ ଏହି ଜିଲାରେ ଶିଳ୍ପର ବିକାଶ ପାଇଁ ଏଭଳି ମେଳାର ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଏହାପରେ ବିବିଏମର ପୃଷ୍ଠପୋଷକ ଶଶି ଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଶେଷରେ ଓସମେ ମହିଳା ଉଇଙ୍ଗର ସଭାପତି ଅର୍ପିତା ମହାନ୍ତି ଧନ୍ୟବାଦ ଦେବାପରେ ଜିଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା ।ତେବେ ଏହି ଜାତୀୟ ସ୍ତରୀୟ ବାଣିଜ୍ୟ ମେଳାରେ ଜନସମାଗମ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏହି ମେଳାର ଆୟୋଜକ ଓସ୍ମେ ର ସମସ୍ତ କର୍ମକର୍ତ୍ତାଙ୍କ ପ୍ରଚେଷ୍ଟାରେ ଗତ ୨୪ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ୩୦ ତାରିଖରେ ଉଦ୍‌ଯାପିତ ହେବ । ତେବେ ପ୍ରତ୍ୟେକ ଦିନ ଏହି ମେଳାକୁ ଆସିଥିବା ବିଭିନ୍ନ ରାଜ୍ୟ ଓ ଆମ ଓଡ଼ିଶା ରାଜ୍ୟ ବିଭିନ୍ନ ଜିଲାର ସ୍ୱୟଂ ସହାୟିକା ଗୋଷ୍ଠୀ, ଘରୋଇ କଂପାନୀ ସମେତ ବିଭିନ୍ନ ବିପଣୀ ମହିଳାମାନଙ୍କୁ ବେଶ୍ ଆକୃଷ୍ଟ କରିଥିବାବେଳେ ଏଥିରେ ପଡିଥିବା ମୀନା ବଜାର ଛୋଟ ଛୋଟ ପିଲାଙ୍କ ମନ ମୋହୁଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରାଜ୍ୟ ଓ ସ୍ଥାନୀୟ ଅଂଚଳର ବିଭିନ୍ନ ଅନୁଷ୍ଠାନ ଓ କଳାକାରମାନଙ୍କୁ ନେଇ ଆୟୋଜିତ ଓଡ଼ିଶୀ, ଛଉ, ଆଦିବାସୀ, ଗୋଟିପୁଅ ଭଳି ନୃତ୍ୟ ଓ ମେଲୋଡି ସହ ନୃତ୍ୟ ନାଟିକା ଆବାଳ ବୃଦ୍ଧ ବନିତାଙ୍କ ପାଇଁ ବେଶ୍ ମନୋରଂଜନର ଖୋରାକ ଯୋଗାଉଛି ।

## ଆଦିବାସୀ ପୂଜକଙ୍କୁ ମିଳିବ ଭତ୍ତା: ଅର୍ଜୁନ ମୁର୍ମୁଙ୍କୁ ପାରମ୍ପରିକ ପଗୁଡି ଦେଇ ସମ୍ବର୍ଦ୍ଧନା



ବାରିପଦା , ୨୭/୧୨ (ନି.ପ୍ର): ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ତଥା ଅଖିଳ ଭାରତ ସନ୍ତାଳୀ ଭାଷା ଓ ଲିପି ବିକାଶ ମୋର୍ଚ୍ଚାର କେନ୍ଦ୍ରିୟ ସଭାପତି ଅର୍ଜୁନ ମୁର୍ମୁଙ୍କ ଆନ୍ଦୋଳନ ସଫଳ ହୋଇଥିବାରୁ ଆଜି କୁଲିଅଣା ବ୍ଲକର ବିଭିନ୍ନ ସଙ୍ଗଠନର ସାମାଜିକ କର୍ମୀମାନେ ଆଦିବାସୀ ପାରମ୍ପରିକ ହଳଦିଆ ପଗୁଡିଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି । ପ୍ରକାଶ ଥାଉକି ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଆଦିବାସୀ ଗ୍ରାମର ପୂଜକଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ଏବଂ ପୂଜାସ୍ଥଳୀଗୁଡିକର ବିକାଶ ଓ ସୁରକ୍ଷା ଦାବିରେ ଅନେକଥର ସାଇକେଲଯାତ୍ରା ପଦଯାତ୍ରା ଧାରଣା ବିକ୍ଷୋଭ ଆନ୍ଦୋଳନ କରାଯାଇ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲା । ତାଙ୍କର ଦାବୀକୁ ନେଇ ଅନୁସୂଚିତ ଉପଦେଷ୍ଟା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରସ୍ତାବଦେଇ ଭତ୍ତା ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବାରୁ ଅର୍ଜୁନ୍ ମୁର୍ମୁଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଦୀର୍ଘଦିନର ଦାବୀ ପୂରଣ ହୋଇଛି ବୋଲି କହିଛନ୍ତି ଶ୍ରୀ ମୁର୍ମୁ । କିନ୍ତୁ ଅତ୍ୟନ୍ତ ଦୁଃଖର ସହ ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ, ଆଦିବାସୀ ପୂଜକଙ୍କ ସମେତ ଅନ୍ୟ ଆଦିବାସୀ ପାରମ୍ପାରିକ ମୁଖ୍ୟଙ୍କୁ ଭତ୍ତା ପ୍ରଦାନରୁ ବଞ୍ଚିତ କରାଯାଉଛି । ଗ୍ରାମରେ ହେଉଥିବା କଳି ଗଣ୍ଡଗୋଳର ବିଚାର ବା ସମାଧାନ କରିବା ପାଇଁ ଆଦିମ କାଳରୁ ମାଝୀ-ପାରଗାନା,ମାନକୀ-ମୁଣ୍ଡା, ପାହାଡ଼ି-ପଧାନ ବ୍ୟବସ୍ଥା ରହିଆସିଛି । ୧୯୯୨ରେ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପରେ ପରେ ପଞ୍ଚାୟତରାଜ ବ୍ୟବସ୍ଥାରେ ଆଦିବାସୀମାନଙ୍କ ଏହି ବ୍ୟବସ୍ଥାକୁ ସ୍ୱୀକୃତି ଦେବାପାଇଁ ୧୯୯୬ ମସିହାରେ ପେସା ଅଧିନିୟମ ଜାରି ହୋଇଥିଲା। କେବଳ ବିଚାର ବ୍ୟବସ୍ଥା ନୁହେଁ ଗ୍ରାମରେ ଥିବା ଜଳ, ଜଙ୍ଗଲ, ଜମି, ଖଣି ଇତ୍ୟାଦି ପ୍ରାକୃତିକ ସମ୍ପଦର ମାଲିକାନାକୁ ମଧ୍ୟ ଏହି ପାଞ୍ଚ ପଞ୍ଚାୟତର ପାରମ୍ପରିକ ଗ୍ରାମସଭାକୁ ସ୍ଥାନାନ୍ତରିତ କରିବା ଉଦ୍ଦେଶ୍ୟ ରହିଛି । ଆଦିବାସୀ ପାରମ୍ପରିକ ମୁଖ୍ୟ ମାଝୀ-ପାରଗାନା,ମାନକୀ-ମୁଣ୍ଡା, ପାହାଡି-ପଧାନ ଇତ୍ୟାଦିକୁ ଆବଶ୍ୟକ ସ୍ୱୀକୃତି ଦେବାର ଉଦ୍ୟମ କରି ଝାଡଖଣ୍ଡ ସରକାର ତାଙ୍କ ପାଇଁ ଭତ୍ତା ଦେବାର ବନ୍ଦବସ୍ତ କରିଛନ୍ତି । ପେସା ଅଧିନୀୟମ କାର୍ଯ୍ୟକାରୀ କରି ତାଙ୍କୁ ଅଧିକ କ୍ଷମତା ଦେବାପାଇଁ ଉଦ୍ୟମ ଚାଲିଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଓଡିଶା ସରକାର ଏହି ପାରମ୍ପରିକ ବିଚାର ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାପାଇଁ ଅଧାବଧି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏଣୁ ରାଜ୍ୟ ସରକାର ଅବିଳମ୍ବେ ଏଥିପ୍ରତି ଧ୍ୟାନ ଦେଇ ଆଦିବାସୀଙ୍କ ପାରମ୍ପାରିକ ବିଚାର ବ୍ୟବସ୍ଥା ମାଝୀ-ପାରଗାନା, ମାନକି-ମୁଣ୍ଡା, ପାହାଡି-ପଧାନି ଆଦି ବ୍ୟବସ୍ଥାକୁ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ ପାରମ୍ପାରିକ ମୁଖ୍ୟଙ୍କୁ ଭତ୍ତା ପ୍ରଦାନ କରିବାପାଇଁ ମାରିସା ପକ୍ଷରୁ ଦୃଢ଼ ଦାବୀ କରାଯାଇଛି ।

## ବୈଶିଙ୍ଗା ଲ୍ୟାମ୍ପସରେ ଧାନ ମଣ୍ଡି ଖୋଲିଲା

ବୈଶିଙ୍ଗା, ୨୭/୧୨ (ନି.ପ୍ର):ମୟୂରଭଞ୍ଜ ଜିଲାର ବୈଶିଙ୍ଗା ସ୍ଥିତ ବହୁମୁଖୀ ସମବାୟ ସମିତି ଲ୍ୟାମ୍ପ ପକ୍ଷରୁ ଧାନ କ୍ରୟ ଉଦ୍ଦେଶ୍ୟରେ ମଣ୍ଡି ଖୋଲିଛି। ଏହି ଅବସରରେ ଶୁକ୍ରବାର ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନାତନ ବିଜୁଳି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଡିଆରସିଏସ୍ ଅଶୋକ କୁମାର ପାଣି, ସିନିଅର ଏଆରସିଏସ୍ ତୁଷାର କାନ୍ତି ମହାନ୍ତି , ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା , ଅତିରିକ୍ତ ତହସିଲଦାର ଇଶ୍ୱର ଚନ୍ଦ୍ର ରଣା, ସମବାୟ ସମିତି ସଭାପତି ଶତୃଘ୍ନ ସିଂ, ପରିଚାଳନା ନିର୍ଦ୍ଦେଶକ ଶାନ୍ତାଗୌରା ପରିଡ଼ା, ଯୋଗାଣ ନିରୀକ୍ଷକ ଅଶୋକ ବେହେରା, ପରିଚାଳନା କମିଟିର ନିର୍ଦ୍ଦେଶକ ରବିନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚତୁର୍ଭୁଜ ପୁଷ୍ଟି ଙ୍କ ସହିତ ଭାଗବତ ମହାନ୍ତ ,ପ୍ରଫୁଲ୍ଲ ଦାସ ,ଅବନ୍ତି ପ୍ରଧାନ ପ୍ରମୁଖ ଚାଷୀମାନେ ମଧ୍ୟ ଉପସ୍ଥିତ ଥିଲେ। ତେବେ ଚଳିତବର୍ଷ ଏ ଯାଏ ୩୬୪୭ ଜଣ ଚାଷୀ ଏହି ସମବାୟ ସମିତିରେ ଅନଲାଇନ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ଖରିଫ ଚାଷୀ ମାନଙ୍କ ଠାରୁ ମୋଟ୍ ୯୧ କୁଇଣ୍ଟାଲ ଧାନ ଏହି ମଣ୍ଡିରେ କିଣା ଯାଇଥିବା ସୂଚନା ମିଳିଛି।

## ଶାସକ ଦଳର ମହିଳା ସରପଞ୍ଚଙ୍କୁ କର୍ମୀଙ୍କ ଅସୌଜନ୍ୟ ବ୍ୟବହାର ତଥା ମାଡ ମାରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି

ବୈଶିଙ୍ଗା , ୨୭/୧୨ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ବତୀ ସିଂ କୁ ରଘୁପୁର ଗ୍ରାମର ଜନୈକ ବ୍ୟକ୍ତି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଠେଲାପେଲା କରିବାକୁ ନେଇ ସରପଞ୍ଚ ଶ୍ରୀମତୀ ବତୀ ସିଂ ଗତ ୨୪ ତାରିଖରେ ବୈଶିଙ୍ଗା ଥାନାରେ ଅଭିଯୋଗ କରି ଥିଲେ । ଘଟଣାରୁ ପ୍ରକାଶ ରଘୁପୁର ଗ୍ରାମର ଏକ କଂକ୍ରିଟ ରାସ୍ତା କାମ କୁ ସରପଞ୍ଚ ବିଭାଗୀୟ କାର୍ଯ୍ୟ କରାଯିବାର ସିଦ୍ଧାନ୍ତ ନେଇଥିଲେ ମାତ୍ର ସେହି ଗ୍ରାମର ତ୍ରିଲୋଚନ ନାୟକ ଙ୍କ ପୁତ୍ର ଅଜୟ ନାୟକ ଜବରଦସ୍ତ ଏହି କାମ ଟିକୁ କରିବା ପାଇଁ ମାଲ ମେଟାଲ ଜମା କରିଦେଇଥିଲେ । ଏହା ଦେଖି ସରପଞ୍ଚ ବିଭାଗୀୟ ପଞ୍ଚାୟତ ଅଧିକାରୀଙ୍କ ସହଯୋଗରେ କଂକ୍ରିଟ କାମଟି ସମ୍ପୂର୍ଣ୍ଣ କରିଦେଇଥିଲେ । ଏଥିରେ କ୍ଷୁବ୍ଧ ହୋଇ ଅଜୟ ନାୟକ ଫୋନରେ ଅଶ୍ରାବ୍ୟ ଭାଷା ସହିତ ରାଡ଼ୁଣୀ ବୋଲି ଗାଳି ଗୁଲଜ କରିଥିଲା । କାହିଁକି ଗାଳି ଦେଲୁ ବୋଲି ପଚାରିବା ପାଇଁ ସରପଞ୍ଚ ତାଙ୍କ ଘର ନିକଟରେ ପହଞ୍ଚି ରାସ୍ତା ଉପରେ ଠିଆ ହୋଇ ଅଜୟ କୁ ଡାକିବାରୁ ଅଜୟ, ତାର ସ୍ତ୍ରୀ, ତାର ବାପା ଓ ମାଆ ସମସ୍ତେ ଘରୁ ବାହାରି ଆସି ସେହିଭଳି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଛାଞ୍ଚୁଣୀ ରେ ପିଟିବା , ଠେଲି ଦେବାରୁ ଭୟରେ ନିଜ ସ୍କୁଟିରେ ପଳାଇ ଆସିବା ବେଳେ ସ୍କୁଟିକୁ ଅଜୟ ଗୋଇଠା ମାରିଲା । ଏହାକୁ ଭିତି କରି ଦୁଇ ଦିନ ଟନାଘନା ପରେ ବିଧାୟକ ସନାତନ ବିଜୁଳି ଙ୍କ ଚାପରେ ସରପଞ୍ଚ ୨୫ ତାରିଖ ସନ୍ଧ୍ୟାରେ ଥାନାରେ ଏକ ଆପୋଷ ବୁଝାମଣା ହେଲା ବୋଲି ପ୍ରକାଶ କରିଥିଲେ । ଯେହେତୁ ଉଭୟ ପକ୍ଷ ଶାସକ ବିଜେପି ଦଳର ହୋଇଥିବାରୁ ପୋଲିସ ମଧ୍ୟ ଚାପରେ ସମାଧାନ କରାଇଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି ।

## ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ



ଭଦ୍ରକ , ୨୭/୧୨ (ନି.ପ୍ର): ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ୨୯ ତମ ବିଜେଡ଼ି ପ୍ରତିଷ୍ଠା ଦିବସ ବନ୍ତ ଡିଗି ପୋଖରୀ ଠାରେ ପାଳନ ହୋଇଯାଇ ଥିବା ବେଳେ ୬୦୦୦ ରୁ ଅଧିକ ଶଙ୍ଖ ସଙ୍ଗଠନ ସୈନିକ ତୃଣମୂଳ ସ୍ତରର କର୍ମକର୍ତ୍ତା ଯୋଗଦେଇ ଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଆଳି ବିଧାୟକ:- ପ୍ରତାପ କୁମାର ଦେବ ଯୋଗଦେଇ ଥିବା ବେଳେ ଉପସ୍ଥିତ ଥିଲେ ଭଣ୍ଡାରିପୋଖରୀ ବିଧାୟକ:- ସଂଜୀବ୍ କୁମାର ମଲ୍ଲିକ,ଜିଲ୍ଲା ପରିଷଦ ଅଧ୍ୟକ୍ଷ:- ପ୍ରଫୁଲ୍ଲ କୁମାର ଜେନା, ବିଜେଡ଼ି ବନ୍ତ ବ୍ଲକ୍ ଉପାଧକ୍ଷ:- ପ୍ରଗତି ବାଲା ସ୍ୱାଇଁ ,ବନ୍ତ ବ୍ଲକ୍ ବିଜେଡ଼ି ସଭାପତି:- ଲକ୍ଷ୍ମୀକାନ୍ତ ମହାନ୍ତି ,ଭଣ୍ଡାରିପୋଖରୀ ବ୍ଲକ୍ ବିଜେଡ଼ି ସଭାପତି:- ଲକ୍ଷ୍ମୀଧର ସାହୁ, ବିଜୁ ଯୁବ ଜନତା ଦଳ ର ରାଜ୍ୟ ସାଧାରଣ ସମ୍ପାଦକ:- ସ୍ମୃତି ରଞ୍ଜନ ସ୍ୱାଇଁ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ବରିଷ୍ଠ ଉପ ସଭାପତି:- ଚିନ୍ମୟ କୁମାର ଦାସ,ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି:- ଦିପ୍ତୀ ସୂର୍ଯ୍ୟ ବିଶ୍ୱାଳ,ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି:-ବୀପିନ୍ ନାୟକ ବନ୍ତ ବ୍ଲକ୍ ବିଜୁ ଯୁବ ସଭାପତି:- ସତ୍ୟସାଦ୍ଧନ ବେଜ,ଉତ୍କଳ କେଶରୀ ମହାନ୍ତି, ବରିଷ୍ଠ ନେତୃତ୍ୱ:- ସଂଜୀବ୍ କୁମାର ପରିଡା, ।

## ମହୋତ୍ସବ ସମ୍ପର୍କ ଯୋଡ଼େ ଅଞ୍ଚଳର ବିକାଶକୁ ଆଗକୁ ନିଏ : କଷାଫଳ ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ




ଲଙ୍ଗଳେଶ୍ୱର , ୨୭/୧୨ (ନି.ପ୍ର): କଷାଫଳ ପଞ୍ଚାୟତ ସ୍ଥିତ ସିଦ୍ଧ ପୁରୁଷ ବାବା ସାରଙ୍ଗ ଦେବ ପୀଠ ନିକଟରେ ବାବା ବାଲ ଗଣେଶ କ୍ଲବ ତରଫରୁ ଶୁକ୍ରବାର କଷାଫଳ ବେଳାଭୂମି ମହୋତ୍ସବ ପ୍ରଥମ କରି ଉଦଘାଟିତ ହୋଇଯାଇଛି। ମହୋତ୍ସବ ସମ୍ପର୍କ ଯୋଡ଼େ ତଥା ଅଞ୍ଚଳର ବିକାଶର କଥା କହେ ବୋଲି ଏହି ଉତ୍ସବ ରେ ଅତିଥି ମାନେ ଯୋଗ ଦେଇ କହିଛନ୍ତି।ଏହି ମହୋତ୍ସବ ସାତ ଦିନଧରି ଚାଲିବ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆମନ୍ତ୍ରିତ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ପ୍ରଭୁ ଜଗନ୍ନାଥଙ୍କୁ ଧୂପ, ଦୀପ, ମାଲ୍ୟାର୍ପଣ ଆଦି କରାଯାଇଥିଲା। ପରେ ଅଧ୍ୟାପକ ସଚିନ୍ଦ୍ର ଦତ୍ତ ମଞ୍ଚ ପରିଚାଳନା ତଥା କଷାଫଳ ଗ୍ରାମର ବାବା ସାରଙ୍ଗ ଦେବ , ଜଗନ୍ନାଥ ମନ୍ଦିର ର ସମ୍ପୃକ୍ତ କିମ୍ବଦନ୍ତୀକୁ ସୁନ୍ଦର ଭାବରେ ବଖାଣି ଥିଲେ।ଆମନ୍ତ୍ରିତ ଅଥିତିମାନଙ୍କୁ ମଞ୍ଚାସୀନ ପୂର୍ବକ ପରିଚୟ ପ୍ରଦାନ ତଥା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଷାଫଳ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ଆଦିକ , ମୁଖ୍ୟ ବକ୍ତା ଇଂ ନନ୍ଦଦୁଲାଲ ଘଡାଇ , ସମ୍ମାନିତ ଅତିଥି ଭାବେ ଶିବାନନ୍ଦ ପାତ୍ର, ବର୍ତ୍ତମାନର ନାୟବ ସରପଞ୍ଚ ପ୍ରିୟରଞ୍ଜନ ପୃଷ୍ଟି, ସମିତି ସଭ୍ୟ ପ୍ରିୟଙ୍କା ଜେନା, ଯୁବ ସମାଜ ସେବୀ ମୁକୁନ୍ଦ ଆଦିକ୍, ବରେନ୍ଦ୍ର ପାତ୍ର, ନିରଞ୍ଜନ ପାତ୍ର, ପ୍ରମୁଖ ଉପସ୍ଥି ଥିଲେ।ଅତିଥି ବୃନ୍ଦ ଆୟୋଜକ ବାଲଗଣେଶ କ୍ଲବର ସଭାପତି ଗୋପୀ କୃଷ୍ଣ ପାତ୍ର, ସଂପାଦକ ସପ୍ନେଶ୍ୱର ପାତ୍ର, ସମସ୍ତ ସଭ୍ୟ ମାନଙ୍କୁ ଭୂୟସୀ ପ୍ରଶଂସା , ତଥା ସମସ୍ତଙ୍କ ସାହାଯ୍ୟ ସହଯୋଗ , ଶୃଙ୍ଖଳା, ଉନ୍ନତି, କାମନା କରିଥିଲେ। ସର୍ବ ଶେଷରେ ଦିଲିପ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା।

## ଗୁହାଳିଆରେ ହାତୀ ଆତଙ୍କ: ଭାଙ୍ଗିଲା ଝରକା ଗ୍ରିଲ୍, ଖାଇଲା ଧାନ



ନୀଳଗିରି, ୨୭/୧୨ (ନି.ପ୍ର): ନୀଳଗିରିରେ ବାରମ୍ବାର କୁଳଡିହା ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଥିବା ବେଳେ ପୁଣି ଆତଙ୍କସୃଷ୍ଟି କରିଛି ଗୋଟିଏ ହାତୀ। ହାତୀଟି ଦୁଇଘଣ୍ଟା ଧରି ଗାଁରେ ଉପଦ୍ରବ କରିଚାଲିଥିବା ବେଳେ ଭୟରେ ଥିଲେ ଗ୍ରାମବାସୀ। ସୂଚନା ଅନୁଯାୟୀ ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମରେ ଗତକାଲି ବିଳମ୍ବିତ ରାତ୍ରୀରେ କୁଲଡ଼ିହା ଅଭୟାରଣ୍ୟରୁ ଏକ ହାତୀ ପଶି ଆସିଥିଲା। ଉକ୍ତ ଗ୍ରାମର ଶାନ୍ତନୁ ପୁଟିଙ୍କ ପକ୍କାଘରର ଝରକା ଗ୍ରିଲ ଭାଙ୍ଗିବା ସହିତ ଘରଭିତରେ ଅମଳକରି ରଖିଥିବା ଧାନବସ୍ତାରୁ ଧାନ ଖାଇବାପରେ ଧାନ ବସ୍ତା ଗୁଡ଼ିକୁ ନଷ୍ଟ କରିଥିଲା। ସେହିପରି ଗ୍ରାମର କାର୍ତ୍ତିକ ଚନ୍ଦ୍ର ପୁଟିଙ୍କ ଘରର ଛପର ଏବଂ ବାଡିରେ ପଶି ଦୀର୍ଘ ଦୁଇଘଣ୍ଟାରୁ ଅଧିକ ସମୟ ହାତୀଟି ଉପଦ୍ରବ କରିଥିଲା। ଗ୍ରାମବାସୀ ବନବିଭାଗକୁ ଖବର ଦେବାପରେ ବନବିଭାଗ ପହଞ୍ଚି ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡାଇ ଦେଇଥିବା ଜଣାପଡିଛି। ତେବେ ହାତୀ ବାରମ୍ବାର ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁ ରେ ପଶି ବ୍ୟାପକ ନଷ୍ଟ କରୁଥିବାରୁ ବନବିଭାଗ ଅଧିକ ସଚେତନ ରହି ସୁରକ୍ଷା ବ୍ୟବସ୍ଥାଗ୍ରହଣ କଲେ ଗ୍ରାମ ଗୁଡ଼ିକରେ ଲୋକେ ଶାନ୍ତିରେ ରହି ପାରିବେ ବୋଲି ଗ୍ରାମବାସୀ କହିଛନ୍ତି।

## ନୀଳଗିରି କ୍ରିକେଟ ଲିଗ୍ ସିଜିନ-୫ : ଦ୍ୱିତୀୟ ସେମିଫାଇନାଲ, ମହାବୀର ୟୁନାଇଟେଡ ବିଜୟୀ

ନୀଳଗିରି , ୨୭/୧୨ (ନି.ପ୍ର): ନୀଳଗିରି କ୍ରିକେଟ ଲିଗ୍ ସିଜିନ -୫ର ଦ୍ୱିତୀୟ ସେମିଫାଇନାଲର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ କୈଳାସ ଚନ୍ଦ୍ର ହାଇସ୍କୁଲ ପଡିଆରେ ମହାବୀର ୟୁନାଇଟେଡ ଏବଂ ବାବା ସର୍ବେଶ୍ୱର ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଏକ ରୋମାଞ୍ଚକର ମ୍ୟାଚରେ ୧୩୦ରନର ପିଛାକରି ମହାବୀର ୟୁନାଇଟେଡ ୧୧ଓଭରରେ ୬ଟି ୱିକେଟ ହରାଇ ବିଜୟଲକ୍ଷ୍ୟ ପାରିକରି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ପ୍ରଥମେ ବାବା ସର୍ବେଶ୍ୱର ଫାଇଟର ନିର୍ଦ୍ଧାରିତ ୧୨ଓଭରରେ ୧୩୦ରନ୍ ର ବିଶାଳ ସ୍କୋରକରି ପ୍ରତିପକ୍ଷ ଦଳକୁ ଟାର୍ଗେଟ ଦେଇଥିବା ବେଳେ ମହାବୀର ୟୁନାଇଟେଡ ସହଜରେ ଏହିଲକ୍ଷ୍ୟକୁ ହାସଲ କରିନେଇଥିଲେ। ମହାବୀର ଦଳର ମୀର ହୁସେନ୍ ୨୦ରନ୍ ଦେଇ ୩ଗୋଟି ମୂଲ୍ୟବାନ ୱିକେଟ ନେଇଥିବା ବେଳେ ୨୩ବଲ୍ ରୁ ୪୭ରନ୍ ସଂଗ୍ରହକରି ନଟଆଉଟ୍ ରହି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦେବାଶିଷ ବେହେରା ଏବଂ ଜଗନ୍ନାଥ ଦାସ ଆଜିର ମ୍ୟାଚ୍ ପରିଚାଳନା କରିଥିଲେ। ଶେଷରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ଖେଳାଳୀ ଏବଂ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

## ଘନ କୁହୁଡ଼ି ନେଇ ଆଗାମୀ ୨୪ ଘଂଟା ପାଇଁ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଘନ କୁହୁଡ଼ି ନେଇ ଆଗାମୀ ୫ ଦିନ ପାଇଁ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଘନ କୁହୁଡ଼ି ନେଇ ଆଗାମୀ ୨୪ ଘଂଟା ଅର୍ଥାତ୍ ୨୮ ତାରିଖ ସକାଳ ପର୍ଯ୍ୟନ୍ତ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲା ଗୁଡିକ ହେଲା ସୁନ୍ଦରଗଡ଼, ଢ଼େଙ୍କାନାଳ, ନୟାଗଡ଼, କନ୍ଧମାଳ, କୋରାପୁଟ । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ ମିଟରୁ ୨୦୦ ମିଟର ମଧ୍ୟରେ ରହିପାରେ ।

## ସୋସୋ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଭଦ୍ରକ, ୨୭/୧୨ (ନି.ପ୍ର): ଆଗରପଡା ସନ୍ନିକଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସୋସୋରେ ଦୁଇଦିନ ବ୍ୟାପି ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅୟୋଜିତ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ନାହକ ଯୋଗ ଦେଇ କ୍ରିଡା ଶରୀରକୁ ସୁସ୍ଥ ଓ ଶବଳ ରଖିବା ସହ ଦୈନନ୍ଦିନ କାର୍ଯ୍ୟ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ବିନିତା ବିଶ୍ୱାଳ, ଲକ୍ଷ୍ମଣ ଦାସ, ଚିନ୍ମୟୀ ପଣ୍ଡା, ଗୀତାଶ୍ରୀ ନାୟକ, ଲିପ୍ସାମୟୀ ସା, ଋତୁପୂର୍ଣ୍ଣା ନାୟକ ପ୍ରମୁଖ ପାଠପଢା ସାଙ୍ଗକୁ ଖେଳୁଆଳ ମନୋଭାବ ରଖି ଜୀବନର ଲକ୍ଷ୍ୟ ପଥରେ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା । କ୍ରୀଡା ଶିକ୍ଷକ ଏମ୍ଏସ ବିକାଶଙ୍କ ତତ୍ତ୍ୱାବଧାନରେ ଆର୍ତବନ୍ଧୁ ଜେନା, ଅନୁସୟା ରାଉତ, ରଞ୍ଜିତାରାଣୀ ପଣ୍ଡା, ଶେଖ୍ ଖେଲୁନ୍ ମହମ୍ମଦ ଏବଂ ମମତା ମଞ୍ଜରୀ ମହାରଣା କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida